R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୬
ତିଥି : ଦ୍ୱିତୀୟା
୧୪ ମେ’ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 216
14 May 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଆଦାମପୁର ଏୟାରବେସ୍‌ରୁ ପାକ୍‌କୁ ମୋଦିଙ୍କ କଡ଼ା ଚେତାବନୀ

# ଘରେ ପଶି ମାରିବୁ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଆଜି କଡ଼ା ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତୀୟ ସୈନିକ ଯେତେବେଳେ ଭାରତ ମା’ର ଜୟଜୟକାର କରନ୍ତି, ସେତେବେଳେ ଶତ୍ରୁଙ୍କ ଛାତି ଥରିଉଠିଥାଏ । ଆମ ମିସାଇଲ ଅଗ୍ନି ବର୍ଷା କରି ଲକ୍ଷ୍ୟରେ ପହଞ୍ଚେ । ଶତ୍ରୁଙ୍କ ଉପରେ ଭାରତ ମାତାର ଜୟ ହୋଇଛି । ଆତଙ୍କବାଦୀ ଆମ ମା’ ଭଉଣୀଙ୍କ ସିନ୍ଦୂର ପୋଛିଥିଲେ । ଆମେ ସେମାନଙ୍କ ଘରେ ପଶି ଖୋଜିଖୋଜି ମାରିଲୁ । ୯ଟି ଆତଙ୍କୀ ଠିକଣାକୁ ମାଟିରେ ମିଶାଇଲୁ । ଏଣିକି ଏଭଳି କଲେ ସର୍ବଦା ଘରେ ପଶି



ଜବାବ ଦେବାରୁ ତାହା ସଫଳ ହୋଇ ନଥିଲା । ଅପରେସ ସିନ୍ଦୂର ଆମ ମନୋବଳ ବଢ଼ାଇଛି । ୨୦ରୁ ୨୫ ମିନିଟ ମଧ୍ୟରେ ସଠିକ ଟାର୍ଗେଟ୍ ନିଶ୍ଚିତ ବାହାଦୁରୀ ସେମାନେ କିଛି କଳ୍ପନା କରିବା ପୂର୍ବରୁ ଆମେ ଠିକ୍ ଟାର୍ଗେଟ କଲେ । ଆତ୍ମରକ୍ଷା ବାଟ ନପାଇ ପାକିସ୍ତାନ ବେସାମରିକ ବିମାନ ଉଡ଼ାଇଲା । ଭାରତୀୟ ସେନା ବେଶ୍ ସତର୍କତାର ସହ ଆତଙ୍କୀ ଠିକଣାରେ ପହଞ୍ଚିଲେ । ପାକିସ୍ତାନୀ ଡ୍ରୋନ୍ ଓ ଏୟାର କ୍ରାଫ୍ଟ ଆମ ପ୍ରତିରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରିପାରିଲା ନାହିଁ । ଅପରେସନ ସିନ୍ଦୂର ଆମ ନିୟୁ ନର୍ମାଲ କୌଣସି

ମାରିବୁ ବୋଲି ସେ ଚେତାବନୀ ଦେଇଛନ୍ତି । ଆତଙ୍କବାଦୀଙ୍କ ପାଇଁ ପାକ୍‌ର କୌଣସି ସ୍ଥାନ ସୁରକ୍ଷିତ ନୁହେଁ ।

ପ୍ରଧାନମନ୍ତ୍ରୀ ଆଜି ଆଦାମପୁରରେ ଥିବା ଏୟାରବେସ୍‌ରେ ଯବାନମାନଙ୍କୁ ଭେଟି ସେମାନଙ୍କ ମନୋବଳ ବଢ଼ାଇଛନ୍ତି । ଆଦାମପୁର ଯାଇ ସୈନିକମାନଙ୍କ ସହ କଥା ହୋଇଛନ୍ତି । ପାକିସ୍ତାନ ସେନା ୪ ଏୟାରବେସ୍ ଉଧମପୁର, ପଠାନକୋଟ୍, ଆଦାମପୁର ଏବଂ

ଆମ ମିଶାଇଲ୍‌ରେ ଶତ୍ରୁ ଥରହର

ଆତଙ୍କୀଙ୍କ ପାଇଁ ପାକ୍‌ର କୌଣସି ସ୍ଥାନ ସୁରକ୍ଷିତ ନୁହେଁ

ପାକିସ୍ତାନର ମିଛ ଦାବିକୁ ପ୍ରମାଣ ଦେଲେ

ପରମାଣୁ ବ୍ଲାକ୍‌ମେଲିଂକୁ ସହିବୁନାହିଁ

ଆମେ ଶାନ୍ତି ଚାହୁଁ, ଯୁଦ୍ଧ ହେଲେ ମାଟିରେ ମିଶାଇବୁ

ବୁଟ୍‌କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲା । ଭାରତୀୟ ସେନା ଦୃଢ଼ ଆଣବିକ ବ୍ଲାକ୍‌ମେଲିଂକୁ ଭାରତ ସହିବ ନାହିଁ । ତିନିସେନା (୯ ପୃଷ୍ଠାରେ)

## ୩ ଆତଙ୍କୀ ନିପାତ

ନୂଆଦିଲ୍ଲୀ, ୧୩।୫ : ଜମ୍ମୁ-କାଶ୍ମୀରରେ ସୁରକ୍ଷାବଳ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ୍‌ରେ ୩ ଆତଙ୍କୀ ନିପାତ ହୋଇଛନ୍ତି । ଏକେ-୪୭ ବନ୍ଧୁକ ବହୁ ପରିମାଣରେ ଜବତ କରାଯାଇଛି । ସୋଫିଆନ୍ ଅଞ୍ଚଳରେ ଥିବା ଜିନ୍‌ପଥରରେ ଲସ୍କର-ଇ-ତୋଇବାର ଆତଙ୍କୀମାନେ ଲୁଚିଥିବା ଖବର ପାଇ ଅପରେସନ୍ ଆରମ୍ଭ ହୋଇଥିଲା । ମୃତ ୩ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇଛି । ସହିଦ କୁଟ୍ଟେ, ଆନନ୍ଦ ସାଫିଙ୍କୁ ଚିହ୍ନଟ କରାଯାଇଛି । ଉଭୟ ସୋଫିଆନ୍‌ର ବାସିନ୍ଦା । କୁଟ୍ଟେ ୨୦୨୩ରେ ଲସ୍କର-ଇ-ତୋଇବାରେ ଯୋଗ ଦେଇଥିଲା । ଗତବର୍ଷ ଏପ୍ରିଲ ୮ରେ ଦୁଇ ଜର୍ମାନ ପର୍ଯ୍ୟଟକଙ୍କୁ ଗୁଳି କରିବା ଘଟଣାରେ ସେ ସମ୍ପୃକ୍ତ ଥିଲା । (୯ ପୃଷ୍ଠାରେ)

# ଆସୁଛି ବାତ୍ୟା !

ଭୁବନେଶ୍ୱର, ୧୩।୫ (ସବ୍ୟୁ) : ରାଜ୍ୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବା ବେଳେ ଗୁଳୁଗୁଳି ନୟାନ୍ତ କରିଛି। ସକାଳ ସାଢେ ୮ ଟାରୁ ଆର୍ଦ୍ରତା ୫୦ପ୍ରତିଶତରୁ ଉର୍ଦ୍ଧ୍ୱ ରହିବା ଯୋଗୁଁ ତାପମାତ୍ରା ୪୦° ରୁ କମ୍ ରହିଥିଲେ ମଧ୍ୟ ୪୫° ଉପରେ ଅନୁଭୂତ ହେଉଛି। ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେତୁ ଅନେକ ସହରରେ ପାରଦ ତଳମୁହାଁ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ୧୬ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେଇପାରେ । ଏନେଇ କିଛି ପାଣିପାଗ ବିଜ୍ଞାନୀ ଆଶଙ୍କା କରିଛନ୍ତି। ତେବେ ଭାରତୀୟ

ୄ୪୦° ଉପରେ୧୧ ସହରର ପାରଦ

ଝାରସୁଗୁଡ଼ାରେ ସର୍ବାଧିକ ୪୩ ଡିଗ୍ରୀ

କାଳବୈଶାଖୀ କମାଇବ ତାତି

ପାଣିପାଗ ବିଭାଗ ସମ୍ଭାବ୍ୟ ବାତ୍ୟାକୁ ନେଇ କୌଣସି ସତର୍କ ସୂଚନା ଜାରି କରିନାହିଁ।

ଭାରତୀୟ ପାଣିପାଗ କହିବା ଅନୁସାରେ, ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେଉଛି। ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ୧୬ ତାରିଖ ବେଳକୁ ଲଘୁଚାପ ରୂପ ନେଇପାରେ। ପଶ୍ଚିମବଙ୍ଗ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂତ୍ରରୁ ଜଣାପଡ଼ିଛି ପୂର୍ବ କେନ୍ଦ୍ରୀୟ (୯ ପୃଷ୍ଠାରେ)

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ

ନୂଆଦିଲ୍ଲୀ, ୧୩।୫ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି । ସମଗ୍ର ଦେଶର ଲକ୍ଷାଧିକ ଛାତ୍ର ଏହି ଫଳ ଲାଗି ଅପେକ୍ଷା କରିଥିଲେ । ଏଥର ପାସ୍ ହାର ଅଧିକ ରହିଛି । ଉଭୟ ଘରୋଇ ଓ ଆନ୍ତର୍ଜାତୀୟ ସ୍ତରର ଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି ।

ଗତବର୍ଷ ତୁଳନାରେ ପାସ୍ ହାର ୦.୦୬% ବୃଦ୍ଧି ପାଇ ୯୩.୬୦%ରେ ପହଞ୍ଚିଛି । ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି । ୯୫% ଛାତ୍ରୀ ପରୀକ୍ଷାରେ ପାସ୍ କରିଛନ୍ତି । ସେହିଭଳି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ୮୮.୩୯% ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ୪୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ଦେଇଥିଲେ । ଦ୍ୱାଦଶ ଶ୍ରେଣୀ ଫାଇନାଲ ପରୀକ୍ଷା ଏପ୍ରିଲ ୪ରେ ଅନୁଷ୍ଠିତ ହୋଇଥିଲା । ଦଶମ ଶ୍ରେଣୀ ପରୀକ୍ଷା ଫଳରେ ୧.୯୯ ଲକ୍ଷ ଛାତ୍ର ୯୦% ନମ୍ବର ରଖିଥିବାବେଳେ ୪୫ ହଜାର ପରୀକ୍ଷାର୍ଥୀ ୯୫% ନମ୍ବର ରଖିଛନ୍ତି । ଦଶମ ଶ୍ରେଣୀରେ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ପରୀକ୍ଷା ଦେଇଥିବାବେଳେ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । (୯ ପୃଷ୍ଠାରେ)

ଦଶମରେ ପାସ୍‌ହାର ୯୩.୬୦%

ଦ୍ୱାଦଶରେ ପାସ୍‌ହାର ୮୮.୩୯%

### ସମସ୍ତ ସଚିବସ୍ତରୀୟ ବୈଠକ

## ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର ଦିଅ



ଭୁବନେଶ୍ୱର, ୧୩।୫ (ସବ୍ୟୁ) : ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଯେଉଁ ଯେଉଁ ଜିଲ୍ଲା ବା ସ୍ଥାନରେ ପାନୀୟ ଜଳ ସମସ୍ୟା ରହୁଛି, ତାହାର ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନିଅ । ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖୋଲାଯାଇଥିବା ଜଳଛତ୍ର ଯେପରି ଠିକ୍ ଭାବେ କାର୍ଯ୍ୟକ୍ଷମ ହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ସଚିବ ସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ (୯ ପୃଷ୍ଠାରେ)

# ପିଓକେ ଖାଲି କରୁ ପାକ୍ : ଏମ୍‌ଇଏ

ନୂଆଦିଲ୍ଲୀ, ୧୩।୫ : ଜମ୍ମୁ-କାଶ୍ମୀର ସହ ଜଡିତ ହେଉଛି ଦ୍ୱିପାକ୍ଷିକ ପ୍ରସଙ୍ଗ । ଏହାକୁ ନେଇ ଆମର ଦୀର୍ଘକାଳୀନ ଜାତୀୟ ନୀତି ରହିଛି । ପାକିସ୍ତାନ ଦ୍ୱାରା ଅବୈଧ ଭାବେ ଅଧିକୃତ ଭାରତୀୟ ଅଞ୍ଚଳକୁ ମୁକ୍ତ କରାଯାଉ । ପିଓକେ ଖାଲି କରିବା ଦାବିରେ ଭାରତ ଅଟଳ ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ମୁଖପାତ୍ର ରଣଧିର ଜୟଶ୍ୱାଲ କହିଛନ୍ତି ।

ଗଣମାଧ୍ୟମକୁ ସମ୍ବୋଧନ କରି ଜୟଶ୍ୱାଲ କହିଛନ୍ତି ଯେ ପାକିସ୍ତାନର ଡିଜିଏମ୍‌ଓ ଅସୁବିଧାର ସମ୍ମୁଖୀନ ହେବାପରେ ଭାରତ ସହ ସିଧାସଳଖ କଥା ହୋଇଥିଲେ । ତେବେ ଭାରତ



ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ଦାବି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ । ଅସ୍ତ୍ର ବିରତି ପାଇଁ କୌଣସି ବାଣିଜ୍ୟ କାରବାର କଥା ମଧ୍ୟ ଉଠିନାହିଁ । ଏ ସମ୍ପର୍କରେ ଆଲୋଚନା ହୋଇନାହିଁ । ଦୁଇ ରାଷ୍ଟ୍ର ମଧ୍ୟରେ କେବଳ ସାମରିକ ଉତ୍ତେଜନା ହ୍ରାସ କରିବାକୁ ଆଲୋଚନା କରାଯାଇଥିଲା । ପିଓକେ ଖାଲି କରିବା ଦାବିରେ ଭାରତ ଅଟଳ ରହିଛି । ପ୍ରଥମେ ପାକିସ୍ତାନ ଅସ୍ତ୍ର ବିରତି ପାଇଁ ପ୍ରସ୍ତାବ ରଖିଥିଲା । ମେ’ ୧୦ରେ ପାକିସ୍ତାନରୁ ଫୋନ୍ ଆସିଥିଲା । ସିନ୍ଧୁ ଚୁକ୍ତି ଏବେବି ସ୍ଥଗିତ ରହିବ । ହାରିକି ବି ଜିତିଲା ଭଳି ପାକିସ୍ତାନ ଡ୍ରାମା କରୁଛି । ଏହା ତା’ର ପୁରୁଣା ଅଭ୍ୟାସ । ହାରି ସାରିବା ପରେ ବି ସେମାନେ ଜିତିବାର ଢୋଲ ବଜାନ୍ତି । ୧୯୭୧, (୯ ପୃଷ୍ଠାରେ)

ଅସ୍ତ୍ର ବିରତିରେ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ

ହାରିବା ପରେ ବି ଜିତିବା ଭଳି ଡ୍ରାମା କରୁଛି ପାକ୍

କାଶ୍ମୀର ପ୍ରସଙ୍ଗରେ ତୃତୀୟ ପକ୍ଷର ହସ୍ତକ୍ଷେପ ହେବନି

ଅସ୍ତ୍ର ବିରତି ଲାଗି ପାକ୍ କରିଥିଲା ଗୁହାରି

## ପ୍ରାଥମିକ, ମାଧ୍ୟମିକ ଶିକ୍ଷକଙ୍କ ଲାଗି ବଦଳି ନୀତି

ଭୁବନେଶ୍ୱର, ୧୩।୫ (ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷକଙ୍କର ବଦଳି ନୀତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ସାଂସଦ ଓ ବିଧାୟକମାନେ ଆବଶ୍ୟକ କରୁଥିବା ଉଭୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ୧୫ ଶିକ୍ଷକଙ୍କ ବଦଳି ପାଇଁ ସେମାନଙ୍କ ନିର୍ବାଚନମଣ୍ଡଳୀସ୍ତରୀୟ ସୁପାରିସ କରିପାରିବେ । ସଂପୃକ୍ତ ଜିଲ୍ଲାପାଳଙ୍କୁ ଏହା ପ୍ରଦାନ କରାଯିବ ଓ ଜିଲ୍ଲାସ୍ତରୀୟ ବଦଳି କମିଟି (ଡିଏଲ୍‌ଟିସି)କୁ ବଦଳି ରତୁରେ ଏହା ପ୍ରଦାନ କରାଯିବ ।

ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ କୌଣସି ସ୍ଥିତିରେ ଏହା ଯୁକ୍ତିଯୁକ୍ତ ନୀତିକୁ ଉଲ୍ଲଂଘନ କରିନଥିବ । ଯେଉଁ ଶିକ୍ଷକଙ୍କର ଜରୁରୀ ଆବଶ୍ୟକତା ଥିବ ତାହାକୁ ପ୍ରାଥମିକତା ଦିଆଯିବ । ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ କୌଣସି ଶିକ୍ଷକଙ୍କ ବଦଳି କରାଯିବ ନାହିଁ । ସାଂସଦ ଓ ବିଧାୟକମାନେ ଜିଲ୍ଲାପାଳଙ୍କ ନିକଟରେ ତାଙ୍କ ପ୍ରସ୍ତାବ ଦେବେ । ପରବର୍ତ୍ତୀ ସମୟରେ ଏହା ଡିଏଲ୍‌ଟିସିରେ ଚୂଡ଼ାନ୍ତ ହେବ । ଯେଉଁ ଲୋକସଭା ନିର୍ବାଚନମଣ୍ଡଳୀ ଗୋଟିଏ ଜିଲ୍ଲାରୁ ଅଧିକ କ୍ଷେତ୍ରକୁ ସମ୍ପ୍ରସାରିତ (୯ ପୃଷ୍ଠାରେ)

## ଓପିଏସ୍‌ସିରେ ୨ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୧୩।୫ (ସବ୍ୟୁ) : ଓଡ଼ିଶା ଲୋକସେବା କମିଶନ (ଓପିଏସ୍‌ସି)ର ସଦସ୍ୟ ଭାବେ ପୁରୀ ଏସ୍‌ସିଏସ୍ କଲେଜର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିଭଳି ଏହାର ଅନ୍ୟତମ ସଦସ୍ୟ ଭାବେ ଉଦୟ ନାରାୟଣ ଦାସଙ୍କୁ ନିଯୁକ୍ତି ମିଳିଛି । ଆଇଏଏସ୍ ଅଫିସର ଶ୍ରୀ ଦାସ ଜନଗଣନା ଅପରେସନ୍‌ର ନିର୍ଦ୍ଦେଶକ ଥିଲେ । ଉଭୟଙ୍କ କାର୍ଯ୍ୟକାଳ ୬ ବର୍ଷ ବା ସେମାନଙ୍କୁ ୬୨ ବର୍ଷ ହେବାଯାଏ ବଳବତ୍ତର ରହିବ । ଏତଦ୍‌ଭିନ୍ନ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନର ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବର୍ଗି ଓ ଡ. ଶ୍ରୁତି ଦାସଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କ ନିଯୁକ୍ତି ଅବଧି ଦାୟିତ୍ୱ ଗ୍ରହଣ କରିବାର ୫ ବର୍ଷ ବା ସେମାନଙ୍କୁ ବା ସେମାନଙ୍କୁ ୬୫ ବର୍ଷ ହେବାଯାଏ ବଳବତ୍ତର ରହିବ ।

## ବୋମା ବିସ୍ଫୋରଣରେ ୨ ମୃତ



ଛତିଆ/ଚଣ୍ଡିଖୋଲ, ୧୩।୫ (ସବ୍ୟୁ) : ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ଛତିଆ ଦେଶୀ ମଦ ଭାଟି ନିକଟରେ ମଙ୍ଗଳବାର ଅପରାହ୍ନରେ ବୋମା ବିସ୍ଫୋରଣରେ ଦୁଇଜଣଙ୍କର ଶୋଚନୀୟ ଭାବେ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ଏହି ଭୟଙ୍କର ବିସ୍ଫୋରଣ ଯୋଗୁଁ ଘଟଣା ସ୍ଥଳରେ ଦୁଇଟି ବାଇକ ଜଳିଯାଇଛି ।ତେବେ ବୋମା ବିସ୍ଫୋରଣର ପ୍ରକୃତ କାରଣ ଜଣାପଡି ନାହିଁ । ଘଟଣା ସ୍ଥଳରେ ଯାଜପୁର ଏସପିଙ୍କ ସହ ଜିଲ୍ଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଅନୁସଂଧାନ ଚଳାଇଛନ୍ତି ।

ଛତିଆ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦେଶୀମଦ ଦୋକାନରୁ ମଦ ପିଇବା ପରେ ବାଇକ ଷ୍ଟାର୍ଟକରି ଯିବା ସମୟରେ ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି।ମୃତ ବ୍ୟକ୍ତି ଦୁଇଜଣ ହେଉଛନ୍ତି ବଡଚଣା ଥାନା ଦେଉଳକୁର ମୁଣ୍ଡାସାହିର ରାମ ପିଙ୍ଗୁଆ ଓ ସେହି ଥାନା ଚଣ୍ଡିତଳର ଗ୍ରାମର ମଧୁ ମୁଣ୍ଡା । ଗୁରୁତର ଜଣକ ହେଲେ ବଡଚଣା ବ୍ଲକ ଗୁଣ୍ଟୁଣି ଗ୍ରାମର ମଣ୍ଟୁ ପାତ୍ର ବୋଲି ଜଣାପଡଛି । ଏହି ତିନିଜଣ ମାଛ ମାରିବା ପାଇଁ ଏକ ବାଇକରେ ଯାଉଥିଲେ । ବାଟରେ ଛତିଆ ଦେଶୀମଦ ଭାଟିରେ ସାଙ୍ଗହୋଇ ମଦ ପିଇଥିଲେ । ତେବେ ମଦପିଇ ସାରି ଯିବାପାଇଁ ବାଇକ ଷ୍ଟାର୍ଟ କରିବା ମାତ୍ରେ ହଠାତ ଏହି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସମଗ୍ର ଆଞ୍ଚଳ ଦୋହଲି ଯାଇଥିଲା । (୯ ପୃଷ୍ଠାରେ)

### ଆଇସିୟୁରେ ପତ୍ନୀଙ୍କୁ ଭର୍ତ୍ତିକରି ସୀମା ସୁରକ୍ଷାରେ ଯାଇଥିଲେ ଯବାନ

# ୧୩ ଦିନର ଶିଶୁକୁ ଛାଡ଼ି ଚାଲିଗଲେ ଯସ୍ମିନ୍

ସମ୍ବଲପୁର, ୧୩।୫ (ସବ୍ୟୁ) : ଭାରତ- ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ରହିଛି । ସେନା ମୁଖ୍ୟାଳୟରୁ ଖବର ଆସିଛି ମୋତେ କାର୍ଯ୍ୟରେ ଯୋଗ ଦେବାକୁ ହେବ । ତେଣୁ ମୁଁ ଯାଉଛି । ଯସ୍ମିନ(ଲିପି) ଆଉ ମୋ କୁନି ଝିଅକୁ ଦେଖୁଥିବ । ସ୍ଥିତି ସୁଧୁରିଲେ ପୁଣି ଛୁଟି ନେଇ ଆସିବି । ଯସ୍ମିନ ଲାଗି ରକ୍ତ ଆବଶ୍ୟକ । ରକ୍ତ ଭଣ୍ଡାରରେ ଆବଶ୍ୟକ ରକ୍ତ ନାହିଁ । ସବୁ ସାଙ୍ଗସାଥିଙ୍କୁ ନେହୁରା ହୋଇଛି ରକ୍ତ ଯୋଗାଡ ପାଇଁ । ଭାବୁଛି ଯୋଗାଡ ହୋଇଯିବ । ପରିବାର ସଦସ୍ୟଙ୍କୁ ଏହା କହି ଦେବରାଜ ଗଣ୍ଡ ଅରୁଣାଚଳ ପ୍ରଦେଶ ବର୍ଡରକୁ ବାହାରିଥିଲେ । ଗତ ୧୮ତାରିଖରେ ଏକ ମାସ ପାଇଁ ଛୁଟି ଆଣିଥିଲେ । ତାହା ପୂରିବାକୁ ଆଉ ୬ଦିନ ବାକି ଥିଲା । ହେଲେ ଯିବାକୁ ପଡିବ । ଦେଶ ମାତୃକାର ସେବାରେ



ଭର୍ତ୍ତି ହୋଇଛନ୍ତି । ଏପଟେ ଯୁଦ୍ଧ ଚାଲୁଥିବା ବେଳେ ଆଇସିୟୁରେ ଭର୍ତ୍ତି ହୋଇଥିବା ସ୍ତ୍ରୀ ଯସ୍ମିନ ଜୀବନ ଯୁଦ୍ଧରେ ଲଢେଇ କରୁଛି । ଯେତେବେଳେ ସ୍ୱାମୀ ପାଖରେ ଥିବା କଥା ସେତେବେଳେ ସେ ଯୁଦ୍ଧ ଭୂମିରେ । ଆଉ ୧୩ଦିନର ନବଜାତ ଶିଶୁକନ୍ୟା ପିତାମାତା ସ୍ନେହ ଆଦର ବିନା । ଏସବୁ ସତ୍ତ୍ୱେ ନିଜ ଛାତିକୁ ପଥର କରି ଦେବରାଜ ଦେଶ ପାଇଁ ଲଢେଇ କରିବାକୁ ଗତ ୧୨ତାରିଖରେ ବାହାରିଥିଲେ ।

ମାତ୍ର ବିଧିର ବିଧାନ ଅନ୍ୟ ପ୍ରକାର ଥିଲା । ଦେବରାଜ ପୋଷ୍ଟକୁ ଫେରିଲା ବେଳକୁ ନିଜ ପତ୍ନୀକୁ ହରାଇଥିବା ଖବର ପାଇଲେ । ଝାରସୁଗୁଡାର ଏକ ହସ୍ପିଟାଲରେ ଗତ ୨୮ତାରିଖରେ ତାଙ୍କ ପତ୍ନୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ । ସେହି ସମୟରେ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



" ଯୁଦ୍ଧ ଆମକୁ ମାରିବନି, ହେଲେ ଖରାପ ଭାବନା ରଖୁଥିବା ପିଢି ଆମକୁ ମାରିବ । ଆଗ ପିଢି ଦେଶର ରାଷ୍ଟ୍ରପତିଙ୍କ ନାଁ ଜାଣୁନାହାନ୍ତି, ଏହା ଖୁବ ନିନ୍ଦନୀୟ ।

କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ



" ଭାରତୀୟ ଲୋକ ଅନେକ ବର୍ଷ ହେବ ସୀମାରେ ଆତଙ୍କବାଦର ଶିକାର ହେଉଛନ୍ତି । ଯେଉଁଥିରେ ଅନେକ ନିର୍ଦ୍ଦୋଷଙ୍କ ପ୍ରାଣ ଯାଉଛି । ଆମେ ସରକାରଙ୍କ ସହିତ ଅଛୁ, ପାକିସ୍ତାନର କଳାକାରଙ୍କ ଉପରେ ବ୍ୟାନ ଲାଗିବା ଯଥାର୍ଥ ।

ରାଧିକା ରାଓ, ଫିଲ୍ମମେକର



" ସମସ୍ତେ ରନ୍ ଓ ମାଇଲ୍‌ଷ୍ଟୋନର କଥା କହୁଛନ୍ତି, ହେଲେ ମୋର ତୁମର ଲୁହ ମନେଅଛି । ଯାହାକୁ ତମେ ସମସ୍ତଙ୍କୁ ଠାରୁ ଲୁଚେଇ ରଖିଛ ସବୁବେଳେ ।

ଅନୁଷ୍କା ଶର୍ମା, ଅଭିନେତ୍ରୀ

## ଇତିହାସ

୧୭୦୨– ଇଂଲଣ୍ଡ ଓ ନେଦରଲାଣ୍ଡ୍ ଫ୍ରାନ୍ସ ଓ ସ୍ପେନ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ ।

୧୮୭୯– ଥୋମସ ଏଡିସନ୍ ୟୁରୋପର ଏଡିସନ୍ ଟେଲିଫୋନ୍ କମ୍ପାନୀ ସହ ଜଡ଼ିତ ହୋଇଥିଲେ ।

୧୯୪୪– ବ୍ରିଟିଶ ସୈନିକଙ୍କର କୋହିମା ଉପରେ କବ୍‌ଜା ।

୧୯୪୮– ଇସ୍ରାଏଲର ବ୍ରିଟେନଠାରୁ ସ୍ୱାଧୀନତା ଘୋଷଣା ।

୧୯୬୩– କୁଏତ୍ ସଂଯୁକ୍ତ ରାଷ୍ଟ୍ରର ୧୧୧ତମ ସଦସ୍ୟ ହୋଇଥିଲେ ।

୧୯୭୩– ଆମେରିକା ସେନାରେ ପୁରୁଷଙ୍କ ଭଳି ମହିଳାଙ୍କ ସମ ଅଧିକାରକୁ ମଞ୍ଜୁରୀ ।

୧୯୮୪– ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ଜନ୍ମ ।

୨୦୧୩– ବ୍ରାଜିଲରେ ସମଲିଙ୍ଗି ବିବାହକୁ ମଞ୍ଜୁରୀ ।

# ଫୋଟୋକେରାଟିଟ୍‌ସ୍

ଅତ୍ୟଧିକ ଟାଣ ଖରା କାରଣରୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟା ସମସ୍ୟା ଦେଖାଯାଇଥାଏ । ଏଥିରେ ଅନେକ ସମସ୍ୟା ସାମିଲ ଅଛି । ତେବେ ଏହା ଆମର ଆଖି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ସୂର୍ଯ୍ୟଙ୍କର ଅତିବାଇଗଣି ରଶ୍ମି କାରଣରୁ ଫୋଟୋକେରାଟିଟ୍‌ସ୍ ସମସ୍ୟା ହେବାର ସମାଧାନ ରହିଛି । ଏହା ଆମ ଶରୀରରେ ଦେଖାଯାଉଥିବା ସନ୍‌ବର୍ଣ୍ଣ ଭଳି । ଏହି ସମସ୍ୟା ହେବା ଫଳରେ ଆମ ଆଖିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଏହା ଫଳରେ ଆମ ଆଖିର କରେନା ଉପରେ ପ୍ରଭାବ ପଡିଥାଏ । ତେବେ ଏହାକୁ ଚିହ୍ନଟ କରିବା କଷ୍ଟ ହୋଇଥାଏ ।



ତେଣୁ ଏହାର ଲକ୍ଷଣ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହାର ପ୍ରାଥମିକ ଲକ୍ଷଣରେ ଆଖି ଲାଲ ପଡିବାସହ ଫୁଲିଥାଏ ମଧ୍ୟ । କେବଳ ଫୁଲିବା ନୁହେଁ ଏଥିପାଇଁ ଆଖିରେ ପୋଡାଜଳା ମଧ୍ୟ ହୋଇଥାଏ । ତେଣୁ ଯଦି ଖରାକୁ ଗଲେ ଆଖି ଲାଲ ପଡିବା ସହ ପୋଡୁଛି, ତେବେ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ସେହିଭଳି କେତେକଙ୍କ କ୍ଷେତ୍ରରେ ଝାପ୍ସା ଦେଖାଯିବାର ଭୟ ମଧ୍ୟ ରହିଛି । ଖରା କାରଣରୁ ଆଖିରେ ଡ୍ରାଏ ନେସ ବଢିଥାଏ, ତେଣୁ ଦୃଷ୍ଟି ଶକ୍ତି ଉପରେ ପ୍ରଭାବ ପଡିଥାଏ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ସେହିଭଳି କେବଳ ଖରା ନୁହେଁ ଆପଣ କୌଣସି ଉଜ୍ଜ୍ୱଳ ଲାଇଟ୍‌କୁ ମଧ୍ୟ ଚାହିଁ ପାରନ୍ତି ନାହିଁ । ସିଧା ଚାହିଁବା ଦ୍ୱାରା ଆପଣଙ୍କ ଆଖିରେ କଷ୍ଟ ଅନୁଭୂତ ହୋଇଥାଏ । ତେଣୁ ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଦୀର୍ଘାୟୁ ଅସରପା

ସାଧାରଣତଃ ଅସରପାକୁ ସମସ୍ତେ ଘୃଣା କରନ୍ତି । ଏହା ଘରେ ରହିଲେ ଘରକୁ ଅସନା କରିଥାଏ ବୋଲି ସମସ୍ତେ ଏହାକୁ ବିଭିନ୍ନ ଉପାୟରେ ଘରୁ ତଡି ଥାଆନ୍ତି । ହେଲେ ଏହି ଅସରପା ଖୁବ ଖରାପ ପରିସ୍ଥିତିରେ ମଧ୍ୟ ବଞ୍ଚିପାରିଥାଏ ବୋଲି ବୈଜ୍ଞାନିକ ସୂଚନା ରହିଛି । ଏପରିକି ପରମାଣ ବିସ୍ଫୋରଣ ସମୟରେ ମଧ୍ୟ ଏହି ପ୍ରଜାତି ବଞ୍ଚିଯାଇଥାଏ ବୋଲି ବୈଜ୍ଞାନିକ ସୂଚନା ଦେଇଛନ୍ତି । ଏହି ପ୍ରଜାତିର ଜୀବ ପରମାଣୁ ବିସ୍ଫୋରଣର ବିକିରଣକୁ ସହଜରେ ସହିବା ସହିତ ଏଥିରୁ ବର୍ତ୍ତିଯାଇଥାଏ । ଏହି ବିକିରଣ କୌଣସି ପ୍ରଜାତି ସହି ପାରିନଥାଆନ୍ତି ହେଲେ ଆଶ୍ଚର୍ଯ୍ୟଜନକ ଭାବେ ଅସରପା ଏଥିରୁ ବଞ୍ଚିଯାଇଥାଏ । ସେହିଭଳି ବୈଜ୍ଞାନିକଙ୍କ ସୂଚନା ଅନୁସାରେ ବିଶ୍ୱରେ ପାଖାପାଖି ୪ହଜାର ପ୍ରଜାତିର ଅସପରା ଅଛନ୍ତି । ଯେଉଁଥିରୁ ମାତ୍ର ୩୦ଟି ପ୍ରଜାତି ମଣିଷମାନଙ୍କ ସହିତ ଚଳିଥାଆନ୍ତି କା। ସେହିଭଳି ଏହି ସମସ୍ତ ପ୍ରଜାତିର ଅସରପା ମଣିଷଙ୍କ ଠାରୁ ଶହେଗୁଣ ଅଧିକ ସମୟ ବଞ୍ଚିଥାଆନ୍ତି । ସେହିଭଳି ଏମାନେ ଓଲଟା ଭାବେ ପଡି ମଧ୍ୟ ୨ ରୁ ତିନି ଦିନ ବଞ୍ଚିପାରନ୍ତି । ତେଣୁ ଏହାକୁ ସବୁଠାରୁ ଖରାପ ପରିସ୍ଥିତିରେ ବଞ୍ଚୁଥିବା ଜୀବ ତାଲିକାରେ ସବୁଠାରୁ ଆଗରେ ରଖାଯାଇଥାଏ ।





## ଦେଶର ଲୋକସଂଖ୍ୟା ୨୭

ଯେତେବେଳେ ବିଶ୍ୱର ସବୁଠାରୁ କମ ଜନସଂଖ୍ୟା ଥିବା ଦେଶକଥା ଉଠିଥାଏ ତାଲିକାର ଶୀର୍ଷରେ ରହିଥାଏ ଭାଟିକାନ ସିଟି । ହେଲେ ନିକଟରେ ନିକଟରେ ଏକ ଦେଶ ସମ୍ପର୍କରେ ଜଣା ପଡିଛି ଯାହାର ଜନସଂଖ୍ୟା ମାତ୍ର ୨୭ । ଏହି ଦେଶର ନାଁ ହେଉଛି ସିଲାଣ୍ଡ, ଯାହା ଇଂଲଣ୍ଡ ପାଖରେ ଥିବା ଉତ୍ତର ସମୁଦ୍ରରେ ଅବସ୍ଥିତି । ତେବେ ଏହାନିଜେ ନିଜକୁ ଏକ ଦେଶ ଭାବେ ଘୋଷିତ କରିଛି ଏଥିପାଇଁ କୌଣସି ଔପଚାରିକତା ନାହିଁ । ତେବେ ସୂଚନା ଅନୁସାରେ ଏଠିକାର ଲୋକସଂଖ୍ୟା ମାତ୍ର ୨୭ । ଏଠିକାର ବାସିନ୍ଦା ଇଂରାଜୀ ଭାଷା କହୁଥିବାବେଳେ ଏଠାରେ ସିଲାଣ୍ଡ ଡଲାରକୁ ଦେଶର ମୁଦ୍ରାଭାବେ ବ୍ୟବହାର କରାଯାଉଛି । ତେବେ ଇତିହାସର ସୂଚନା ଅନୁସାରେ ଏହି ସିଲାଣ୍ଡକୁ ବ୍ରିଟିଶ ସେନା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ବିରୋଧରେ ଲଢାଇ କରିବା ପାଇଁ ସୃଷ୍ଟି କରିଥିଲେ । ତେବେ ଅନେକ ବର୍ଷ ପରିତ୍ୟକ୍ତ ଅବସ୍ଥାରେ ରହିବା ପରେ ବ୍ରିଟିଶ ପରିବାର ମେଜର ପ୍ୟାଡି ରୟ ଏହାକୁ ୧୯୬୭ରେ ଏକ ମାଇକ୍ରୋନେସନ ଭାବେ ଘୋଷଣା କରିଥିଲେ । ସେହିଦିନ ଠାରୁ ଏଠାରେ କିଛି ଲୋକ ନିଜର ଏକ ଦେଶ ବୋଲି ଘୋଷଣା କରି ବସବାସ କରୁଛନ୍ତି । ଏଠାରେ ରାଜ ଶାସନ ଚାଲିଥାଏ । ଏହାକୁ ଅନ୍ୟ କୌଣସି ଦେଶ ଗୋଟିଏ ମାଇକ୍ରୋନେସନ ଭାବେ ଗଣୁନଥିଲେ ମଧ୍ୟ ଏହାର ନିଜସ୍ୱ ପତାକା, ପାସପୋର୍ଟ, ମୁଦ୍ରା ଓ ରାଜ ପରିବାର ରହିଛନ୍ତି ।




## ଖୁବଶୀଘ୍ର ଆସୁଛି ଭାବାନ୍ତର

ରିଲିଜ୍ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ସିନେମା ଭାବାନ୍ତର । ନିର୍ଦ୍ଦେଶକ ଅନନ୍ତ ମହାପାତ୍ରଙ୍କର ଏହା ହେଉଛି ଅନନ୍ୟକୃତି । ଚଳଚ୍ଚିତ୍ରଟିର କାହାଣୀ ଏକ ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଗତିଶୀଳ । ଏଥିରେ ତିନୋଟି ମୁଖ୍ୟ ଚରିତ୍ର ରହିଛି ଶ୍ରୀତମ, ଶ୍ରାବଣୀ ଓ ମିଳନ । ଯେଉଁମାନଙ୍କ ମଧ୍ୟରେ ରହିଛି ତ୍ରିକୋଣୀୟ ପ୍ରେମ । ଶ୍ରୀତମ ଶ୍ରାବଣୀ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି, ହେଲେ ଶ୍ରାବଣୀ ପୂର୍ବରୁ ମିଳନଙ୍କୁ ଭଲ ପାଉଛନ୍ତି । ତେଣୁ ଶ୍ରୀତମ ବିବାହ ପରେ ନିଜ ଭାଗ୍ୟକୁ ଆଦରି ଶ୍ରାବଣୀଙ୍କ ପାଇଁ ମିଳନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି, ତାହାକୁ ନେଇ କାହାଣୀ ଗତିଶୀଳ । ସିନେମାରେ ମୁଖ୍ୟ ଚରିତ୍ରରେ ଅଭିଷେକ, ସୂରୀୟମୟୀ, ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର ଆଦି ନଜର ଆସିବେ । ସେହିଭଳି ଏହାର କାହାଣୀ ଅଜୟ ମହାପାତ୍ର ଲେଖିଥିବା ବେଳେ ସଂଗୀତ ଦାୟିତ୍ୱ ଶକ୍ତି ପ୍ରସାଦ ମିଶ୍ର ନେଇଛନ୍ତି ।



## ପିଲାଦିନ ଥିଲା ସଂଘର୍ଷପୂର୍ଣ୍ଣ

ଛୋଟ ପରଦାର ଶାଇନୀ ଯୋସି ଜଣେ ବେଶ୍ ପରିଚିତ ଚେହେରା । ତାଙ୍କର ଚୁଲ୍‌ବୁଲି ଚେହେରା ଓ ବଳିଷ୍ଠ ଅଭିନୟ ତାଙ୍କୁ ସବୁବେଳେ ସ୍ୱତନ୍ତ୍ର କରିଥାଏ । ତେବେ ନିକଟରେ ତାଙ୍କର ଏକ ସାକ୍ଷାତକାର ଖୁବ ଭାଇରାଲ ହେବାରେ ଲାଗିଛି। ଏଥିରେ ଶାଇନୀ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ଅନେକ କଥା ପ୍ରକାଶ କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି । କ୍ୟାରିୟର ଭଳି ବ୍ୟକ୍ତିଗତ ଜୀବନରେ ମଧ୍ୟ ସେ ଅନେକ ସଂଘର୍ଷ କରିଛନ୍ତି । ତାଙ୍କ ବାପା ମା'ଙ୍କ ସହିତ ଘରୋଇ ହିଂସା କରୁଥିବା ସେ ପ୍ରକାଶ କରିଛନ୍ତି । ଅନେକ ସମୟରେ ତାଙ୍କ ବାପା ମାଆଙ୍କୁ ମାଡ ମାରିଥାଆନ୍ତି । ତେବେ ଏସବୁ ଘଟଣା ତାଙ୍କୁ ଖୁବ ଡରାଇଥାଏ, ଯାହାଫଳରେ ସେ ନିଜକୁ ଘରେ ବନ୍ଦ କରି ଦିଅନ୍ତି । ସେହିଭଳି ତାଙ୍କୁ ପିଲାଦିନୁ ଅର୍ଥ ପାଇଁ ସଂଘର୍ଷ କରିବାକୁ ପଡିଛି । ପିଲାଦିନୁ ସେ ନିଜ ପଢାପାଇଁ ଖର୍ଚ୍ଚ ନିଜେ ଯୋଗାଡ କରିଛନ୍ତି । ସେହିଭଳି ସେ ନିଜ ପରିବାରର ବୋଝ ମଧ୍ୟ ଛୋଟବେଳୁ ନିଜେ ଉଠାଇଥିଲେ । ସେହିଭଳି ଯେତେବେଳେ ଅଭିନୟକୁ ଆସିବାକୁ ଚାହିଁଲେ ସେତେବେଳେ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା । ଏପରିକି ତାଙ୍କ ବାପା ତାଙ୍କୁ ଅଶ୍ଳୀଳ ଗାଳି ମଧ୍ୟ କରିଥିବା ସେ କହିଛନ୍ତି । ଯେତେବେଳେ ସେ ମାତ୍ର ୧୬ ବର୍ଷରେ ରାତିରେ ସୁଟିଂ ସାରି ଫେରନ୍ତି ସେତେବେଳେ ତାଙ୍କ ନିଜ ବାପା ତାଙ୍କୁ ଗାଳି କରିଥାଆନ୍ତି । ୨୦୧୨ରେ ଶାଇନୀ ମୁମ୍ବାଇ ଆସିଥିଲେ ଯେଉଁସମୟରେ ସେ ଛୋଟଛୋଟ ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ତାଙ୍କୁ ଷ୍ଟାରପ୍ଲସର ସରସ୍ୱତୀ ଚନ୍ଦ୍ର ଧାରାବାହିକରୁ ଫେମ୍ ମିଳିଥିଲା ।

## ବଦଳୁଛି ଲାଳନ ପାଳନର ପରିଭାଷା

ନିକଟରେ ଚୀନର କିଛି ଭିଡିଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଛୋଟ ପିଲାମାନେ ରୋଷେଇ କାମ କରୁଥିବାବେଳେ ବାପା ମା' ପଛରେ ବସି ଆରାମ କରୁଛନ୍ତି । ଏହିପରି ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି ଟ୍ରେଣ୍ଡକୁ ରିଭର୍ସ ପ୍ୟାରେଣ୍ଟିଂ ବୋଲି ନାଁ ଦିଆଯାଇଛି । ଏଥିରେ ଅନେକ ଦିନରୁ ଚାଲିଆସୁଥିବା ପରମ୍ପରାଗତ ଛୁଆ ଲାଳନପାଳନରେ ଭିନ୍ନତା ଦେଖିବାକୁ ମିଳିଛି । ଏହି ଭାଇରାଲ ପ୍ୟାରେଣ୍ଟିଂକୁ ସୋସିଆଲ ମିଡିଆରେ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ଏହାର ଭଲ ପ୍ରଭାବ ପରବର୍ତ୍ତୀ ପିଢିରେ ଦେଖିବାକୁ ମିଳିବବୋଲି ୟୁଜର୍ସ ମତ ଦେଇଛନ୍ତି । ସେହିଭଳି ଏହି ପ୍ରକ୍ରିୟାରେ ଛୁଆଙ୍କୁ ଦାୟିତ୍ୱ ଶିଖିବାକୁ ମଧ୍ୟ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି । ଏହା ଏକ ଖୁବ ଭଲ ପ୍ରୟାସ ଏବଂ ଏହାକୁ ସମସ୍ତେ ଅନୁକରଣ କଲେ କୌଣସି କ୍ଷତି ନାହିଁ ବୋଲି ସୋସିଆଲ ମିଡିଆ ୟୁଜର୍ସ ପ୍ରକାଶ କରିଛନ୍ତି ।



## ମୟୂରଭଞ୍ଜର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ

# ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ବାରିପଦା, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ ପାଇଁ ୪୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ, ବିଶୋଇ ବ୍ଲକ ସଦରମହକୁମା ଠାରେ ଏକ ୨ ଉଚ୍ଚ ମାଧମିକ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସସ୍ଥାପନ କରିବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୯୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶୋଇ ମିନିଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମାମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀ ଭାଇମାନଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ଟଙ୍କା ହେଉ ମାତ୍ର ୨୪ମିନିଟରେ ନିର୍ଣ୍ଣୟ ନେଇଥିଲୁ ଯାହା ଗତ ୨୪ବର୍ଷରେ ହୋଇ ପାରିନଥିଲା। ସୁଭଦ୍ରା ଓ ଚାଷୀମାନଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି। ଆହୁରି ମଧ୍ୟ ଚାଷୀଭାଇ ମାନଙ୍କ ପାଇଁ ଆମେ ସିଏମ୍ କିଷାନ ଯୋଜନା ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର ୧କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟର ୧୭ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି। ଆଜି କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। ଜିଲ୍ଲାରେ ୧୦ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧି ମାନେ ଶୁଣୁ ନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି ୩୬ ପାଇଁ ୩୬। ଆପଣମାନଙ୍କ ସହଯୋଗରେ, ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ଉଦ୍ୟମରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କର ସ୍ୱପ୍ନର ଓଡ଼ିଶା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ତାସହିତ ସମାଜର ଶେଷ ଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକ ମାନଙ୍କ କନ୍ୟା ମାନଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦାଃ ସ୍ୱାଗତ ଭାଷଣ ଦେଇଥିବାବେଳେ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।




### ଆଣ୍ଡାମାନରେ ମୌସୁମୀ

## ରଜ ପୂର୍ବରୁ ଓଡିଶା ଛୁଇଁବ




ଭୁବନେଶ୍ୱର, (ସବ୍ୟୁ) : ଆଣ୍ଡାମାନ ସାଗରରେ ପାଦ ଥାପିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ ବାୟୁ ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଓ ଉତ୍ତର ଆଣ୍ଡାମାନ ସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ତେବେ ରଜ ପୂର୍ବରୁ ଓଡିଶାରେ ପ୍ରବେଶ କରିବ ମୌସୁମୀ। ଏଭଳି ଆକଳନ କରିଛି ପାଣିପାଗ ବିଭାଗ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୪ ଘଣ୍ଟା ମଧ୍ୟରେ ନିକୋବର ଦ୍ୱୀପରେ ବିସ୍ତୃତ ବର୍ଷା ସହ କିଛି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଗତ ଦୁଇଦିନ ଧରି ନିକୋବର ଦ୍ୱୀପରେ ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପପୁଞ୍ଜ ଓ ଆଣ୍ଡାମାନ ସାଗରର କିଛି ଅଞ୍ଚଳର କେତେକ ସ୍ଥାନରେ ପଶ୍ଚିମା ପବନର ବେଗ ଓ ବାୟୁମଣ୍ଡଳରେ ଉଚ୍ଚତା ସହ ବିସ୍ତୃତି ବୃଦ୍ଧି ପାଇଛି।

ଆଗାମୀ ୩ -୪ ଦିନ ମଧ୍ୟରେ ଦକ୍ଷିଣ ଆରବସାଗରର କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ, ସମଗ୍ର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗରର ଅବଶିଷ୍ଟ ଅଂଶ ସମେତ କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଂଶରେ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଣିପାଗ ପରିସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆସନ୍ତା ୨୩ ରୁ ୨୪ ତାରିଖ ଭିତରେ କେରଳରେ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ଅଛି। କାରଣ ବାୟୁମଣ୍ଡଳର ପାରିପାର୍ଶ୍ୱିକ ସ୍ଥିତି ଏବଂ ସାମୁଦ୍ରିକ ବାୟୁମଣ୍ଡଳରେ ଉଷ୍ମ ଯୋଗୁଁ ମୌସୁମୀ ଅଗ୍ରସର ହେଉଛି। କେରଳରେ ମୌସୁମୀ ପହଞ୍ଚିବାରେ ୧୦ରୁ ୧୨ ଦିନ ମଧ୍ୟରେ ଓଡିଶାକୁ ପ୍ରବେଶ କରିଥାଏ। ଅର୍ଥାତ୍ ଜୁନ୍ ପ୍ରଥମ ସପ୍ତାହ ଭିତରେ ଓଡିଶା ଛୁଇଁପାରେ ମୌସୁମୀ। ତେବେ ଏ ବର୍ଷ ସଅଳ ମୌସୁମୀ ଆସିବା ସହ ରଜ ପୂର୍ବରୁ ବର୍ଷା ଆରମ୍ଭ ହୋଇଯିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

## ଟ୍ରେନ୍‌ରେ ଯାଉଥିବା ବିହାରର ୧୦ ନାବାଳକ ଉଦ୍ଧାର, ଦଲାଲ ଅଟକ

ଭୁବନେଶ୍ୱର, (ସବ୍ୟୁ) : ଟ୍ରେନ୍‌ରେ ଯାଉଥିବା ୧୦ ନାବାଳକଙ୍କୁ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ ନିକଟରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଉଦ୍ଧାର କରିଛି । ଖୋର୍ଦ୍ଧାରୋଡ୍ ଜିଆର୍ ପୋଲିସରେ ଅଭିଯୋଗ ହେବା ପରେ ୪ଜଣ ବିହାର ଦଲାଲଙ୍କ ମଧ୍ୟରୁ ପୋଲିସ ଜଣକୁ ଅଟକି ରଖି ପଚରାଉଚରା କରୁଛି । ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ଖବର ମିଳିଛି ।

ଦାରିଦ୍ର୍ୟତାରେ ପୀଡିତ ବିହାରର ୧୦ ଶିଶୁଙ୍କୁ ଦଲାଲମାନେ ବେଙ୍ଗାଲୁରୁକୁ ଟ୍ରେନ୍ ଯୋଗେ ଚାଲାଣ କରୁଥିବା ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଖବର ପାଇଥିଲା । ସଙ୍ଗଠନର କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କ ଖବର ଆଧାରରେ ୧୫୨୨୮ ଯଶୋବନ୍ତପୁର ଏକ୍ସପ୍ରେସ୍‌ରେ ବିହାର ରାଜ୍ୟରୁ ନାବାଳକଙ୍କୁ ଚାଲାଣ ହେଉଥିବାରୁ ରୁଚିକା ଏକ୍ସେସ୍‌ଟୁ ଜଷ୍ଟିସ୍ ପ୍ରକଳ୍ପର ହେମନ୍ତ କୁମାର ଦାସ, ହରପ୍ରିୟା ପତି, ତଟିନୀ ବିଶ୍ୱାଳ, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା ସୋମବାର ରାତିରୁ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଜଗି ରହିଥିଲେ ।

ଭୁବନେଶ୍ୱର ଆର୍‌ପିଏଫ୍, ରେଲୱେ ଚାଇଲ୍ଡ ହେଲ୍‌ପଲାଇନ୍‌କୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଥିଲା । ଟ୍ରେନ୍ ବିଳମ୍ବରେ ଆସିଥିବାରୁ ଭୁବନେଶ୍ୱର ଷ୍ଟେସନରେ ମାତ୍ର ୫ ମିନିଟ୍ ଅଟକି ରହିଲା । ଏତେ କମ୍ ସମୟ ମଧ୍ୟରେ ସବୁ ପିଲାଙ୍କୁ ଖୋଜି ନପାଇବାରୁ ଉଦ୍ଧାରକାରୀମାନେ ସେହି ଟ୍ରେନ୍‌ରେ ଖୋର୍ଦ୍ଧାରୋଡ୍ ପର୍ଯ୍ୟନ୍ତ ଯାତ୍ରା କରି ବଗି ଏସ୍-୧, ଏସ୍-୪ ଓ ଏସ୍-୬ରୁ ୧୨ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଜଣାପଡିଥିଲା ଯେ, ସେମାନଙ୍କ ମଧ୍ୟରୁ ୧୦ଜଣ ନାବାଳକ । ସେହି ୧୦ଜଣ ନାବାଳକଙ୍କୁ ଖୋର୍ଦ୍ଧା ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା । ସମିତି ସେମାନଙ୍କ ମଧ୍ୟରୁ ୪ଜଣ ପିଲାଙ୍କୁ ଖୋର୍ଦ୍ଧାସ୍ଥିତ ଭୈରବୀ ଓପନ ସେଲ୍ଟରକୁ ପଠାଇଥିବା ବେଳେ ୬ଜଣଙ୍କୁ ରୁଚିକା ଓପନ ସେଣ୍ଟରକୁ ପଠାଇଛନ୍ତି । ଏ ସମ୍ପର୍କରେ ଖୋର୍ଦ୍ଧାରୋଡ୍ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ ହୋଇଛି । ୪ଜଣ ଦଲାଲଙ୍କ ମଧ୍ୟରୁ ବିହାର ଖଗଡିଆ ଜିଲ୍ଲାର ମଣିଷ କୁମାର ମୋତିହାରି ଜିଲ୍ଲାର ମହମ୍ମଦ ଶୁଭମ୍, ଭାଗଲପୁରର ଜିଲ୍ଲାର ଦିଲ୍‌ଖୁସ୍ ଓ ବେଗୁଲସରାଇ ଜିଲ୍ଲାର ଅଙ୍କିତ ସଡାଙ୍କ ମଧ୍ୟରୁ କେବଳ ମଣିଷ କୁମାରଙ୍କୁ ପୋଲିସ ନିଜ ହେପାଜତକୁ ନେଇଛି । ଏ ବିଷୟରେ ଜିଲ୍ଲାପାଳ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ଖବର ମିଳିଛି ।

## ବାଲ୍ୟ ବିବାହ କରିଥିବା ନାବାଳିକା ଉଦ୍ଧାର

ନାଉଗାଁ ,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶୁଆକଣ ଅଞ୍ଚଳରେ ବାଲ୍ୟ ବିବାହ କରିଥିବା ପଟ୍ଟାମୁଣ୍ଡେଇ ଅଞ୍ଚଳର ନାବାଳିକାକୁ ଉଦ୍ଧାର କରିଛି ନାଉଗାଁ ଶିଶୁ ସୁରକ୍ଷା ଓ ମଙ୍ଗଳ ଅଧିକାରୀଣିଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା କମିଟି । ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡେଇ ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କର ନାବାଳିକା ଝିଅ ନାଉଗାଁ ଥାନା ଅଞ୍ଚଳର ଜୈନିକ ଯୁବକ ଅପହରଣ କରିଥିବା ନେଇ ଏକ ଅଭିଯୋଗ ହେବା ପରେ, ଜଗତସିଂହପୁର ଜିଲ୍ଲା ଶିଶୁ ସୁରକ୍ଷା କମିଟିକୁ ଥାନା ପକ୍ଷରୁ ଏ ସମ୍ବନ୍ଧରେ ଅବଗତ କରାଇବା ପରେ, ଆଜି ଏକ ଟିମ ନାଉଗାଁ ଶିଶୁ ସୁରକ୍ଷା ଓ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବାସନ୍ତୀ ମାଇଁନ,ମହିଳା ସୁପର ଭାଇଜର ସାବିତ୍ରୀ ମୁଦୁଲି,ଜିଲ୍ଲା ଏଚେଇଡ଼ବୁଲ ବନଯା ପ୍ରିୟ ଦର୍ଶନୀ ସ୍ୱାଇଁ, ଓ ନାଉଗାଁ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ସୁରକ୍ଷିତ ଭାବେ ଉକ୍ତ ନାବାଳିକାକୁ ଉଦ୍ଧାର କରାଜାଇ ଛ। ତେବେ ଏ ସଂକ୍ରାନ୍ତରେ ବ୍ଲକ ଶିଶୁ ସୁରକ୍ଷା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ନାଉଗାଁ ପୋଲିସ ଷ୍ଟେସନ ରେ କରାଯାଇଛି । ଅନ୍ୟପଟେ ସମସ୍ତ ଆଇନିଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ଉକ୍ତ ୧୫ ବର୍ଷୀୟ ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବା ନେଇ ସୂଚନା ମିଳିଛି ।

### ଡ୍ରାଇଭରଙ୍କୁ ଆକ୍ରମଣ

## ରାଜଧାନୀରେ ୫ଘଣ୍ଟା ଆମ ବସ୍‌ସେବା ଠପ୍

ଭୁବନେଶ୍ୱର, (ସବ୍ୟୁ) : ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗରେ ରାଜଧାନୀରେ ଆମ ବସ୍ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବାରୁ ୫ଘଣ୍ଟା ବସ୍‌ସେବା ଠପ୍ ହୋଇଗଲା । ଲୋକେ ନାହିଁ ନଥିବା ହିନସ୍ତା ଭୋଗିଲେ । କମିଶନରେଟ୍ ପୋଲିସ ହସ୍ତକ୍ଷେପ ପରେ ବସ୍‌ସେବା ସ୍ୱାଭାବିକ ହେଲା ।

ଡ୍ରାଇଭରଙ୍କ ଆକ୍ରମଣ ଘଟଣାକୁ ନେଇ ସୁରକ୍ଷା ଦାବିରେ ଆମ ବସ୍ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସବୁ ବସ୍ ବିଭିନ୍ନ ଅଞ୍ଚଳ ଡିପୋରେ ଅଟକି ରହିଲା । ନନ୍ଦନକାନନ ରାସ୍ତା, ଖଣ୍ଡଗିରି, ଶ୍ରୀଲିଙ୍ଗରାଜ ମନ୍ଦିର, ବିମାନବନ୍ଦର, ପାହାଳ, ବାଲିଅନ୍ତା, ବାଲିପାଟଣା, ଚନ୍ଦକା ଅଞ୍ଚଳ ରାସ୍ତାରେ ଚାଲୁଥିବା ମୋ ବସ୍ ଗୁଡିକ ଡିପୋରେ ଅଟକି ରହିବା ସହ ଡ୍ରାଇଭର, କଣ୍ଡକ୍ଟର ସେଠାରେ ବସି ରହିଲେ । କ'ଣ ପାଇଁ ଏପରି ଘଟଣା ଘଟିଲା। ଜାଣିବାକୁ ଚାହିଁବାରୁ ଜଣେ ଡ୍ରାଇଭରଙ୍କୁ ଆକ୍ରମଣକୁ ନେଇ ଆମ ବସ୍ କର୍ମଚାରୀମାନେ ସୁରକ୍ଷା ଦାବି କରିଥିଲେ । ସୋମବାର ସକାଳ ୭ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ବସ୍‌ସେବା ବନ୍ଦ ରହିବାରୁ କମିଶନରେଟ୍ ପୋଲିସ ହସ୍ତକ୍ଷେପ କରି ସେମାନଙ୍କୁ ବୁଝାସୁଝା କରିବା ସହ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା ।

ସୋମବାର ଆମ ବସ୍ କର୍ମଚାରୀମାନେ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା ଘଟଣାକୁ ନେଇ ଧର୍ମଘଟ କରିଥିବା ବେଳେ ମଙ୍ଗଳବାର ଆଉ ଏକ ଘଟଣା ନଜରକୁ ଆସିଛି । ଚନ୍ଦ୍ରଶେଖରପୁର ଓମ୍‌ଫେଡ୍ ଛକରେ ଦୁର୍ଘଟଣା ଘଟାଇବା ପରେ ଡ୍ରାଭଇର ଦ୍ରୁତ ଗତିରେ ବସ୍‌କୁ ଆଣି ପ୍ରେସ୍ ଛକ ନିକଟ ଡିପୋରେ ପୂରାଇ ଦେଇଥିଲେ । ଲୋକମାନେ ବସ୍‌କୁ ପିଛା କରି ଆସିବା ସହ ଡିପୋ ଭିତରେ ପଶି ଡ୍ରାଇଭରଙ୍କୁ ନିସ୍ଥୁକ ମାଡ ମାରିଥିଲେ । ସୋମବାର ଓ ମଙ୍ଗଳବାର ଦୁଇଟି ଘଟଣାରେ ଡ୍ରାଇଭରଙ୍କୁ ଆକ୍ରମଣ କରାଯିବାକୁ ନେଇ ବସ୍ କର୍ମଚାରୀମାନେ କ୍ଷୁବ୍ଧ ଥିବାବେଳେ ସାଧାରଣ ଲୋକେ ଆମ ବସ୍ ଡ୍ରାଇଭରଙ୍କ ଉପରେ କ୍ଷୁବ୍ଧ ହେଉଛନ୍ତି । କାରଣ ଦକ୍ଷ ଡ୍ରାଇଭରଙ୍କୁ ବସ୍ ଚଳାଇବା ପାଇଁ ନିଯୁକ୍ତି ଦେବାରେ କ୍ରୁଟ୍ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି । ପୂର୍ଣ୍ଣାଙ୍ଗ ପ୍ରଶିକ୍ଷଣ ନେଇନଥିବା ଯାଇତାଇ ଡ୍ରାଇଭରଙ୍କୁ ନିଯୁକ୍ତି ଦେବା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ବସ୍‌ଯାତ୍ରୀମାନେ ଅଭିଯୋଗ କରିଛନ୍ତି । ଆମ ବସ୍ ରାଜଧାନୀର ଲାଇଫ୍‌ଲାଇନ୍ ହୋଇଥିବା ବେଳେ ସେଥିରେ ସମସ୍ୟା ସୃଷ୍ଟି ହେଲେ ଯାତ୍ରୀମାନେ ନାହିଁ ନଥିବା ହିନସ୍ତା ଭୋଗିବା ସହ ଅଟୋ ଓ ଅନ୍ୟାନ୍ୟ ଗାଡିରେ ଯିବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ।

### ଲୁଗା ଶୁଖାଇବା ବେଳେ ଅଘଟଣ

## ବିଦ୍ୟୁତ ତାର ଲାଗି ମା ଓ ଶିଶୁପୁତ୍ର ମୃତ, ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଂଶପାଳ ବଜାରରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳା (୨୨) ଓ ତାଙ୍କ ଶିଶୁପୁତ୍ର (୨)ଙ୍କର ମୃତ୍ୟୁ ହୋଇଛି। ଏହି ଘଟଣା ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତ। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।ସୂଚନା ଅନୁସାରେ ମଙ୍ଗଳବାର ସକାଳ ସାଢ଼େ ୧୦ଟା ବେଳେ ସ୍ଥାନୀୟ ବାଂଶପାଳ ବଜାରର ସୌମ୍ୟରଞ୍ଜନ ବେହେରାଙ୍କ ସ୍ତ୍ରୀ କଳ୍ପନା ମହାକୁଡ଼ ଘର ଅଗଣାରେ ଲୁଗା ଶୁଖାଉଥିବା ବେଳେ ପାଖରେ ଯାଇଥିବା ବିଦ୍ୟୁତ ତାରଟି ଲୁଗା ଶୁଖାଉଥିବା ତାର ସହିତ ରଷ୍ଟ ହୋଇ ବିଦ୍ୟୁତ ସଂସ୍ପର୍ଶରେ ଲାଗିଯାଇଥିଲା। ଫଳରେ କଳ୍ପନାଙ୍କୁ ବିଦ୍ୟୁତ ଆଘାତ ହୋଇଥିଲା। ପାଖରେ ଥିବା ୨ ବର୍ଷର ଶିଶୁ ପୁତ୍ର ଶୁଭ୍ରଜିତ ମାର ଚିତ୍କାର ଶୁଣି ମାଙ୍କୁ ଛୁଇଁଥିଲା। ଫଳରେ ଘଟଣା ସ୍ଥଳରେ ମା ଓ ଶିଶୁ ପୁତ୍ରର ମୃତ୍ୟ ଘଟିଥିଲା।ଏହି ସମୟରେ ଶାଶୂ ଶାନ୍ତିଲତା ପାଖକୁ ଯାଇ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତାଙ୍କୁ ମଧ୍ୟ ବିଦ୍ୟୁତ ଆଘାତ ଲାଗିଥିଲା। ଏହି ଦୁର୍ଘଟଣା ଜଣାପଡ଼ିବା ପରେ ସମସ୍ତଙ୍କୁ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ବାଂଶପାଳ ମେଡିକାଲକୁ ନେଇ ଆମ୍ବୁଲାନ୍ସ ଯୋଗେ ଭର୍ତ୍ତି କରିଥିଲେ। ଡାକ୍ତର ମାଆ -ପୁଅଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଶାଶୂ ଶାନ୍ତିଲତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକରେ ବିଦ୍ୟୁତ ଆଘାତରେ ୨୨ ବର୍ଷୀୟ ମହିଳା ଏବଂ ତାଙ୍କ ୨ ବର୍ଷର ପୁଅର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।



ପ୍ରଚଣ୍ଡ ଗରମ : ଟ୍ରାଫିକ୍ ପୋଲିସକୁ ସନ୍‌ଗ୍ଲାସ୍ ଓ ଇନ୍‌ସୁଲେଟେଡ୍ ୱାଟର ବଟଲ ପ୍ରଦାନ କରୁଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ । ଉପସ୍ଥିତ ଅଛନ୍ତି ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତି ଓ ଆଡିସ୍‌ନାଲ ଟ୍ରାଫିକ୍ ଡିସିପି ଅଙ୍କିତ ବର୍ମା ।

## ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା,(ସବ୍ୟୁ): ମୁକୁନ୍ଦପ୍ରସାଦ ୱାଇ ଛକ ନିକଟ ଏକ ଘରେ ଶିଳ୍ପାଂଚଳ ପୁଲିସ ଚଢଉ କରି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ କଟକ ଜିଲ୍ଲା ବିଡାନାଶି ଥାନା ତୁଳସୀପୁର ର ଚନ୍ଦ୍ରକାନ୍ତ ଧିର ଓ ନୁରଜାହାନ ବେଗମ କୁ ପୁଲିସ ଗିରଫ କରିଛି । ମୁକୁନ୍ଦପ୍ରସାଦ ର ଉଚ୍ଚ ଘରେ ଚନ୍ଦ୍ରକାନ୍ତ ଓ ନୁରଜାହାନ ରହି ବେପାର କରୁଥିବା ବିଶେଶ ସୂତ୍ରରୁ ଖବର ପାଇ ଏସଆଇ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲେ । ଚଢଉବେଳେ ଉଭୟଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୨୨କେଜି ୪୦୦ଗ୍ରାମ ଓଜନ ର ଗଞ୍ଜେଇ ଜବତ କରିଥିଲେ । ବେଆଇନ ଗଞ୍ଜେଇ ବିକ୍ରୀ ଅଭିଯୋଗରେ ୧୨୧/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି ।

## ଶିଶୁଭବନ ଛକ ଆକ୍ରମଣ ମାମଲାରେ ୩ ଅଟକ

ଭୁବନେଶ୍ୱର, (ସବ୍ୟୁ) : ଶିଶୁଭବନ ଛକ ଆକ୍ରମଣ ମାମଲାରେ ୩ଜଣଙ୍କୁ କମିଶନରେଟ୍ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଆକ୍ରମଣର କାରଣ ସ୍ପଷ୍ଟ ହୋଇନଥିବା ବେଳେ କ୍ରିକେଟ୍ ଖେଳ ବିବାଦରୁ ଏହି ଘଟଣା ଘଟିଥିବା ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ତାଙ୍କ କହିବାନୁଯାୟୀ ପ୍ରାଥମିକ ତଦନ୍ତରୁ କାରଣ ଖେଳ ବୋଲି ଜଣାପଡିଥିବା ବେଳେ ତଦନ୍ତ ଆଗକୁ ବଢିବା ସହ ଅନ୍ୟ ଅଭିଯୁକ୍ତମାନେ ଗିରଫ ହେଲେ ସ୍ପଷ୍ଟ କାରଣ ଜଣାପଡିବ । ସୋମବାର ରାତି ୯ଟା ବେଳେ ଦଳେ ଯୁବକ ଗୋଡାଇ ଗୋଡାଇ କେଦାରପଲ୍ଲୀ ବସ୍ତିର ଭିକି ନାୟକଙ୍କୁ ଶିଶୁଭବନ ଛକରେ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ତାଙ୍କ ଠାରୁ ବୟାନ ନେଇ ତିନୋଟି ଟିମ୍ ଗଠନ କରିବା ସହ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି । ଭିକିଙ୍କ ଭଉଣୀ ଏୟାରପୋର୍ଟ ଥାନାରେ ଏତଲା ଦାଏର କରିବା ପରେ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ରାଜଭବନ ପଛପାଖ ୮ ନମ୍ବର ରାସ୍ତାରେ ଅନ୍ୟ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ସୋମବାର ଆକ୍ରମଣ କରାଯାଇଥିଲା । ସେହି ମାମଲାରେ କ୍ୟାପିଟାଲ ଥାନା ପୋଲିସ କ'ଣ ପଦକ୍ଷେପ ନେଇଛି ତାହା ଗଣମାଧ୍ୟମକୁ ସୂଚନା ଦିଆଯାଇ ନଥିବା ବେଳେ ଭାଇଗିରି ପାଇଁ ତାହା ଘଟିଥିବା କୁହାଯାଉଛି ।

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ତିନି ଘଣ୍ଟା ଧରି ଚାଲିଲା ଜବାବ ସୁଆଲ

ପାଟଣାଗଡ଼,(ସବ୍ୟୁ): ବହୁ ଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ପାଟଣାଗଡ଼ଙ୍କ କୋର୍ଟରେ ଏହି ମାମଲାରେ ପୂର୍ବରୁ ସରକାରୀ ପକ୍ଷରୁ ରଖିଥିବା ତର୍କ ଉପରେ ପୁଞ୍ଜିଲାଲଙ୍କ ପକ୍ଷରୁ ମଙ୍ଗଳବାର ତର୍କବିତର୍କ ହୋଇଥିଲା । ଏହି ତର୍କ ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବାବେଳେ ପୁଞ୍ଜିଲାଲ ମେହେରଙ୍କୁ କଡା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ର ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ ଆଜି ତର୍କ ଥିଲା ଆମେ ତର୍କ କରି ପ୍ରମାଣ କରିଦେଲୁ ଯେ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ଯେତିକି ଅଭିଯୋଗ କ୍ରାଇମବ୍ରାଞ୍ଚ କରିଛନ୍ତି । ତାଙ୍କ ବିରୋଧରେ ପ୍ରମାଣ ପର୍ଯ୍ୟାପ୍ତ ନୁହେଁ କେବଳ ଅଭିଯୋଗକୁ ସାବ୍ୟସ୍ତ କରିବାପାଇଁ ଏକ ପ୍ଲାନ କରିଛି କ୍ରାଇମବ୍ରାଞ୍ଚ ଏବଂ ଏହା ମଧ୍ୟ ଆମେ ପ୍ରମାଣ କରିଦେଲୁ ଯେ ଏହି କେଶରେ ବହୁତ ଗୁଡିଏ ଘଟଣା ଥିଲା କ୍ରାଇମବ୍ରାଞ୍ଚ ଯାହାକୁ ଜାଣିକରି ସେ ବିଷୟରେ ତଦନ୍ତ କରିନାହିଁ।ତାଙ୍କ ପରିବାର ସାଙ୍ଗରେ ଯେଉଁ ମାନଙ୍କ ଶତ୍ରୁତା ଥିଲା ସେ ସମ୍ପର୍କରେ ତଦନ୍ତ ହୋଇନାହିଁ । କେବଳ ପୁଞ୍ଜିଲାଲକୁ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଟାର୍ଗେଟ କରି ମାମଲାକୁ ଅନ୍ୟ ଦିଗକୁ ନେଇଛନ୍ତି । ସେ ସମ୍ପର୍କରେ ଆମେ କୋର୍ଟକୁ ସମସ୍ତ ପ୍ରମାଣ ଦେଇଛୁ। କେବଳ ଏତିକି କହିବି ପ୍ଲି ଅଫ ଇନୋସେନ୍ସ ପୁଞ୍ଜିଲାଲ ଙ୍କ ନାମରେ ନିଆହୋଇଛି ଏହାର ଶତ ପ୍ରତିଶତ ପ୍ରମାଣ କରାଯାଇଛି,ଏହି କେଶରେ ଅନେକ ଲୋକଙ୍କ ନାମ ସାମନାକୁ ଆସିଛି କିନ୍ତୁ ସେମାନଙ୍କୁ ଛାଡିଦିଆଯାଇଛି ବୋଲି କହିଛନ୍ତି । କ୍ରାଇମବ୍ରାଞ୍ଚ ଯେଉଁ ତଦନ୍ତ କରିଛି ପୂର୍ବ ଯୋଜନା ହିସାବରେ କରିଛି । ଏହି ଅଭିଯୁକ୍ତ କୁ ଜାଣିଶୁଣି

### ପୁଞ୍ଜିଲାଲଙ୍କୁ ଫସାଇ ଦିଆଯାଇଛି : ଓକିଲ



ଫସାଇ ଦିଆଯାଇଛି । ତେଣୁ ଏହି କେଶରେ ପୁଞ୍ଜିଲାଲଙ୍କ ସମ୍ପୃକ୍ତି ନାହିଁ। ଆମେ ରଖିଥିବା ଗୋଟିଏ ଦୁଇଟି ପଏଣ୍ଟ ଉପରେ ପ୍ରତିପକ୍ଷ କାଲି ଜବାବ ରଖିବେ ବୋଲି କହିଥିଲେ। ଅନ୍ୟପଟେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନଗୋ ଦେଇଥିବା ବୟାନ ଅନୁସାରେ ୯ ତାରିଖ ଦିନ ଆମେ ତର୍କ କରିଥିଲୁ ଆଜି ପ୍ରତିପକ୍ଷ ତର୍କ କଲେ ଏବଂ ସେମାନେ ଯାହା ନୂଆ କଥା ଉଠାଇଲେ ଆମ ପକ୍ଷରୁ କାଲି ତାର ପକ୍ଷ ରଖିବୁ । ସ୍ୱାଭାବିକ ଭାବେ ଆଗକୁ ତର୍କ ବିତର୍କ ସରିଯାଇପାରେ। ମାମଲାଟି କୋର୍ଟରେ ଥିବାରୁ ସବୁ କହିହେବନାହିଁ ତଥାପି ପ୍ରତିପକ୍ଷ ବୋମା ତିଆରି କଥାକୁ ଅସ୍ୱୀକାର କରିଥିଲେ । ୨୦୧୮ ଫେବୃଆରୀ ୨୩ ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ନବ ବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟ ଶେଖରଙ୍କ ସ୍ତ୍ରୀ ରିମାରାଣୀ ଗୁରୁତର ହୋଇ ଦୀର୍ଘ ଦିନ ଧରି ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରି ତତକାଳୀନ ଭଇଁସା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

# ଅପହୃତ ଶିଶୁ ଉଦ୍ଧାର ଧରମ ମାମୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଅପହୃତ ଶିଶୁଙ୍କୁ କମିଶନରେଟ୍ ପୋଲିସ ଉଦ୍ଧାର କରିବା ସହ ତାଙ୍କ ଧରମ ମାମୁଙ୍କୁ ଗିରଫ କରିଛି। ଅପହୃତ ଶିଶୁ ପରିବାର ଭୋଇ ନଗରରେ ରୁହନ୍ତି। ଘର ବାହାରେ ଅପହୃତ ଶିଶୁ ଖେଳୁଥିବା ବେଳେ ତାଙ୍କୁ କେହି ଅପହରଣ କରି ନେଇଥିଲା ।

ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ହେଉଥିଲା। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଅପହୃତ ଶିଶୁଙ୍କୁ ସାଲିଆ ସାହିରୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଧରମ ମାମୁଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି । ଅପହୃତା ଶିଶୁର ମା ଅଭିଯୁକ୍ତଙ୍କୁ ଧରମ ଭାଇ କରିଥିବାରୁ ସେ ତାଙ୍କ ଘରକୁ ଯିବା ଆସିବା କରନ୍ତି । ଶିଶୁକୁ କେଉଁ କାରଣ ପାଇଁ ଅପହରଣ କଲେ ତାହା ସ୍ପଷ୍ଟ ହୋଇନାହିଁ।

## ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ

# କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି । ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ବେଳେ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି । ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ୪୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉତ୍କର୍ଷ ବଜାୟ ରଖିଛନ୍ତି । ଦଶମରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ସ୍କୁଲ୍‌ର ଉଶ୍ୱସ୍ତି ଉବିକା ପାଟଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି ।




ତ୍ରିଶା ରଥ | ହଂସ ଦାରୁକା | ଦିପ୍ତି ସାହୁ | ଉସ୍ୱାସ୍ତି ଉବିକା ପାଟଶାଣୀ

### ସେନ୍ ଗ୍ଲୋବ୍ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍‌ରେ ସ୍ୱେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍ ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ୍ୟ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି । ସେନ୍ ଗ୍ଲୋବର ଚାରି ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ୍ ପାଇଁ ଗୌରବ ଆଣିପାରିଛନ୍ତି । ଏଥିରେ ୭ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି । ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୭ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି । ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି । ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ୍ୟ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

## ନ୍ୟାସ୍‌ନାଲ ଟେକ୍ନୋଲଜି ଡେ-୨୦୨୫

# ଭୁବନେଶ୍ୱରରେ ମେ ୧୭ ରୁ ବକ୍ତୃତାମାଳା

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆ ନ୍ୟାସନାଲ ଏକାଡେମୀ ଅଫ୍ ଇଞ୍ଜିନିୟରଂ (ଆଇଏନ୍ଏଇ) ଭୁବନେଶ୍ୱର ଶାଖା ପକ୍ଷରୁ ମେ ୧୭ ରୁ ୨୩, ୨୦୨୫ ମଧ୍ୟରେ ଭୁବନେଶ୍ୱର ଠାରେ ଏକ ବିଶେଷ ବକ୍ତୃତାମାଳା ଆୟୋଜନ କରାଯାଇଛି। ଏଥିରେ ଦେଶର ବିଶିଷ୍ଟ ତଥା ପ୍ରତିଷ୍ଠିତ ବୈଜ୍ଞାନିକ / ଟେକ୍ନୋଲୋଜିଷ୍ଟମାନେ ଯୋଗ ଦେଇ ବକ୍ତବ୍ୟ ରଖିବେ । ଏହି ବିଷୟରେ ସୂଚନା ଦେଇ ଆଇଏନ୍ଏଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ କହିଛନ୍ତି ଯେ ଦେଶର ଚାରି ଜଣ ବିଖ୍ୟାତ ଓ ପ୍ରତିଷ୍ଠିତ ବୈଜ୍ଞାନିକ ଏହି ବକ୍ତୃତାମାଳାରେ ଭାଗ ନେବେ । ମେ ୧୭, ୨୦୨୫ ତାରିଖରେ ସୋଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ-୨ ପ୍ରେକ୍ଷାଳୟରେ ହୋମି ଭାବା ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ, ମୁମ୍ବାଇର ଡିନ୍ ତଥା ବରିଷ୍ଠ ପ୍ରଫେସର ଡ.ଏ.କେ. ତ୍ୟାଗୀ ବକ୍ତୃତା ଦେବେ ।




ମେ ୧୯ରେ ଆଇଏମଏମଟି, ଭୁବନେଶ୍ୱର ଠାରେ ଆଇଆଇଟି (ବିଏଚ୍ୟୁ)ର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ତଥା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. କୋଟା ହରିନାରାୟଣ ବକ୍ତୃତା ଦେବେ । ମେ ୨୧ରେ ଭୁବନେଶ୍ୱର ନାଇଜର ଠାରେ ଇସ୍ରୋର ଅଧ୍ୟକ୍ଷ ଡ. ଭି. ନାରାୟଣନ ବକ୍ତବ୍ୟ ରଖିବେ । ମେ ୨୩ ରେ ଭୁବନେଶ୍ୱର ଆଇଆଇଟି ଠାରେ ଡ. ବିନୟ କୁମାର ଦାସ ଏହି ବକ୍ତୃତାମାଳାର ଶେଷ ବକ୍ତୃତା ପ୍ରଦାନ କରିବେ। ସବୁ ବକ୍ତୃତା ଅପରାହ୍ଣ ୩. ୩୦ ସମୟରେ ଆରମ୍ଭ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ଏନଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ତଥା ଆଇଇଇଇର ଭୁବନେଶ୍ୱର ସେକସନ୍ ଚେୟାର ପ୍ରଫେସର ଶୁଭ୍ରାଂଶୁ ଶେଖର ସାମନ୍ତରାୟ ଉପସ୍ଥିତ ଥିଲେ।

# ଉତ୍କଳ ସାଂସ୍କୃତିକ ସମାଜ ବିଶାଖାପାଟଣାର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର (ସବ୍ୟୁ): ବିଶାଖାପାଟଣାର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୨୦୨୫-୨୬ବର୍ଷ ପାଇଁ ହୋଇଥିବା ଏହି କର୍ମକର୍ତ୍ତା ନିର୍ବାଚନ ପାଇଁ ସଂଗଠନର ବାର୍ଷିକ ସାଧାରଣ ବୈଠକ ଏହାର ଶିରିପୁରମ୍ ସ୍ଥିତ କାର୍ଯ୍ୟାଳୟରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ହୋଇଥିବା ନିର୍ବାଚନରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଜେ.କେ ନାୟକ (ସଭାପତି), ସୋମନାଥ ସାହୁ ଓ ଡ. କରୁଣାକର ପାଢ଼ି (ଉପସଭାପତି), ବିମଳ



କୁମାର ମହାନ୍ତ (ସଂପାଦକ), ଶ୍ରୀମତୀ ସୀମା ମହାନ୍ତି (ସାଂସ୍କୃତିକ ସଂପାଦକ) ଓ ମହେଶ୍ୱର ବେହେରା (କୋଷାଧ୍ୟକ୍ଷ) ଭାବେ ରହିଛନ୍ତି । ଏହି କର୍ମକର୍ତ୍ତାମାନେ ଓଡ଼ିଆ, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରସାର କରିବା ସହିତ ବିଭିନ୍ନ ସାଂସ୍କୃତିକ, ସାହିତ୍ୟ ଓ ସମାଜସେବା ମୂଳକ କାର୍ଯ୍ୟ ଜରିଆରେ ସମାଜିକ ସଦ୍‌ଭାବ ବଜାୟ ରଖିବେ ବୋଲି କହିଛନ୍ତି । ଉତ୍କଳ ସାଂସ୍କୃତିକ ସମାଜ ଆନ୍ଧ୍ରପ୍ରଦେଶରେ ରହୁଥିବା ଓଡ଼ିଆ ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆମର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# ଦି ମିଡ଼ିଆ ପକ୍ଷରୁ ମହର୍ଷି ନାରଦ ଜୟନ୍ତୀ ପାଳିତ

ପୁରୀ (ସବ୍ୟୁ): ଦି ମିଡ଼ିଆ ରାଜ୍ୟ ସ୍ତରୀୟ କର୍ତବ୍ୟରତ ସାମ୍ବାଦିକ, ସ୍ତମ୍ଭକାର ଓ ଲେଖକ ଫୋରମ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଦେବର୍ଷି ନାରଦ ଜୟନ୍ତୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଦି ମିଡ଼ିଆର ରାଜ୍ୟ ସଭାପତି ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର ଯୋଗ ଦେଇ କହିଲେ ଦେବର୍ଷି ନାରଦ ବିଶ୍ୱର ପ୍ରଥମ ସାମ୍ବାଦିକ ଏବଂ ଦେବର୍ଷି ନାରଦ ଥିଲେ ଦେବଦୂତ ଓ ବିଦ୍ୱାନ । ଭାରତୀୟ ସଂସ୍କୃତିରେ ଦେବର୍ଷି ନାରଦ ହେଉଛନ୍ତି ଭକ୍ତି ସୁତ୍ରର ପ୍ରଣେତା ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଇଞ୍ଜିନିୟର ରାଜେଶ କୁମାର ମିଶ୍ର , ଐତିହାସିକ ମଦନ ମୋହନ ମହାପାତ୍ର , ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଓ ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରାରମ୍ଭରେ ଫୋରମର ଅଧକ୍ଷ ସାମ୍ବାଦିକ ସରୋଜ କୁମାର ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଆଲୋଚନାଚକ୍ରରେ ଡଃ. ଅଭିମନ୍ୟୁ ଭୂୟାଁ, ଡଃ. କାର୍ତ୍ତିକ କୁମାର ଦାସ, ପଣ୍ଡିତ ସଦାଶିବ ମିଶ୍ର, ଅଧିବକ୍ତା ବିପିନ ବିହାରୀ ଦଳେଇ , ଅଧାପକ ଭାରତୀ ଭୂଷଣ ଦାସ, ଅଶୋକ କୁମାର ମିଶ୍ର , ସ୍ତମ୍ଭକାର ହରିଶଙ୍କର ମିଶ୍ର , ଡଃ. ସସ୍ମିତା ମିଶ୍ର , ଦୟାନିଧି ତ୍ରିପାଠୀ , ବିଚିତ୍ର ରଞ୍ଜନ ମହାପାତ୍ର , ବରିଷ୍ଟ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ ଓ ସୁରେଶ କୁମାର ପଟ୍ଟନାୟକ ଭାଗ ନିଜ ନିଜର ମତ ରଖିଥିଲେ ।

ଏହି ଅବସରରେ ସାମ୍ବାଦିକ ସତ୍ୟ ନାରାୟଣ ରାଉତରାୟ , ବିକ୍ରମ କେଶରୀ ଆଚାର୍ଯ୍ୟ , ଅଜିତ କୁମାର ମହାନ୍ତି, ସମାଜସେବୀ କୃଷ୍ଣଚନ୍ଦ୍ର ସାଇନୟକ୍ , ଅଧିବକ୍ତା ରତିକାନ୍ତ ପ୍ରତିହାରୀ, ସମାଜସେବୀ ରୁଚିମୀତ୍ରା ଜଗଦେବ ମହାପାତ୍ର ପ୍ରମୁଖଙ୍କୁ ଦେବର୍ଷି ନାରଦ ସାରସ୍ୱତ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ

# ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଚଳିତବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଚଳିତବର୍ଷ ସିବିଏସଇ ଦ୍ୱାଦଶ ଓ ଦଶମ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଜିର ଦିନ ଏକ ସ୍ମରଣୀୟ ଦିନ । ଉଲ୍ଲାସ, ପରିଶ୍ରମ, ସମର୍ପଣ ଏବଂ ଧୈର୍ଯ୍ୟକୁ ଖୁସିରେ ପାଳନ କରିବାର ଅବସର । ବିଗତ ବର୍ଷ ଧରି ଛାତ୍ରୀମାନଙ୍କର ପରୀକ୍ଷାରେ ପ୍ରଦର୍ଶନ ଉଲ୍ଲେଖନୀୟ । ଚଳିତବର୍ଷ ମଧ୍ୟ ଛାତ୍ରୀମାନେ ଛାତ୍ରମାନଙ୍କ ଠାରୁ ବହୁତ ଭଲ କରିଛନ୍ତି । ଏହା ଉଭା ହେଉଥିବା ନୂଆ ଭାରତର ଏକ ଶକ୍ତିଶାଳୀ ପ୍ରତିବିମ୍ବ,



ଯେଉଁଥିରେ ଛାତ୍ରୀମାନଙ୍କର ଆଶା ସଫଳତାରେ ପରିଣତ ହେଉଛି । ସିବିଏସଇ ଦ୍ୱାଦଶରେ ପାସ ହାର ୮୮.୩୯ ପ୍ରତିଶତ ଏବଂ ସିବିଏସଇ ଦଶମରେ ୯୩.୬୬ ପ୍ରତିଶତ ରହିଛି । ଏହି ସଫଳତା ପୂର୍ବ ବର୍ଷମାନଙ୍କ ଠାରୁ କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ଶୁଭ ସଙ୍କେତ । ସମସ୍ତ ଛାତ୍ରଛାତ୍ରୀମାନେ ଆଗାମୀ ଦିନମାନଙ୍କରେ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ପରାମର୍ଶ ଦେବା ସହ ଶ୍ରୀ ପ୍ରଧାନ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେହିପରି ପୃଥକ ଟ୍ୱିଟ୍‌ରେ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଯେ ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ସିବିଏସଇ ବୋର୍ଡ ପରୀକ୍ଷାଗୁଡ଼ିକ ଆୟୋଜନ କରାଯାଉଛି । ଟେକ୍ନୋଲୋଜି ସୁବିଧା ଦ୍ୱାରା ଦକ୍ଷତା ଆଧାରିତ ମୂଲ୍ୟାଙ୍କନରେ ଗୁରୁତ୍ୱ ଦିଆଯାଇଛି ।

## କ୍ରେନ ଭାଙ୍ଗିପଡ଼ି ମୃତ୍ୟୁ ପ୍ରସଙ୍ଗ

# ଓଏଚ୍ଆରସିଙ୍କ ନିର୍ଦ୍ଦେଶ ଅଗଷ୍ଟ ୮ ସୁଦ୍ଧା ରଖ ଜବାବ

କଟକ,(ସବ୍ୟୁ): ଖାନନଗର କାଠଯୋଡ଼ି ରିଙ୍ଗରୋଡ଼ ୬ ଲେନ୍ କାର୍ଯ୍ୟ ଚାଲୁଥିବାବେଳେ କ୍ରେନ୍ ଭାଙ୍ଗିପଡ଼ି ତିନିଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ମାନବାଧିକାର କମିସନ(ଓଏଚ୍ଆରସି) ରାଜ୍ୟ ପୂର୍ତ୍ତ ବିଭାଗ ସଚିବ ଏବଂ କଟକ ଜିଲ୍ଲାପାଳଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଓଏଚ୍ଆରସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଅଗଷ୍ଟ ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି ।

ଖାନନଗରସ୍ଥିତ କାଠଯୋଡ଼ି ରିଙ୍ଗରୋଡ ସମ୍ପ୍ରସାରଣ ଚାଲିଥିବାବେଳେ ଗତ ୨ ତାରିଖରେ ଏହି ଅଘଟଣ ଘଟିଥିଲା । ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବାରୁ ଏପରି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି । ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଦୁଇ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଏହାକୁ କେନ୍ଦ୍ରକରି ଶ୍ରୀ ଦାସ ଓଏଚ୍ଆରସିରେ ମାମଲା ରୁଜୁ କରିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆହତଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ଦେବାଲାଗି ନିର୍ଦ୍ଦେଶ ଦେବାକୁ ସେ କମିସନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏଥିସହ ଏହି ଘଟଣାର ସଠିକ୍ ତଦନ୍ତ, କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ମାଣ ସ୍ଥଳରେ ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଟିସନରେ ଉଲ୍ଲେଖ କରିଛନ୍ତି ।


କଟକ ନେତାଜୀ ସୁଭାଷ ବାଷ ବସ ଟର୍ମିନାଲ (ସିଏନ୍‌ବିଟି)ରୁ ଖାନନଗର ମଣିମନ୍ଦିର ପର୍ଯ୍ୟନ୍ତ ୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ରିଙ୍ଗରୋଡ଼କୁ ୬ ଲେନ୍ କରାଯାଉଛି । ବସ୍‌ଷ୍ଟାଣ୍ଡରୁ ମଣିମନ୍ଦିର ପର୍ଯ୍ୟନ୍ତ ଲମ୍ବିଥିବା ରିଙ୍ଗରୋଡ୍ କଡ଼ରେ କିଛି ଅଂଶକୁ ସେତୁ ଜରିଆରେ ଯୋଡ଼ାଯାଉଛି । ଗତବର୍ଷଠାରୁ ଏହି କାର୍ଯ୍ୟ ଚାଲୁରହିଛି । ଖାନନଗର ବୁରୁଜ ନିକଟରେ ବଡ଼ ସ୍ଥାନକୁ ପିଲାର ଉପରେ ସ୍ଥାପନ କରାଯାଉଥିଲା । ଦୁଇଟି କ୍ରେନ୍‌କୁ ନିୟୋଜିତ କରାଯିବା ସହ କିଛି ମିଟର ଦୂରତା ରକ୍ଷା କରାଯାଇ ବଡ଼ ସ୍ଲାନ ବା ସ୍ଲାବକୁ ନଦୀ ଗର୍ଭରୁ ରିଙ୍ଗରୋଡ୍ର ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଲାର ଉପରେ ସ୍ଥାପନ କରିବାକୁ ଉପରକୁ ଉଠାଯାଉଥିଲା । ହଠାତ୍ ସନ୍ତୁଳନ ହରାଇ କଂକ୍ରିଟ୍ ସ୍ଲାବଟି ତଳକୁ ଖସି ପଡ଼ିଥିଲା । ଫଳରେ ଗୋଟିଏ କ୍ରେନ୍ ଭାଙ୍ଗିପଡ଼ିବାରୁ ୫ ଜଣ ଚାପି ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଶ୍ରୀ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି ।

### ବାର୍‌ରେ ଗୋଷ୍ଠୀ ସଂଘର୍ଷ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ କେଶୁରାଠାରେ ଥିବା 'କୁଇନ୍ ସିଟି ବାର୍ ଆଣ୍ଡ୍ ରେଷ୍ଟୁରାଣ୍ଟ'ରେ ଦୁଇଗୋଷ୍ଠୀ ମଦ ପିଉଥିବା ବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଦେଖେଇ ଶିଖେଇ କଥା ହୋଇଥିଲେ । ଶେଷକୁ ଦୁଇଗୋଷ୍ଠୀ ପରସ୍ପର ମଧ୍ୟରେ ବିଅର ବୋତଲ ସାହାଯ୍ୟରେ ଆକ୍ରମଣ କରାକରି ହୋଇଥିଲେ । ଏହି ଘଟଣାକୁ ନେଇ ଅଭିଯୋଗ ହେବା ପରେ ପୋଲିସ ଜଣକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ବାର୍‌ର ମ୍ୟାନେଜର ସତ୍ୟମ୍ ବାରିକଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଏତଲାକାରୀ ସେହି ବାର୍‌ରେ ମ୍ୟାନେଜର ଭାବେ କାମ କରନ୍ତି । ସୋମବାର ଅପରାହ୍ଣରେ ଝାରପଡା ଏବଂ କାମେନା ଗ୍ରାମର କିଛି ଯୁବକ ବାର୍‌କୁ ଆସିଥିଲେ । କିଛି ସମୟ ପରେ କୌଣସି କାରଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, ବାକ୍‌ବିତଣ୍ଡା ହୋଇଥିଲା । ପରେ ପରସ୍ପରକୁ ବିଅର ବୋତଲ ସାହାଯ୍ୟରେ ଆକ୍ରମଣ କରିଥିଲେ । ବାର୍‌ର କର୍ମଚାରୀମାନେ ଏଥିରୁ ନିବୃତ୍ତ କରିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଯାହା ଫଳରେ ଆକ୍ରମଣ ଯୋଗୁ ବିଶ୍ୱଜିତ ନାୟକ ନାମକ ଜଣେ ବାର୍ କର୍ମଚାରୀ ଆହତ ହୋଇଛନ୍ତି । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିବା ସହ କୋରଡକଣ୍ଟା ଗ୍ରାମରେ ଚଢାଉ କରି ଅଭିଯୁକ୍ତ ସନ୍ତୋଷ କୁମାର ଜେନା (୨୩)କୁ ଗିରଫ କରିବା ସହ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତ ନାଁରେ ପୂର୍ବରୁ ବଡଗଡ ଥାନାରେ ଦୁଇଟି ମାମଲା ଥିବା ପୋଲିସ କହିଛି ।

# ଆରପାରିରେ ସାହିତ୍ୟିକ ଡକ୍ଟର ବଳରାମ ଦାସ

ଭୁବନେଶ୍ୱର (ସବ୍ୟୁ): ପ୍ରଖ୍ୟାତ ସାହିତ୍ୟିକ, ଗାଳ୍ପିକ ଓ ଗବେଷକ ତଥା ଅଧ୍ୟାପକ ଡକ୍ଟର ବଳରାମ ଦାସଙ୍କର ତାଙ୍କ ପୁରୀ ବାସଭବନ ଶଙ୍ଖନାଭି ଠାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା । ତେବେ ତାଙ୍କର ଶେଷକୃତ୍ୟ ସଂପନ୍ନ ପାଇଁ ଯିବା ବେଳେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ସାହିତ୍ୟିକ କାନ୍ଧରେ ଜଣେ ସାହିତ୍ୟିକ ସ୍ୱର୍ଗଦ୍ୱାର ଯିବା ର ଏକ ଉଲ୍ଲେଖନୀୟ ଦୃଶ୍ୟ ଆଜି ଦେଖିବାକୁ ମିଳିଥିଲା ପୁରୀ ସ୍ୱର୍ଗଦ୍ୱାରରେ । ଓଡ଼ିଶାର ବିଶିଷ୍ଟ କବି, ଗୀତିକାର, ଗାଳ୍ପିକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ବଳରାମ ଦାସଙ୍କ ମହାପ୍ରୟାଣ ରେ ତାଙ୍କ ମରଶରୀରକୁ କାନ୍ଧରେ ସ୍ୱର୍ଗଦ୍ୱାର ନେଇଥିଲେ ଗୀତିକାର ବଦ୍ରି ମିଶ୍ର,କବି ଶ୍ୟାମପ୍ରକାଶ ସେନାପତି, ଇଂ.ମୀନକେତନ ମିଶ୍ର, ଶିକ୍ଷାବିତ୍ ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଶିଶୁ କବି ସତ୍ୟନାରାୟଣ ମିଶ୍ର,ଚିନ୍ମୟ ବିବେକ,ମାନସ ରଞ୍ଜନ ମହାପାତ୍ର, କାମଦେବ ମହାରଣା,ଆଲୋକ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦେବୀପ୍ରସନ୍ନ ନନ୍ଦ, ବିଜୟ କୁମାର ପଣ୍ଡା,କ୍ରିଷ୍ଣା ମହାପାତ୍ର, ଶିବ ସୁନ୍ଦର ମିଶ୍ର, ଅନାମ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ଦୁର୍ଗାମାଧବ ନନ୍ଦ,କବି ଉମାକାନ୍ତ ମହାପାତ୍ର, ରବିନାରାୟଣ ସାହୁ, କୃଷ୍ଣଚନ୍ଦ୍ର ପାତ୍ର,ରମେଶ ଚନ୍ଦ୍ର ଦାସ, କମଳାକାନ୍ତ ଦାଶ, ଶିକ୍ଷାବିତ୍ କାର୍ତ୍ତିକ



କୁମାର ଦାସ ପ୍ରମୁଖ । ସ୍ୱର୍ଗଦ୍ୱାର ଠାରେ ଅଭିନନ୍ଦନିକା, ଓଡ଼ିଶା ଯୁବ ଚେତନା ସଂଗଠନ,ସର୍ବୋଦୟ ସାହିତ୍ୟ ପରିଷଦ, ପ୍ରିୟପତ୍ର, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ମାଲ୍ୟାର୍ପଣ ପରେ ମୁଖାଗ୍ନି ଦେଇଥିଲେ ପୁତ୍ର ତନ୍ମୟ ଦାସ । ପତ୍ନୀ ମାୟା ଦାସ,ବୋହୂ ପୂର୍ଣ୍ଣମା ଦାସ, ଝିଅ ସରିତା ଦାସ, ଜୋଇଁ ହୃଷିକେଶ ତ୍ରିପାଠୀ ଓ ଆତ୍ମୀୟ ମାନସ ଦାସ ଉପସ୍ଥିତ ଥିଲେ । ବଳରାମ ବାବୁଙ୍କ ବିୟୋଗରେ ବିଶିଷ୍ଟ ସାହିତ୍ୟିକ ମାନସ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଚାନ୍ଦବାଲିର ଗୋପାଳପୁର ରେ ଜନ୍ମଗ୍ରହଣ କରିଥିବା ଡକ୍ଟର ବଳରାମ ଦାସ, ପୁରୀ କଲେଜ ସମେତ ଓଡ଼ିଶା ର ବିଭିନ୍ନ ମହାବିଦ୍ୟାଳୟ ରେ ୩୫ବର୍ଷ ଅଧ୍ୟାପନା କରିବାପରେ ସୋମବାର ଇହଲୀଳା ସମ୍ବରଣ କରିଛନ୍ତି ।

ଜୀବନକାଳ ମଧ୍ୟରେ ସେ ବହୁ ପୁସ୍ତକ ରଚନା କରିଛନ୍ତି । ତାଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ 'ଭଞ୍ଜ ସାହିତ୍ୟ ଓ ଓଡ଼ିଶାର ସଂସ୍କୃତି' ,'ଓଡ଼ିଆ ଗୀତି କବିତାର ରୂପ ଓ ରୂପାନ୍ତର' , 'ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥ' , 'ଆଶ୍ଚର୍ଯ୍ୟ ଆକାଶ', 'ଅଦୃଶ୍ୟ ଅଭିସାର', 'ଜଣେ ମହାପୁରୁଷଙ୍କ ସମ୍ପର୍କରେ', 'ଭରା ନଈର ଶ୍ରାବଣ', 'ଭାଙ୍ଗି ପଡୁଥିବା ଆକାଶ', 'କୈଳାସ ଓ ମାନସ ତୀର୍ଥ', 'ଉଦୟରାଗ', ' ଚଉହଦୀ ', 'ଅନେକ ଜହ୍ନ ର ଆକାଶ 'ଆଦି ଅନ୍ୟତମ । ୨୦ ଟି ପୁସ୍ତକର ସ୍ରଷ୍ଟା ଥିଲେ ସେ । ଏମ୍.ଏ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଏବଂ ଭକ୍ତକବି ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ହାସଲ କରିଥିଲେ ବଳରାମ । ତାଙ୍କର ଓଡ଼ିଶାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ଅନେକ ଗଳ୍ପ, କବିତା ,ପ୍ରବନ୍ଧ ପ୍ରକାଶିତ ହୋଇଛି । ପ୍ରତିଭା ଲାଗି ଓଡ଼ିଶାର ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି ।

### ପ୍ରାଇମ୍ ହସ୍ପିଟାଲ୍‌ରେ ଅନ୍ତର୍ଜାତୀୟ ସେବିକା ଦିବସ



କଟକ,(ସବ୍ୟୁ):ଆନ୍ତର୍ଜାତୀୟ ସେବିକା ଦିବସ ପ୍ରାଇମ ହସ୍ପିଟାଲ୍ ପରିସର ପାଳିତ ହୋଇଯାଇଛି । ଏହି ଅବସର ରେ ହୃଦ୍‌ରୋଗ ବିଶେଷଜ୍ଞ ସତ୍ୟ ରଞ୍ଜନ ମହାନ୍ତି, ମେଡ଼ିସିନ୍ ବିଭାଗ ର ଡ଼କ୍ଟର ମନୋରଞ୍ଜନ ମଲ୍ଲିକ, ଓ ଡ଼କ୍ଟର ଆଦର୍ଶ ପ୍ରମୁଖ ସେବିକା ଦିବସ ସମ୍ବନ୍ଧରେ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପରିଶେଷରେ କେକ୍ କଟାଯାଇ ହସ୍ପିଟାଲ୍‌ର ପୁରାତନ ବରିଷ୍ଠ କର୍ମଚାରୀ ସୁଜାତା ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ହସ୍ପିଟାଲ୍‌ର ସମସ୍ତ ସେବିକା ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ରୋଗୀ ସେବା ପାଇଁ ଶପଥ ପାଠ କରିଥିଲେ ।

## ଫୌଜଦାରୀ ମୋକଦ୍ଦମା ଆଳରେ

# କାହାକୁ ଅନିର୍ଦ୍ଦିଷ୍ଟ କାଳ ଜେଲ୍‌ରେ ରଖି ପାରିବନି : ହାଇକୋର୍ଟ

### ମାଓବାଦୀ ସନ୍ଦେହରେ ଗିରଫ ବ୍ୟକ୍ତିଙ୍କୁ ମିଳିଲା ଜାମିନ

କଟକ, (ସବ୍ୟୁ): ଯଦି କାହାରି ବିରୋଧରେ ପ୍ରାଥମିକ ପ୍ରମାଣ ନାହିଁ ତାହେଲେ ତାଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା ଥିବା ଦର୍ଶାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅର୍ନିଦ୍ଦିଷ୍ଟ କାଳ ପାଇଁ ଜେଲ୍ରେ ରଖାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଜାମିନ ମାମଲାର ଶୁଣାଣି ଅବସରରେ ଏଭଳି ମତ ରଖିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ କିଛି ଫୌଜଦାରୀ ମୋକଦ୍ଦମା ଥିଲେ ମଧ୍ୟ ଅନ୍ୟାନ୍ୟ ମାମଲାରେ ପ୍ରାଥମିକ ପ୍ରମାଣ ନଥିବାରୁ ତାଙ୍କୁ ଜାମିନ୍‌ରେ ଛଡ଼ାଯାଇ ପାରିବ ବୋଲି ହାଇକୋର୍ଟ କହିବା ସହ ମାଓବାଦୀ ସନ୍ଦେହରେ ଗିରଫ ହୋଇଥିବା ବିକ୍ରମ ମଲ୍ଲୀକଙ୍କୁ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କୁ ଜାମିନ୍‌ରେ ଛାଡ଼ ପାଇଁ ହାଇକୋର୍ଟ କେତେକ କଠୋର ସର୍ତ୍ତ ମଧ୍ୟ ଧାର୍ଯ୍ୟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ପକ୍ଷରୁ ଅନ୍ୟ କିଛି ବ୍ୟକ୍ତିଙ୍କ ସହ ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା । ଆବେଦନକାରୀଙ୍କ ନାମରେ କିଛି ଫୌଜଦାରୀ ମାମଲା ରହିଛି ଏବଂ ସେ ଏକ ମାଓବାଦୀ ସଙ୍ଗଠନର ସଦସ୍ୟ ବୋଲି ଦର୍ଶାଯାଇଥିଲା । ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଏକ ମେସିନ୍‌କୁ ଆବେଦନକାରୀ ଏବଂ ତାଙ୍କର କିଛି ସହଯୋଗୀ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା । ଇତି ମଧ୍ୟରେ ଅନ୍ୟ ସହଯୋଗୀମାନଙ୍କୁ ଜାମିନ୍ ମିଳିସାରିଛି । ତେଣୁ ଆବେଦନକାରୀଙ୍କୁ ମଧ୍ୟ ଜାମିନ୍ ମିଳିବା ଆବଶ୍ୟକ ବୋଲି ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା । ୨୦୨୪ ଜୁଲାଇ ୯ ତାରିଖରୁ ଜେଲରେ ରହି ଆସୁଥିବା ଆବେଦନକାରୀଙ୍କ ବିରୋଧରେ କେବଳ କିଛି ଫୌଜଦାରୀ ମାମଲା ରହିଛି ବୋଲି ସେମାନଙ୍କୁ ଜାମିନରେ ଛଡ଼ଯାଇ ପାରିବ ନାହିଁ ବୋଲି ଯାହା ସରକାରଙ୍କ ପକ୍ଷରୁ କୁହାଯାଇଥିଲା ତାହାକୁ ହାଇକୋର୍ଟ ଖଣ୍ଡନ କରିବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା ମାମଲା ପରିଚାଳନା କରୁଥିଲେ ।

## ବାତିଲ୍ ହୋଇପାରେ ଅର୍ଚ୍ଚନାଙ୍କ ଆଡଭୋକେଟ୍ ଲାଇସେନ୍ସ

# କ୍ରିମିନାଲ କେସ୍ ସମ୍ପର୍କରେ ତଥ୍ୟ ଲୁଚାଇଥିଲେ

କଟକ,(ସବ୍ୟୁ): ବହୁଚର୍ଚ୍ଚିତ ଅର୍ଜନା ନାଗ୍ ଆଡଭୋକେଟ୍ ଲାଇସେନ୍ସ ପାଇବାର ମାତ୍ର ଅଳ୍ପ ଦିନ ମଧ୍ୟରେ ତାଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ତାଙ୍କ ବିରୋଧରେ ଅପରାଧିକ ମାମଲା ଥିବାବେଳେ କୌଣସି ପ୍ରକାର କ୍ରିମିନାଲ କେସ୍ ନାହିଁ ବୋଲି ନିଜେ ଦର୍ଶାଇବା ଅଭିଯୋଗରେ ଏହି ନୋଟିସ୍ ଜାରି କରାଯାଇଛି । ତଥ୍ୟ ଲୁଚାଇବା ଅଭିଯୋଗରେ ତାଙ୍କ ବିରୋଧରେ କାହିଁକି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ସଂକ୍ରାନ୍ତରେ ୭ଦିନ ମଧ୍ୟରେ ଜବାବ ରଖିବାକୁ ଏହି ନୋଟିସ୍ରେ କୁହାଯାଇଛି । ଏହି ନୋଟିସ୍ ପରେ ଅର୍ଜନା ନାଗ୍‌ଙ୍କ ଆଡଭୋକେଟ୍ ଲାଇସେନ୍ସ ବାତିଲ୍ ହୋଇପାରେ ବୋଲି କୁହାଯାଉଛି । ଗତ ୧୦ ତାରିଖ ଦିନ ଅର୍ଜନା ନାଗ୍ ରାଜ୍ୟ ଆଇନଜୀବୀ ପରିଷଦରେ ଆଡଭୋକେଟ୍ ଭାବେ ନିଜ ନାମ ପଞ୍ଜିକୃତ କରିଥିଲେ । ଏହି ଲାଇସେନ୍ସ ଦେବା ପରେ ରାଜ୍ୟ ଆଇନଜୀବୀ ପରିଷଦ ଜାଣିବାକୁ ପାଇଛି ଯେ, ତାଙ୍କ ବିରୋଧରେ କ୍ରିମିନାଲ କେସ୍ ପଡ଼ିରହିଛି । ୨୦୨୪ ସେପ୍ଟେମ୍ବର ୨ ତାରିଖରେ ଅର୍ଜନା ନାଗ ଆଡଭୋକେଟ୍ ଲାଇସେନ୍ସ ପାଇଁ ଯେଉଁ ଆବେଦନ କରିଥିଲେ ସେଥିରେ ସେ କେତେକ ତଥ୍ୟ ଲୁଚାଇଥିବା ସାମ୍ନାକୁ ଆସିଥିଲା । ଉକ୍ତ ଫର୍ମର କଲମ୍-୨୦ରେ ତାଙ୍କ ବିରୋଧରେ କୌଣସି ପ୍ରକାର ଫୌଜଦାରୀ କେସ୍ 'ନାହିଁ' ବୋଲି ଉଲ୍ଲେଖ କରାଯାଇଛି । ତେଣୁ ଏହା ଉପରେ ସେ ସାତ ଦିନ ଭିତରେ ଯଦି ସନ୍ତୋଷ ଜନକ ଉତ୍ତର ନ ରଖନ୍ତି ତାହେଲେ ରାଜ୍ୟ ଆଇନଜୀବୀ ପରିଷଦ ଏକ ପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି ।

# ମୟୂରଭଞ୍ଜ ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ପ୍ରାଥମିକ ଶିକ୍ଷକ ସଙ୍ଘ (ନୂତନ ପେନସନ ଯୋଜନା ଭୁକ୍ତ) ତରଫରୁ ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କର ସମସ୍ୟା ଗୁଡିକର ଆଶୁ ସମାଧାନ ନିମନ୍ତେ ଏକ ଦାବିପତ୍ର ବିଶୋଇ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି । ସମସ୍ୟା ଗୁଡିକ ହେଲା ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ଠିକା ପ୍ରଥା ଉଚ୍ଛେଦ କରିବା ସହ ୨୦୦୧ ମସିହାରୁ ଠିକାରେ କାର୍ଯ୍ୟ କରିଥିବା ଶିକ୍ଷକମାନଙ୍କର ୬/୮ ବର୍ଷର ଠିକା କାର୍ଯ୍ୟକାଳକୁ ନିୟମିତ ନିୟମିତ କାର୍ଯ୍ୟକାଳ ରୂପେ ଗଣନା କରି ବେତନବୃଦ୍ଧି ଓ ଅନ୍ୟାନ୍ୟ ସୁଧା ପ୍ରଦାନ କରିବା, ଭାରତର ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିବା ଅବିକଳ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରିବା, ୨୦୨୨ ମସିହାରୁ ବନ୍ଦ ରହିଥିବା ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତିକୁ ତ୍ୱରାନ୍ୱିତ କରିବା, ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରାତନ ପେନସନ ଯୋଜନା ପୁନଃ ପ୍ରଚଳନ କରିବା ଓ ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ସଭାପତି ହରେକୃଷ୍ଣ ବାରିକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତ, ସଂଗଠନ ସମ୍ପାଦକ ଗଦାଧର ନାୟକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାଥ, ରାଜ୍ୟ ଜୋନ ସମ୍ପାଦକ ଭବେଶ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଦୀପକ ପାତ୍ରଙ୍କ ସମେତ ଶିକ୍ଷକ ନେତା ମନୋଜ କୁମାର ବେହେରା ଓ ସୁଶୀଲ କୁମାର ପାତ୍ର ଏବଂ ବହୁ ଶିକ୍ଷକ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ ।

# ଚକା ଫାଟି ଓଲଟିଲା ପିକଅପ୍ ଭ୍ୟାନ୍
## ଦୁଇ ମୃତ, ୧୩ରୁ ଉର୍ଦ୍ଧ୍ୱ ଆହତ

ଭଞ୍ଜନଗର, (ସବ୍ୟୁ) କାଳ ହେଲା ମାନସିକ ଭୋଜି । ଅଧା ରାସ୍ତାରେ ଘଟିଲା ଦୁର୍ଘଟଣା । ଚାଲିଗଲା ଦୁଇଟି ଜୀବନ ।ଆହତ ହେଲେ, ୧୩ରୁ ଉର୍ଦ୍ଧ୍ୱ। ଗଂଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗାଁ ରାସ୍ତାରେ ଘଟିଛି, ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ମଙ୍ଗଳବାର ପୂର୍ବାହ୍ନରେ ସୋରଡା ଥାନା ଅର୍ନ୍ତଗତ ବାଘଲିଙ୍ଗି ଗାଁର ଗୋଟିଏ ପରିବାରର ସନ୍ତାନର ମାନସିକ ପୂରଣ ପାଇଁ ଗାଙ୍ଗପୁର ଥାନା ଅନ୍ତର୍ଗତ ସାନବୋରସିଙ୍ଗି ନିକଟ ମା' ବ୍ରାହ୍ମଣୀଦେବୀଙ୍କ ଶକ୍ତିପୀଠକୁ ଯାଉଥିଲେ। ପରିବାର ଲୋକ ସମେତ ସମ୍ପର୍କୀୟ ମାନେ ବି ରହିଥିଲେ । ଉକ୍ତ ପୀଠରେ ପୂଜାର୍ଚ୍ଚନା ସହ ଭୋଜିର ଆୟୋଜନ ମଧ୍ୟ କରିଥାନ୍ତେ । ସେଥିପାଇଁ ଏକ ଡାଲା ପିକଅପ୍ ଭ୍ୟାନ୍‌ରେ ପ୍ରାୟ ୨୫ ଜଣ ଆସୁଥିଲେ । ସୋରଡ଼ା-ଭଂଜନଗର ରାସ୍ତାର କୁଲାଙ୍ଗି ନିକଟରେ ଭ୍ୟାନ୍‌ର ଚକା ଫାଟି ଯିବାରୁ, ଗାଡ଼ିଟି ଘଟଣା ସ୍ଥଳରେ ଓଲଟି ପଡିଥିଲା । ଫଳରେ ଘଟଣା ସ୍ଥଳରେ ସେଥିରେ ବସିଥିବା କେଶରୀପାଟଣା ଗ୍ରାମର ଚନ୍ଦ୍ରମା ଗୌଡ (୨୮) ଏବଂ ବାଘଲିଙ୍ଗି ଗ୍ରାମର ବାଦଲ ଗୌଡ (୧୬) ଙ୍କ ମୃତ୍ୟୁ ହୋଇଥିଲା । ଏହା ସହ ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକେ ଉଧାର କରି ଆମ୍ବୁଲାନ୍ସ ଯୋଗେ ଭଂଜନଗର ମେଡିକାଲକୁ ପଠାଇଥିଲେ । ଆହତ ମାନେ ହେଲେ ପୂଜା ଗୌଡ(୧୨), ସଂଗୀତା ଗୌଡ(୪୫), ହାଡିଆଣି ଗୌଡ (୪୦), ସ୍ୱପ୍ନାରାଣୀ ଗୌଡ (୬), ଚନ୍ଦନ ଗୌଡ(୧୫), ସଞ୍ଜୁ ଗୌଡ(୪୦), ପ୍ରକାଶ ଚନ୍ଦ୍ର ଗୌଡ(୪୫), ଅନିତା ଗୌଡ(୩୬), କୁନ୍ଦନ ଗୌଡ(୬୨), ମାଗତା ଗୌଡ(୬୦) ଏବଂ ଝୁନୁ ଗୌଡ(୪୬) ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି । ସମସ୍ତ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଗାଙ୍ଗପୁର ଥାନା ପୋଲିସ ଘଟଣା ସ୍ଥଳ ଏବଂ ଭଂଜନଗର ମେଡିକାଲରେ ପହଞ୍ଚିଥିଲେ । ଏହାସହ ଭଂଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ଏବଂ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ପହଞ୍ଚି ଆହତଙ୍କ ଚିକିତ୍ସା ବାବଦରେ ଅନୁଧ୍ୟାନ କରିଥିଲେ । ଏହାସହ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଏବଂ ଆହତଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ ଉପଜିଲ୍ଲାପାଳ । ଏହି ଘଟଣାକୁ ନେଇ ଗାଙ୍ଗପୁର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି ।

## ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

ଗୋଳନ୍ଥରା, (ସବ୍ୟୁ) : ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୧୯ ଜଣ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ ସହିତ ସମୁଦାୟ ୧୮୭ ଜଣ ଛାତ୍ରଛାତ୍ରୀ ଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ଏଥିରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୁନାମଧନ୍ୟ ଓଡିଶୀ ଡ୍ୟାନ୍ସର ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡ଼. ଅରୁଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ପ୍ରଦାନ କରିଥିଲେ । ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା କରିବାକୁ ସେଲୋନା ସହିତ ସ୍ୱାକ୍ଷର କରାଯାଇଛି ବୋଲି ସୂଚନା ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗବେରନିଙ୍ଗ ମେମ୍ବର ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଡ଼. ପ୍ରତୋଷ ବଂଶଲ, ଡ଼. ଅନୁରାଗ ଅଗ୍ରୱାଲ, ବିମଲ ମିଶ୍ର, ରଞ୍ଜନ ଜେନା ଯୋଗ ଦେଇଥିଲେ। ରେଜିଷ୍ଟ୍ରାର ଡ. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ମହାକାଶ ବିଜ୍ଞାନୀ ତଥା ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ ବିଜ୍ଞାନରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ବେଳେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ସାହିତ୍ୟରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବଡ଼ ବଜାର ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରମୁଖୀ ସାହିର ସିଦ୍ଧାନ୍ତ ପଟ୍ଟନାୟକ(୩୦) । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ଦେଶୀ ବେହେରା ସାହି ଠାରେ କୁମ୍ଭାର ସାହିର ଡ଼ି ଜନାର୍ଦ୍ଦନ ରାଓ (୫୪) ଆକ୍ରମଣ ହୋଇଥିଲା । ଜନାର୍ଦ୍ଦନ ନିଜର ବାଇକକୁ ଘୁଞ୍ଚାଇବା ବେଳେ ରାସ୍ତାରେ ଏକ ସାଇକେଲ ଥିଲା । ଉକ୍ତ ସାଇକେଲକୁ ଜନାର୍ଦ୍ଦନ ଗାଡ଼ି ଧକ୍କା ଦେଇଥିଲା। ଏହାଦେଖି ସେଠାରେ ଥିବା ସିଦ୍ଧାନ୍ତ ପଟ୍ଟନାୟକ ତାଙ୍କୁ ଗାଳି ଗୁଲଜ କରିବା ସହ ଏକ ଲୁହା ରୋଡ଼ରେ ଆକ୍ରମଣ କରିଥିଲେ। ଏଥିରେ ଜନାର୍ଦ୍ଦନ ଆହତ ହୋଇଥିଲେ । ପରେ ଘଟଣାକୁ ନେଇ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ସିଦ୍ଧାନ୍ତ ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ବଜ୍ରପାତରେ ଟଳିପଡିଲେ ଗାଈ, ଛେଳି

ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକର ମାଣିତରା ଗ୍ରାମରେ ଗତ ସୋମବାର ସନ୍ଧ୍ୟାରେ ବଜ୍ରପାତ ଘଟି ରମେଶ ଗୌଡ଼ଙ୍କ ଗୋଟିଏ ଗାଈ ଓ ଗୋଟିଏ ଛେଳିର ମୃତ୍ୟୁ ହୋଇଛି । ପ୍ରକାଶ ଯେ, ରମେଶ ଗୌଡ଼ ନିଜର ଗାଈ ଓ ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ସହ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ଗାଈ ଓ ଛେଳି ଗୁଡିକ ଗଛ ତଳକୁ ଚାଲି ଯାଇଥିଲେ। ସେହି ସମୟରେ ଏକ ବଡ ଧରଣର ବଜ୍ରପାତ ଯୋଗୁଁ ଗୋଟିଏ ଗାଈ ଓ ଗୋଟିଏ ଛେଳି ମୃତ୍ୟୁବରଣ କରିଥିଲେ। ଗୋପାଳକ ରମେଶ ଗୌଡ଼ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି। ଏଥିସହ ତାମ୍ବିରି ଗ୍ରାମରେ ଏକ ନଡ଼ିଆ ଗଛ ବଜ୍ରପାତରେ ଜଳି ଯାଇଥିବା ବେଳେ ଅନେକ ବିଦ୍ୟୁତ ଖମ୍ବର ଇଂସୁଲେଟର ଫାଟି ଯାଇଥିବା ଯୋଗୁଁ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇ ଅଞ୍ଚଳ ଅନ୍ଧାରରେ ରହିଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ବିଦ୍ୟୁତ ଯୋଗାଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

## ଆରଟିଆଇ ତଥ୍ୟ ପ୍ରଦାନରେ ଅବହେଳା, ବିଡ଼ିଓଙ୍କୁ ଲିଖିତ ଅଭିଯୋଗ

କଟକ, (ସ୍ୱପ୍ର): କଟକ ସଦର ବ୍ଲକ ୱେବ୍‌ସାଇଟରେ ରହିଛି ତତ୍କାଳୀନ ବିଡିଓ ରାଜିବ ଲୋଚନ ପରିଡାଙ୍କ ନାମ । ସୂଚନା ଅଧିକାର ଆଇନ ଧାରା ୪ (୧) (ଖ) ନିୟମାନୁସାରେ ୧୭ ପ୍ରକାର ସୂଚନା ସ୍ୱୟଂ ପ୍ରକଟିତ କରାଯାଉ ନାହିଁ। ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନକୁ ବେଖାତିର କରିବା ସହ ସଠିକ ସମୟରେ ସୂଚନା ଦେଉନଥିବା ଅଭିଯୋଗ ହେଉଛି । ସରକାର ଓଡିଆ ଭାଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟରେ ସୂଚନାଅଧିକାର ଆଇନ ଓଡିଆ ଫର୍ମ ଦେଖିବାକୁ ମିଳୁନାହିଁ । ଏନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ମଙ୍ଗଳବାର ବିଡ଼ିଓ ପ୍ରତୀକ ସାହୁଙ୍କୁ ଭେଟି ସୂଚନା ଅଧିକାର ଆଇନକୁ ସଠିକ କାର୍ଯ୍ୟକାରୀ କରିବା ସହ ସରକାରୀ ୱେବ୍‌ସାଇଟ୍ ଅପ୍‌ଡେଟ୍ କରି ବର୍ତ୍ତମାନ ଅଧିକାରୀଙ୍କ ନାମ ଉଲ୍ଲେଖ କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି ।

## ଘୁମୁସରର ସ୍ୱର ପକ୍ଷରୁ ୧୪୯ତମ ସାହିତ୍ୟ ଆଲୋଚନା ଚକ୍ର

ଭଞ୍ଜନଗର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ପକ୍ଷରୁ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ୧୪୯ତମ ସାହିତ୍ୟ ଆଲୋଚନା ଚକ୍ର ପ୍ରତିଷ୍ଠାନର କାର୍ଯ୍ୟାଳୟ ଠାରେ ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କିଶୋର ଜେନା, ରିଷିପୁର ହାଇସ୍କୁଲର ସହକାରୀ ଶିକ୍ଷକ ଅନୁପ ମହାନ୍ତି, ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇ. ନିଳାଚଳ ପାତ୍ର, ଗୀତାଜ୍ଞାନ ବିତରକ ରାଜ ଗୋପାଳ ନାୟକ, ଖଲି ପରିଡ଼ା, କେ. ରାଘବ ପାତ୍ର ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ବୁଦ୍ଧ ଶାନ୍ତି ମୈତ୍ରୀର ପ୍ରତୀକ ସେହି ଦର୍ଶନରେ ଯୁବପିଢି ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ନିରଞ୍ଜନ ପାତ୍ର, ଧୋବାସାହୁ, ସଞ୍ଜୟ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କେ. ରାଘବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ବିହାର ରାଜ୍ୟ ବକ୍ସର ଜିଲାର ବକ୍ସର ଗ୍ରାମର ଗୁଡ୍ଡୁ ରାଜଭର(୨୨) । ଜେଲ ଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ଦେବାକୁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ପିଡିତା ନାବାଳିକାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ଦେବାକୁ ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରକାଶଯେ, ୨୦୨୪ ଅଗଷ୍ଟ ମାସରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳର ପିଡିତା ନାବାଳିକା ଜଣଙ୍କ ନିଜ ପରିବାର ସହ ହାଇଦ୍ରାବାଦରେ ରହୁଥିଲେ । ସେଠାରେ ତାଙ୍କ ବାପା-ମାଆ କାମ କରୁଥିବାରୁ ନାବାଳିକା ଜଣଙ୍କ ସେଠାରେ ରହି ୯ମ ଶ୍ରେଣୀରେ ପଢୁଥିଲେ । ତେବେ ନାବାଳିକା ଜଣଙ୍କ ଯେଉଁଠି ରହୁଥିଲେ ତା' ନିକଟରେ ଅଭିଯୁକ୍ତ ଗୁଡ୍ଡୁ ମଧ୍ୟ ରହି ଏକ କମ୍ପାନୀରେ କାମ କରୁଥିଲା । ତେବେ ନାବାଳିକାଙ୍କ ବାପା-ମାଆ କାମକୁ ଚାଲିଯିବା ପରେ ଗୁଡ୍ଡୁ ନାବାଳିକା ସହ ସମ୍ପର୍କ ବଢାଇଥିଲା । ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା । ଏହା ଭିତରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇ ପଡିଥିଲେ । ତାଙ୍କ ପେଟ ବ୍ୟଥା ହେବା ପରେ ପରିବାର ଲୋକେ ବ୍ରହ୍ମପୁର ଆସି ଏଠାକାର ଡାକ୍ତରଖାନାରେ ଦେଖାଇଥିଲେ । ସେତେବେଳେ ନାବାଳିକା ଜଣଙ୍କ ୮ମାସର ଗର୍ଭବତୀ ଥିବା ଜଣାପଡିଥିଲା । ତାଙ୍କୁ ପଚରାଉଚରା ପରେ ଅଭିଯୁକ୍ତ ଗୁଡ୍ଡୁ ବିଷୟରେ ସେ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାପରେ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା(୩୯୩/୨୪) ରୁଜୁ କରି ତଦନ୍ତ କରିଥିଲା । ଏକ ପୁଲିସ ଟିମ ହାଇଦ୍ରବାଦ ଯାଇ ଅଭିଯୁକ୍ତ ଗୁଡୁକୁ ଗିରଫ ପରେ ବ୍ରହ୍ମପୁର ଆଣି ଅଦାଲତ ଚାଲାଣ କରିଥିଲା । ସେବେଠାରୁ ଅଭିଯୁକ୍ତ ଗୁଡ୍ଡୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହି ଆସୁଥିଲେ । ମାମଲାର ବିଚାରଣା ବେଳେ ମୋଟ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

# ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୮ ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟଅତିଥି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନୀତ ଅତିଥି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବିଭିନ୍ନ ୱାର୍ଡ ର କର୍ପୋରେଟରଙ୍କ ଉପସ୍ଥିତିରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟ ବନ୍ଦନା ଯୋଜନାର ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ ବିଧାୟକ, ମେୟର । ଏହି ଯୋଜନାରେ ବ୍ରହ୍ମପୁରର ଚୟନ ହିତାଧିକାରୀ ୧,୫୨୦୨୨ କାର୍ଡ ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଗା ସାହି ଠାରେ ହିତାଧିକାରୀ ୧୩୪୦୨, ଆସ୍କା ରୋଡ ଠାରେ ୧୬୨୫୯, ଉତ୍ତରାମୁଖୀ ଠାରେ ୧୧୨୮୮, ରେଡକ୍ରସ ଠାରେ ୯୧୧୪, ବୈକୁଣ୍ଠ ନଗର ଠାରେ ୫୫୩୭, ଗୁଡ଼ସ ସେଡ ରୋଡ ଠାରେ ୧୧୨୮୮, ଖୋଡାସିଙ୍ଗି ଠାରେ ୫୮୧୯, ଅମ୍ବପୁଆ ଠାରେ ୧୩୦୭୮, ଏହି ଯୋଜନାରେ ପୁରୁଷ ଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ୍ୟ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଏହି କାର୍ଡଧାରୀଙ୍କ ସୁବିଧା ଓ ଅସୁବିଧା ପାଇଁ ଗ୍ରାହକ ସେବା ନମ୍ବର ୧୪୫୫୫ ଜାରି କରାଯାଇଛି । ବ୍ରହ୍ମପୁର ମହାନଗର ନିଗମର ବିଭାଗୀୟ ଅଧିକାରୀ ଲମ୍ବଦର ଦିଗାଲ, ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବଡ଼ ଅପରାଧକ ଯୋଜନା ପଣ୍ଡ

- ପୋଲିସ କବଜାରେ ୨୦ ଦୁର୍ଦ୍ଦାନ୍ତ ଅପରାଧି
- ୮ ମାଉଜର, ୩୧ ଗୁଳି ଜବତ

ଆସିକା, (ସବ୍ୟୁ): ଆସିକା ପୋଲିସ ଉପଖଣ୍ଡ ଅଧିନସ୍ଥ ଆସିକା, କୋଟିନଡ଼ା, ହିଞ୍ଜିଳି କାଟୁ ସମେତ ପୋଲସରା ଥାନା ଇଲାକାରେ ଯୋଜନାବଦ୍ଧ ଭାବେ ଅପରାଧ ଘଟାଇବା ପୂର୍ବରୁ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ ତଥା ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଜେନା ସଂଯୋଜନାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ ଜଣ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮ ଟି ମାଉଜର, ୩୧ ଜୀବନ୍ତ ଗୁଳି ଓ ୧୨ ଟି ମାଗାଜିନ ଜବତ କରିଛି। ଆଜି ଗଞ୍ଜାମ ପୋଲିସ ମୁଖ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତୀ ଶେଖର ଏହି ସୂଚନା ଦେଇଥିବା ବେଳେ ଏଥିରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା ଆସିକା ଥାନା ଅଧିକାରୀ କୁଳମଣି ସେଠୀ, କୋଟିନଡ଼ା ଅଧିକାରୀ ଦାମୋଦର ବିହାରୀ, ହିଞ୍ଜିଳି ଓ ପୋଲସରା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତ ମାନେ ପେଶାଦାର ଅପରାଧୀ ଓ ସେମାନଙ୍କ ନାମରେ ମାଳମାଳ ଅପରାଧିକ ମାମଲା ରହିଥିବା ଦକ୍ଷିଣାଞ୍ଚଳ ଆଇଜି ଶେଖର କହିଛନ୍ତି । ପୋଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତାରେ ନୂତନ ଭାବେ ଯୋଡିଥିବା ଧାରା ୧୧୧ ପ୍ରକାରେ ଅପରାଧ ଘଟିବା ପୂର୍ବରୁ ଅପରାଧିଙ୍କୁ ଗିରଫ କରିବା ଏବଂ ବେଆଇନ ଫାୟାର ଆର୍ମସ (ମାଉଜର) କିଣା, ବିକା, ବ୍ୟବହାର ଆଦି ନେଇ ଆର୍ମସ (ସଂଶୋଧନ) ଆକ୍ଟ ୨୦୧୯ ଧାରା ୨୫ ଉପଧାରା ୬/୭/୮ ପ୍ରକାରେ ଆସିକା, କୋଟିନଡ଼ା, ହିଞ୍ଜିଳି ଓ ପୋଲସରା ଥାନାରେ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଚଳିତ ମାସ ୪ ତାରିଖରେ ମଧ୍ୟ ଗଞ୍ଜାମ ପୋଲିସ ପକ୍ଷରୁ ୧୮ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୭ ଟି ମାଉଜର, ୬୬ ଟି ଜୀବନ୍ତ ଗୁଳି ଓ ବହୁ ମାଗାଜିନ ଜବତ କରିଥିଲା ଓ ଗଞ୍ଜାମ ଜିଲ୍ଲା ପୋଲିସକୁ ଆଜି ଦ୍ୱିତୀୟ ବଡ ସଫଳତା ମିଳିଛି। ୪ ତାରିଖ ଦିନ ଜବତ ମାଉଜର ମଧ୍ୟରୁ ଆସିକା ପୋଲିସ ଉପଖଣ୍ଡ ଅଞ୍ଚଳରୁ ୧୨ ମାଉଜର, ୫୦ ଟି ଜୀବନ୍ତ ଗୁଳି, ୧୭ ଟି ମାଗାଯିନ, ୧୫ ମୋବାଇଲ, ୧୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଜିର ଗିରଫ ୨୦ଜଣ ଦୁର୍ଦ୍ଦାନ୍ତ ଅପରାଧିଙ୍କ ମଧ୍ୟରୁ ୧୮ଜଣ, ୭ ଟି ମାଉଜର, ୨୮ ଜୀବନ୍ତ ଗୁଳି ଓ ୭ଟି ମାଗାଜିନକୁ ଆସିକା ପୋଲିସ ଉପଖଣ୍ଡ ଅଧିନସ୍ଥ ଆସିକା, କୋଟିନଡ଼ା, ହିଞ୍ଜିଳି କାଟୁ ଥାନା ଇଲାକାରୁ ପୋଲିସ ଜବତ କରିଥିବା ଜଣାଯାଇଛି। ଆସିକା ଉପଖଣ୍ଡ ପୋଲିସ ଇଲାକାରେ ଏତେ ସଂଖ୍ୟକ ମାଳମାଳ ମାଉଜର ଜବତ ହେବା ସାଧାରଣ ଜନତାଙ୍କୁ ଚକିତ କରିଛି। ପୋଲିସ ଯୋଗୁଁ ବଡ଼ ଧରଣର ଅପରାଧକୁ ରୋକା ଯାଇପାରିଥିବା ଓ ଅପରାଧିମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

## ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ
## ବୌଦ୍ଧିକ ଆଲୋଚନା ସଭା ଏବଂ ଆଧ୍ୟାତ୍ମିକ କବିତା ଆସର

ବାରିପଦା, (ସବ୍ୟୁ) : ଉପଲକ୍ଷେ ବାରିପଦା ମହର୍ଷି ପବ୍ଲିକ ସ୍କୁଲ ସଭାଗୃହ ଠାରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ଏକ ବୌଦ୍ଧିକ ଆଲୋଚନା ସଭା ଏବଂ ଆଧ୍ୟାତ୍ମିକ କବିତାର ମନୋଜ୍ଞ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ପୂର୍ବତନ ସଭାପତି ବର୍ଷିୟାନ ସାହିତ୍ୟିକ ଅଜିତ୍ କୁମାର କବାଟ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଲ ସମାରୋହରେ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନ ପୂର୍ବକ, ସନ୍ଥକବିଙ୍କ ରଚନାବଳୀ ଆଜିବି କିଭଳି ପ୍ରକାଶ ପ୍ରଜ୍ଞା ଓଡ଼ିଶା ମାଟିର ଜନଜୀବନକୁ ସତପଥଗାମୀ କରିବାରେ ସହାୟକ ହୋଇଥାଏ, ତାଉପରେ ଆଲୋକପାତ କରିଥିଲେ। ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା ମଧ୍ୟ ସମାଜପାଇଁ କବିଙ୍କ ମହାନ ଅବଦାନ ବିଷୟରେ ସଂକ୍ଷିପ୍ତ ଭାଷଣ ରଖିଥିଲେ। ପରିଷଦର ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ଦେଶର ସାମ୍ପ୍ରତିକ ଯୁଦ୍ଧଭଳି ସ୍ଥିତିରେ ସନ୍ଥକବିଙ୍କ ଆଦର୍ଶର ପ୍ରାସଙ୍ଗିକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଆଧ୍ୟାତ୍ମବାଦୀତା ହେତୁ ଭାରତୀୟ ସେନାବାହିନୀ କିପରି ଦେଶର ସୁରକ୍ଷାରେ ବୀରତ୍ୱର ପରାକାଷ୍ଠା ଓ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରୁଛନ୍ତି, ବର୍ଣ୍ଣନା କରିଥିଲେ। ସାହିତ୍ୟ ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶଙ୍କର ଜେନା ଏବଂ ଡ. ବିଚିତ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଡଃ ଶଶିଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ, ଯୁବକବି ଶିଉଲାଲ ମହାନ୍ତ ଓ କବୀ ବାସନ୍ତୀ ଲତା ମହାପାତ୍ରଙ୍କ ସଂଯୋଜନାରେ ସାରସ୍ୱତ ମହାଯଜ୍ଞରେ ସ୍ୱରଚିତ କବିତାପାଠ କରିଥିଲେ ସର୍ବଶ୍ରୀ ନରସିଂହ ବାରିକ, ସତୀଶ ଚନ୍ଦ୍ର ବେହେରା, ଭାସ୍ୱତୀ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ଗୋପାଳ ଚନ୍ଦ୍ର ସାଓ, ଜୟନ୍ତ କୁମାର ଦ୍ୱାରୀ, ଶୈଳେନ୍ଦ୍ର କୁମାର ଜ୍ୟୋତିଷୀ ଓ ମାଷ୍ଟର୍ ସାଇପ୍ରସାଦ ପ୍ରମୁଖ । ଯୁଗ୍ମ ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ମେ ୨୦ ସାଧାରଣ ଧର୍ମଘଟର ସଫଳତା ପାଇଁ ଏଆଇୟୁଟିୟୁସିର ମିଳିତ ପ୍ରଚାର

ବାରିପଦା, (ସବ୍ୟୁ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ପକ୍ଷରୁ ୪ଟି ଶ୍ରମକୋଡ଼ ବାତିଲ କରିବା, ଆଇଏଲସି ତୁରନ୍ତ କରିବା, ଓପିଏସ୍ ଲାଗୁ କରିବା, ସ୍କିମ ୱାର୍କରଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ କରିବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ଏମ୍‌ଏସ୍‌ପିକୁ




ଆଇନ୍ ପରିସରଭୁକ୍ତ କରିବା ଇତ୍ୟାଦି ଦାବି ନେଇ ମିଳିତ ଭାବେ ସଫଳତା ପାଇଁ ଆଜି ଏଆଇଟିୟୁସି ଓ ଏଆଇୟୁଟିୟୁସିର ଯଶିପୁର ବଜାର ଓ ଘରୋଇ ବସ୍‌ଷ୍ଟାଣ୍ଡ ଠାରେ ମିଳିତ ପ୍ରଚାର ପ୍ରସାର ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଏଆଇୟୁଟିୟୁସିର ରାଜ୍ୟ ସଭାପତି ସାଥୀ ଶମ୍ଭୁନାଥ ନାଏକ ଓ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଯୋଗଦେଇ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷକୁ ଶୋଷଣ କରୁଥିବା ସରକାର ବିରୁଦ୍ଧରେ ଏ ଧର୍ମଘଟକୁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ସଫଳ କରିବାକୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଂଗଠନ ମାନଙ୍କର ସର୍ବସାଥୀ ସୁଶାନ୍ତ ମୁର୍ମୁ, ଲଳିତ ମହାନ୍ତ, ନୀଳାମ୍ବର ନାଏକ, ତରୁଣ ପାତ୍ର, ମନୋଜ ମହାନ୍ତ, ଦ୍ରୋପଦୀ ମହାନ୍ତ, ପ୍ରମୋଦ ମହାନ୍ତ ଓ ସଞ୍ଜୟ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

### ଧ୍ୟାନ ଆବାହନରେ ଗୁଞ୍ଜରିତ ହେଲା ଉଦୟଗିରି ମହାସ୍ତୁପ
# ବୈଶାଖ ପୂର୍ଣ୍ଣିମାରେ ବିଶ୍ୱଶାନ୍ତି ପାଇଁ ଧ୍ୟାନଯୋଗ କାର୍ଯ୍ୟକ୍ରମ



ବାଲିଚନ୍ଦ୍ରପୁର, (ସବ୍ୟୁ): ପବିତ୍ର ବୈଶାଖୀ ପୂର୍ଣ୍ଣିମା ଏବଂ ବୁଦ୍ଧ ଜୟନ୍ତୀ ଅବସରରେ ଭୁବନେଶ୍ୱର ସ୍ଥିତ ଧ୍ୟାନଯୋଗ ଟ୍ରଷ୍ଟ ପକ୍ଷରୁ ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିଠାରେ ବିଶ୍ୱଶାନ୍ତି ଉପଲକ୍ଷେ ପିରାମିଡ୍ ଆଧ୍ୟାତ୍ମିକ ସମାଜ ଆନ୍ଦୋଳନର ରାଜ୍ୟସ୍ତରୀୟ ସମୂହ ଧ୍ୟାନଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମ୍ୟାନେଜିଂ ଟ୍ରଷ୍ଟି ଈପସିତା ପୂଜାରୀ ପ୍ରଥମେ ଧ୍ୟାନଯୋଗର ଅଭ୍ୟାସ କରାଇବା ସହିତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉଦୟଗିରିର ମାଧବପୁର ମହାବିହାରର ପାଦଦେଶରେ ଥିବା ମହାସ୍ତୁପ ଅଙ୍ଗନରେ ଆୟୋଜିତ ଏହି ଧ୍ୟାନ କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରୁ ଶତାଧିକ ଧ୍ୟାନୀମାନେ ଯୋଗଦେଇ ପୂର୍ଣ୍ଣିମା ଧ୍ୟାନ, ପ୍ରକୃତି ଧ୍ୟାନ ଓ ସମୂହ ଧ୍ୟାନର ଅଭ୍ୟାସ କରିଥିଲେ । ବୈଶାଖୀ ପୂର୍ଣ୍ଣିମା ତିଥିରେ ତଥାଗତ ଗୌତମ ବୁଦ୍ଧଙ୍କ ବାଣୀ ଓ ଦର୍ଶନ ସମ୍ପର୍କରେ ଉଦୟଗିରି ବୁଦ୍ଧ ମହୋତ୍ସବର ଆବାହକ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଆଲୋକପାତ କରିଥିଲେ । ଉଦୟଗିରି ବୌଦ୍ଧପୀଠର ଐତିହ୍ୟ, ସାଂସ୍କୃତିକ ବିଭବ ସମ୍ପର୍କରେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ସୂଚନା ଦେଇଥିଲେ । ବରିଷ୍ଠ ପିରାମିଡ଼ ମାଷ୍ଟର ହରିଶ ଟଙ୍କ, ଦୀପକ ମିଶ୍ର, ସୁନନ୍ଦା ନାୟକ, ଅଭୀପ୍ସା ଦାଶ, ସୁକାନ୍ତ ବେହେରା, ନିଲମ ଭୁତ, ଶୈଳବାଳା ମିଶ୍ରଙ୍କ ସମେତ ଅନେକ ଧ୍ୟାନୀ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଶ୍ରୀ ବଳଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ବିଶେଷ ଅତିଥି ଭାବରେ ସମର କେତନ ଲେଙ୍କା, ବୁଦ୍ଧ ମହୋତ୍ସବ ସମିତିର ଯୁଗ୍ମ ଆବାହକ ଶୈଳେନ୍ଦ୍ର ନାରାୟଣ ରାୟ, ହିମାଂଶୁ ଶେଖର ଦେଓ, ସରୋଜ ବଳ, ବିଭୂତିଭୂଷଣ ରାଉତ, ବନୋଜ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉଦୟଗିରି ବୌଦ୍ଧପୀଠର ମହାସ୍ତୁପ ସଂଲଗ୍ନ ଏହି ଅଦ୍ଭୁତ ଧ୍ୟାନକେନ୍ଦ୍ରରେ ତଥାଗତଙ୍କୁ ନୀରବ ଧ୍ୟାନ ସହିତ ଆବାହନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଅଧିବାସୀମାନେ ଯୋଗ ଦେଇଥିଲେ ।

## ବିଶ୍ୱ ସମ୍ବାଦ କେନ୍ଦ୍ର ପାଳିଲା ଦେବର୍ଷି ନାରଦ ଜୟନ୍ତୀ
## ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର, (ସବ୍ୟୁ): ସୁସ୍ଥ, ସଶକ୍ତ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଏବେବି ଗୁରୁତ୍ୱପୂର୍ଣ୍ଣ ରହିଛି। ଦେବର୍ଷି ନାରଦ ଯେପରି ତିନିପୁରରେ ଖବରର ବାର୍ତ୍ତାବହ ଥିଲେ ଯାହା ସମାଜ ପାଇଁ ଏକ ସକରାତ୍ମକ ପ୍ରଭାବ ଆଣୁଥିଲା ତାହାକୁ ଏବେବି ଅନୁକରଣ କରାଯିବା ଉଚିତ। ଭାରତ ପ୍ରାଚୀନ କାଳରେ ବିଶ୍ୱ ଗୁରୁ ଥିଲା। ପୌରାଣିକ ଯୁଗରୁ ପ୍ରାକ୍ ସ୍ୱାଧୀନତା କାଳ ପର୍ଯ୍ୟନ୍ତ ଗଣମାଧ୍ୟମ ବିଭିନ୍ନ ରୂପରେ ସମାଜ ପ୍ରତି ତା'ର ଉତ୍ତରଦାୟିତ୍ୱ ନିର୍ବାହ କରି ଆସୁଥିଲା। ଏବେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଅଗ୍ରଗତି ସତ୍ତ୍ୱେ ଖବରର ସତ୍ୟତା ଜାଣିବା ବେଳେ କଷ୍ଟକର ହୋଇପଡୁଛି । ଏହା ସମାଜରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଏଣୁ ଏବେବି ସାମ୍ବାଦିକଙ୍କ ଦ୍ୱାରା ସତ୍ୟ, ନିରପେକ୍ଷ ଖବର ପରିବେଷଣ ନାରଦଙ୍କ ଯୁଗ ଭଳି ସମାଜ ଗଠନରେ ଗୁରୁତ୍ୱ ରଖେ। ବିଶ୍ୱ ସମ୍ବାଦ କେନ୍ଦ୍ର ଦ୍ୱାରା ମଙ୍ଗଳବାର ଦେବର୍ଷି ନାରଦ ଜୟନ୍ତୀ ସମାରୋହରେ ଏହା କହିଛନ୍ତି ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଉଭୟ ପୂର୍ବ ଓ ପଶ୍ଚିମ ଉତ୍କଳ ପ୍ରାନ୍ତ ପ୍ରଚାର ପ୍ରମୁଖ (ରାଜ୍ୟ ମିଡିଆ ସେଲ୍ ମୁଖ୍ୟ) ସୃଷ୍ଟିଧର ବିଶ୍ୱାଳ । ଗୋସାଇଁନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଏହି ଅବସରରେ ଉତ୍କର୍ଷ ଓଡ଼ିଶା ଗଠନରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଡଃ ବନ୍ଦିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା କଳିଙ୍ଗ ଟିଭି ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ, ଓଟିଭି ବ୍ୟୁରୋ ମୁଖ୍ୟ ତଥା ବ୍ରହ୍ମପୁର ପ୍ରେସ୍ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା ମଞ୍ଚାସୀନ ଥିଲେ। ଡଃ ପାଢ଼ୀ ବର୍ତ୍ତମାନ ସମୟରେ ସମାଜ ଗଠନ ଓ ସଂସ୍କାରରେ ଗଣମାଧ୍ୟମର ଭୂମିକା ଉପରେ କହିଥିବା ବେଳେ ଡଃ ପଣ୍ଡା ବୈଷୟିକ କୌଶଳର ଉପଯୋଗ କରି ସତ୍ୟ ଖବର ପରିବେଷଣ ଓ ସମାଜ ଉପରେ ତାହାର ପ୍ରଭାବ ବାବଦରେ କହିଥିଲେ। ଶ୍ରୀ ପଟ୍ଟନାୟକ ସକରାତ୍ମକ ଖବର ପରିବେଷଣ ସହ ଆଞ୍ଚଳିକ ଖବରକୁ କିଭଳି ବିଶ୍ୱସ୍ତରୀୟ କରିହେବ ତାହା ଦର୍ଶାଇଥିବା ବେଳେ ଶ୍ରୀ ବ୍ରହ୍ମା ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ବାବଦରେ କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରେସ୍ କ୍ଲବ୍ ସଭାପତିଙ୍କ ସମେତ ଉପସଭାପତି ଅଭୟ ପାଢ଼ୀ, ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହସମ୍ପାଦକ ଗୋପାଳ ରେଡ୍ଡୀ ଓ କୋଷାଧ୍ୟକ୍ଷ ଶିବ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବର୍ଷି ନାରଦ ଜୟନ୍ତୀ ସମାରୋହ ସମିତି ସଂଯୋଜକ ପ୍ରହଲ୍ଲାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଆରଏସଏସ ସହ ଜିଲ୍ଲା ପ୍ରଚାର ପ୍ରମୁଖ ମାଧବ ନାୟକ ପରିଚାଳନା କରିଥିଲେ। ସାମ୍ବାଦିକ ଶ୍ରୀ ସମୀର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

# ବିଚ୍ଛିନ୍ନ ହେବ ଅସୁରେଶ୍ୱର – ହୁରାସାହି ରାସ୍ତା

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଖାନନଗର ସ୍ଥିତ ଖାନନଗର ମାଇନର ମୁହଁରେ ରହିଥିବା ପୋଲର ଦୁଇକଡ଼ ଦବିଯାଉଥିବା ଦେଖିବାକୁ ମିଳିଛି । ଏପରିକି ପୋଲର ଦୁଇପଟରେ ବଡ଼ବଡ଼ ଗାତ

## ଦବି ଯାଉଛି ଖାନନଗର ମାଇନର ମୁହଁ ପୋଲର ଉଭୟପାର୍ଶ୍ୱ

ହୋଇଯାଇଛି । ସୂଚନାଯୋଗ୍ୟ କଟକ ନର୍ଥ ଡିଭିଜନ୍ ଅଧିନରେ ରହିଥିବା କରାଣ୍ଡିଆ ମାଇନର କେନାଲ୍‌ରୁ ଖାନନଗର ଠାରେ କେନାଲରେ ସାଇଫନ୍ ଲଗାଯାଇ ଖାନନଗର ମାଇନର କେନାଲ୍‌କୁ ପାଣି ଯୋଗାଣ କରାଯାଇଥାଏ । ଏହି ଖାନନଗର କେନାଲ ସ୍ଥାନୀୟ ଅଂଚଳର ଶହଶହ ହେକ୍ଟର ଚାଷ ଜମିକୁ ଜଳସେଚିତ କରିଥାଏ । ହେଲେ କଟକ ଜିଲ୍ଲାର ଅସୁରେଶ୍ୱର ନିକଟରୁ କେନ୍ଦ୍ରାପଡ଼ା ଜିଲ୍ଲାର ହୁରାସାହି ଯାଏ କରାଣ୍ଡିଆ କେନାଲ୍‌ର ଦକ୍ଷିଣପାର୍ଶ୍ୱ ବନ୍ଧ ରାସ୍ତାରେ ଲୁଣାନଦୀର ବିଭିନ୍ନ ବାଲି ଘାଟରୁ ଦୈନିକ ଶହଶହ ହାଇୱା ଭଳି ଭାରୀଯାନ ବାଲି ପରିବହନ କରୁଥିବାରୁ ଏହି ପୋଲଟି ଗତ କିଛି ବର୍ଷ ହେବ ଦୁର୍ବ ହୋଇପଡ଼ିଛି । ଏହାର ଦୁଇକଡ଼ରେ ବାଡ଼ା ଦୁର୍ବଳ ହେବା ସହ ଭାଙ୍ଗି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଇତିମଧ୍ୟରେ ଏହି ରାସ୍ତାର ଦୁଇଦୁଇ ଥର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଏହି ଖାନନଗର ମାଇନର ପୋଲ ପ୍ରତି ଦୃଷ୍ଟି ଦିଆଯାଇ ନାହିଁ । ଫଳରେ ଗତବର୍ଷ ବର୍ଷାଦିନେ ଏହି ପୋଲର ଗୋଟିଏ କଡ଼ରେ ଏକ ବିରାଟ ଗର୍ତ୍ତ ହେବାରୁ ଏହି ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଥିଲା । ସେତେବେଳେ ସାମାନ୍ୟ ମରାମତି କରାଯାଇ ଏହି ରାସ୍ତାକୁ ବ୍ୟବହାର ଯୋଗ୍ୟ କରାଯାଇଥିଲା । ସେତେବେଳେ ସ୍ଥାନୀୟ ଅଂଚଳର ବାସୀ ଏହି ପୋଲଟିକୁ ତୁରନ୍ତ ନିର୍ମାଣ କରିବା ପାଇଁ ଦାବି କରିଥିଲେ । ହେଲେ ଏହି ଘଟଣାକୁ ଦୀର୍ଘ ଏକ ବର୍ଷ ବିତିବାକୁ ବସିଲାଣି । ଇତିମଧ୍ୟରେ ଆଉ ମାସକ ମଧ୍ୟରେ କେନାଲରେ ଖରିଫ୍ ଚାଷ ନିମନ୍ତେ ଜଳଯୋଗାଣ କରାଯିବ । ଏବେ ଠାରୁ କାଳବୈଶଖୀର ସାମାନ୍ୟ ବର୍ଷା ପାଣିରେ ଧିରେ ଧିରେ ଏହି ପୋଲର ଦୁଇକଡ଼ ଦବି ଦବି ଯାଉଛି । ତେବେ ଆସନ୍ତା ବର୍ଷାଦିନରେ ଏବଂ ପାଣି ଯୋଗାଣ ସମୟରେ ଯଦି ଏହି ପୋଲଟି ଭାଙ୍ଗିଯାଏ ତେବେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଶହ ଶହ ହେକ୍ଟର ଚାଷଜମିକୁ ପାଣି ଯୋଗାଣ ବନ୍ଦ ହୋଇଯିବ । ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତିରେ ଏହି ଖରାଦିନେ ଏହି ପୋଲକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଅଂଚଳର ଚାଷୀମାନେ ଦାବି କରିଛନ୍ତି ।

# ୟୁନିଅନ୍ ଲୋଗୋ ଓ ଲେଟର ପ୍ୟାଡକୁ ନିଲମ୍ବିତ ସଦସ୍ୟଙ୍କ ଦୁରୁପଯୋଗ ଅଭିଯୋଗ

ପାରାଦୀପ, (ଜିପ) : ୟୁନିଅନ୍ ଲୋଗୋ ଓ ଲେଟର ପ୍ୟାଡକୁ ନିଲମ୍ବିତ ସଦସ୍ୟଙ୍କ ଦୁରୁପଯୋଗ ଅଭିଯୋଗ । ଏଭଳି ସାଂଘାତିକ ଅଭିଯୋଗ ଆସିଛି ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନରୁ । ୟୁନିଅନର ସାଧାରଣ ସମ୍ପାଦକ ସନାତନ ବେହେରା ଓ ଯୁଗ୍ମ ସମ୍ପାଦକ ପରେଶ ପ୍ରଧାନ ଏନେଇ ୟୁନିଅନ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କିଭଳି ୟୁନିଅନର ଲୋଗୋ ଓ ଲେଟର ପ୍ୟାଡର ଦୁରୁପଯୋଗ କରାଯାଇଛି ସେନେଇ ବିସ୍ତୃତ ବିବରଣୀ ପ୍ରକାଶ କରିଛନ୍ତି । ସ୍ୱର୍ଗତ ସର୍ବଭାରତୀୟ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ୟୁନିଅନରୁ କିଛି ସଦସ୍ୟ ୟୁନିଅନ ବିରୋଧୀ କାର୍ଯ୍ୟକଳାପ ଓ ଅର୍ଥ ତୋସରପାତ ଅଭିଯୋଗରେ ନିଲମ୍ବିତ ହୋଇଥିବା ବେଳେ ମନମୁଖୀ



ନିଜ ନିଜ ଭିତରେ କର୍ମକର୍ତ୍ତା ଚୟନ କରି ୟୁନିଅନ ଲୋଗୋ ଓ ଲେଟର ପ୍ୟାଡ ବ୍ୟବହାର କରି ବ୍ୟାଙ୍କ ଓ ବିଭିନ୍ନ ଦପ୍ତରରେ ଦେଇଥିବା ଜଣାପଡିଛି । ଏନେଇ ୟୁନିଅନ ତୁରନ୍ତ ଥାନାରେ ଲିଖିତ ଅଭିଯୋଗ କରିବା ସହ ବ୍ୟାଙ୍କ କୁ ଜଣାଇବା ପରେ ବ୍ୟାଙ୍କରେ ଥିବା ୟୁନିଅନର ଆକାଉଣ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇଛି । ପୋଲିସ ଏଭଳି ଚଞ୍ଚକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୟୁନିଅନ ପକ୍ଷରୁ ଦାବି କରୁଥିବା ବେଳେ ସାମ୍ବାଦିକ ସମ୍ମିଳନୀ ଅଧାରୁ ୟୁନିଅନ କାର୍ଯ୍ୟାଳୟ ଭିତରକୁ ନିଲମ୍ବିତ ସଭ୍ୟ ନିରଞ୍ଜନ ମହାପାତ୍ର , ବିଜୟ ବରାଳ ଓ ସେମାନଙ୍କ କିଛି ସମର୍ଥକ ପଶିଆସି ସିଧା ସାଧାରଣ ସମ୍ପାଦକ ସନାତନ ବେହେରା ଙ୍କୁ ଧମକ ଦେବା ଆରମ୍ଭ କରିଥିଲେ । ଯାହାକୁ ନେଇ ୟୁନିଅନର ସଦସ୍ୟ ମାନେ ସେମାନଙ୍କୁ ବାରଣ କରିବା ଯୋଗୁଁ ସେଠାରେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ୟୁନିଅନ ପକ୍ଷରୁ ପୋଲିସକୁ ଖବର ଦିଆଯିବା ପରେ ପୋଲିସ ସେଠାରେ ଆସି ମହଜୁଦ ରଖିବା ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ଆଲୋଚନା କରାଯିବାକୁ ସ୍ଥିର ହୋଇଥିବା କୁହାଯାଉଛି ।

# ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଉ

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ବିଦ୍ୟୁତ ଉପଖଣ୍ଡ ଅଧୀନ ସଦର ମହାକାଳପଡ଼ା ସେକ୍ସନ ଅନ୍ତର୍ଗତ ତିଥି ପଡ଼ାର ବିଦ୍ୟୁତ ଉପଭୋକ୍ତା ଦୀର୍ଘ ଦିନ ହେବ ଲୋ -ଭୋଲଟେଜ୍ ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାରି ଗୁହାରି କରିବା ପରେ ବି ସୁଫଳ ନ ମିଳିବାରୁ ଅଞ୍ଚଳ ଭିତ୍ତିକ ଉପଭୋକ୍ତା । ଗ୍ରାମରୁ ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ୫୮ରୁ ଅଧିକ ବିଦ୍ୟୁତ ଉପଭୋକ୍ତା ଥିବାରୁ ଖାଲି ଗ୍ରୀଷ୍ମ କଣ ବର୍ଷା ଓ ଶୀତ ଋତୁରେ ଲୋ -ଭୋଲଟେଜ ସମସ୍ୟା ଲାଗିରହୁଛି । ଖରା ଦିନେ ଗ୍ରୀଷ୍ମ ପ୍ରବାହ ହେତୁ ବିଦ୍ୟୁତ ବହୁଳ ବ୍ୟବହାର ଯୋଗୁ ଦିନ ଅପେକ୍ଷା ରାତିରେ ଏକାଧିକ ବାର ଫ୍ୟୁଜ ଯିବାରୁ ଗ୍ରାହକ ଅତିଷ୍ଠ ହେଉଛନ୍ତି । ଏନେଇ ଟ୍ରାନ୍ସଫର୍ମର ଅଧୀନ ସମସ୍ତ ଉପଭୋକ୍ତା ମଙ୍ଗଳବାର ଲିଖିତ ଅଭିଯୋଗ କରିବାରୁ ଉପଖଣ୍ଡ କାର୍ଯ୍ୟାଳୟ ରେ ପହଂଚିଥିଲେ । ମାତ୍ର କୌଣସି କାର୍ଯ୍ୟବଶତଃ ଉପଖଣ୍ଡ ଅଧିକାରୀ ଅନୁପସ୍ଥିତ ଥିବାରୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅଭିଯୋଗ କରିଥିବା ଜଣାପଡ଼ିଛି ।

# ଖରସ୍ରୋତା ନଦୀରୁ ଭିନ୍ନକ୍ଷମ ଯୁବକଙ୍କ ମୃତ ଦେହ ଉଦ୍ଧାର

ପାଣିକୋଇଲି, (ସବ୍ୟୁ) : କୋରାଇ ବ୍ଲକ ତଥା ପାଣିକୋଇଲି ଥାନା ଅଧିନସ୍ଥ ତଣ୍ଡରା ପଂଚାୟତରେ ଜଣେ ଯୁବକ ଖରସ୍ରୋତା ନଦୀକୁ ଶୌଚ ହେବାକୁ ନିଖୋଜ ହୋଇ ଯାଇଥିବା ବେଳେ କୁମ୍ଭୀର ଟାଣି ନେଇଥିବାର ପ୍ରଚାର ହୋଇ ଯାଇଥିଲା । ତଣ୍ଡରା ପଂଚାୟତ ଅନ୍ତର୍ଗତ ତଣ୍ଡରା ଗ୍ରାମର କୈଳାସ ମଲ୍ଲିକଙ୍କ ପୁଅ ବିଶ୍ୱନାଥ (୩୨) ଓ ତାଙ୍କ ବଡ଼ଭାଇ ବଳରାମ ସବୁଦିନ ପରି ନଦୀ ନିକଟରେ ଥିବା ଚାଉଳ ଭୁମିକୁ ନିଜର ଗୋରୁ ଚରାଇବାକୁ ଯାଇଥିଲେ । ତେବେ ସୋମବାର ମଧ୍ୟ ଦୁଇ ଭାଇ ଗୋରୁ ନେଇ ଚରାଇବାକୁ ଯାଇଥିବା ବେଳେ ଅପରାହ୍ନ ସମୟରେ ବିଶ୍ୱନାଥ ଶୌଚ ହେବାକୁ ଯାଇଥିଲେ। ମାତ୍ର ଦୁଇ ପାଦ ଯାଇଛନ୍ତି ସେ ନାହିଁ ନଦୀ ଭିତରେ ବୁଡ଼ି ଯାଇଥିଲା। ପରେ ଭିନକ୍ଷମ ଥିବା ବିଶ୍ୱନାଥ ନିଜକୁ ବଂଚେଇବା ଲାଗି ବଡ଼ଭାଇ ବଳରାମଙ୍କୁ ଡାକିଥିଲା। ମାତ୍ର କୁଳ ଠାରୁ ୫୦ ମିଟର ଦୂରରେ ଥିବା ବଳରାମ ବିଶ୍ୱନାଥଙ୍କ ଡାକ ଶୁଣି ତାଙ୍କୁ ବଂଚାଇବା ଲାଗି ନଦୀକୁ ଯିବା ବେଳକୁ ତାଙ୍କୁ ପାଇନଥିଲେ । ପରେ କୁମ୍ଭୀର ଟାଣି ନେବା ଖବର ବଳରାମ ଗ୍ରାମରେ କହିବା ପରେ ଗ୍ରାମରୁ କିଛି ଧୀବର ଡଙ୍ଗା ନେଇ ନଦୀ ଭିତରକୁ ଯାଇ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନଥିଲା ପରେ ଖବର ପାଇ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, ଯାଜପୁର ରୋଡ଼ ଅତିରିକ୍ତ ବନ ଅଧିକାରୀ ନିହାମା ପ୍ରିୟଦର୍ଶିନୀ ନାୟକଙ୍କ ଅନେକ ଯାଜପୁର ରୋଡ଼ ଦମକଳ ବାହିନୀ ନଦୀ ଭିତରକୁ ଯାଇ ପାୱାର ବୋଟ ନେଇ ଖୋଜା ଖୋଜି କରୁଥିଲେ ମଧ୍ୟ ଯୁବକଙ୍କ ଖୋଜ ଖବର ମିଳିପାରି ନଥିଲା । ଏ ନେଇ ପଂଚାୟତରେ ଆତଙ୍କର ବାତାବରଣ ସହିତ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେଲେ ଆଜି ତାର ମରଶରୀର ଭାସାର ହୋଇଥିଲା । ଫଳରେ କୁମ୍ଭୀର ଟାଣିନେବା ଏକ ଗୁଜବ ବୋଲି ଜଣାପଡିଥିଲା । ଆଜି ତାର ଶବ ନଦୀରୁ ଭାସୁଥିବା ବେଳେ ଓଡ୍ରାପ୍ଟ ଟିମ ପହଂଚି ତାକୁ ଉଦ୍ଧାର କରିଥିଲା । ଏନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୧୭/୨୫ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଯାଦବେନ୍ଦ୍ର ଜୀଉଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ଥିବା ଯାଦବେନ୍ଦ୍ର ଜୀଉଙ୍କର ଚନ୍ଦନ ଯାତ୍ରା ଆଜି ମହାସମାରୋହରେ ଉଦ୍‌ଯାପିତ ହୋଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡ.ରାଜଶ୍ରୀ ମଲ୍ଲିକ ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ମାନବୀୟ ଲୀଳା କରିଆନ୍ତି, ତେଣୁ ପ୍ରବଳ ରୌଦ୍ରତାପରେ ଚନ୍ଦନ ଯାତ୍ରା ଅନ୍ୟତମ ଅଟେ ବୋଲି କହିଥିଲେ। ଏଥିରେ କମିଟିର ସଭାପତି ରତନ କୁମାର ସିହ୍ନା ସଭାପତିତ୍ୱ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବାରମାସରେ ତେର ପର୍ବ ମଧ୍ୟରେ ଚନ୍ଦନ ଯାତ୍ରା ଅନନ୍ୟ ଉତ୍ସବ ଅଟେ ବୋଲି କହିଥିଲେ। ଗୋପାଳପୁର ଚନ୍ଦନ ଯାତ୍ରା ବହୁ ପୁରାତନ ଉତ୍ସବ ଅଟେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଲେଜର ଇନିସ୍ପେକ୍ଟର ରତନ କୁମାର ହାଜରା ଏବଂ ଇଷ୍ଟକୋଷ୍ଟ ରେଲୱେର ସିନିୟର ଇଞ୍ଜିନିୟର କିଶୋର କୁମାର ନାୟକ ଯୋଗଦେଇ ଚନ୍ଦନ ଯାତ୍ରା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯାଦବେନ୍ଦ୍ର ଜୀଉଙ୍କୁ ଚାପରେ ବସାଇ ପ୍ରତ୍ୟେହ ସନ୍ଧ୍ୟାରେ ଚାପ ଖେଳ କରାଯାଇଥିଲା। ଏହି ଉତ୍ସବରେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଗର ଅର୍କେଷ୍ଟ୍ରା କଳାକାରମାନଙ୍କ ଦ୍ୱାରା ଓ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବକୁ କମିଟିର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ସାହୁ, ଉପସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାୟ, ସହସମ୍ପାଦକ ବିଦ୍ୟାଧର ମହାନ୍ତି, ଭାବଗ୍ରାହି ସାହୁ, ମୁଖ୍ୟସଂଯୋଜକ କେଦାରନାଥ ସାହୁ, କୋଷାଧକ୍ଷ ପଦ୍ମଲାଭ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେନ୍ଦ୍ର ସାହୁ, ଶିବସାହୁ, ହରେକୃଷ୍ଣ ଘୋଷ, ବିଜୟ ସାହୁ, ସଞ୍ଜୟ ଦାସ, ଛବୁଦା, ତ୍ରିଲୋଚନ, କାର୍ତ୍ତିକ ଦାସ, ପଞ୍ଚୁଦାସ, ଭାସ୍କର ପଟ୍ଟନାୟକ, ରାଜେଶ ସାହୁ, ଶିଶିର ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟପୂଜକ ପରେଶ ଚନ୍ଦ୍ର ଚକ୍ରବର୍ତ୍ତୀ, ଲୋକନାଥ ଚକ୍ରବର୍ତ୍ତୀ, ସମ୍ଭୁନାଥ ଚକ୍ରବର୍ତ୍ତୀ ପ୍ରମୁଖ ଠାକୁରଙ୍କର ପୂଜାର୍ଚ୍ଚନା କରିଥିଲେ।

# ପାରାଦୀପରେ ଛୁରା ମାଡ

ପାରାଦୀପ ,( ଜି. ପ୍ର ) :ମୋବାଇଲ ଚୋରକୁ ନେଇ ପ୍ରଥମେ ଥାନାରେ ଏତଲା ଏବଂ ପରେ ଛୁରୀରେ ଆକ୍ରମଣ । ଗୁରୁତର ଆହତ ଯୁବକ କିଶୋର ରାଉତଙ୍କୁ ପ୍ରଥମେ ଅତରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପାରାଦୀପ ଶୁଖୁଆଖାଳୀ ମହାବୀର କଲୋନୀ ରେ ଘଟିଛି ଏଭଳି ଘଟଣା । ସୋମବାର କଲୋନୀର ଜଣଙ୍କ ମୋବାଇଲ ଚୋରି ହୋଇଥିଲା । ଯାହାକୁ ନେଇ ସେମାନେ ଲକ୍ ଥାନା ରେ କିଶୋର ରାଉତ ଙ୍କ ବିରୋଧରେ ଏତଲା ଦେଇଥିଲେ । ଥାନା ପକ୍ଷରୁ କିଶୋର ଙ୍କୁ ଡକାଯାଇ ପଚରାଉଚରା ପରେ ଛାଡି ଦିଆ ଯାଇଥିଲା । ହେଲେ ମଙ୍ଗଳବାର ଅପରାହ୍ନରେ କିଶୋର ଏତଲା ଦେଇଥିବା ବ୍ୟକ୍ତି ଙ୍କ ପତ୍ନୀଙ୍କୁ ଗାଳିଗୁଲଜ କରିବା ସହିତ ଧମକାଇ ଥିଲେ । ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଏବିଷୟରେ କହିବାପରେ ତାଙ୍କ ସ୍ୱାମୀ ଉତକ୍ଷିପ୍ତ ହୋଇ ଏକ ଛୁରୀ ସାହାଯ୍ୟରେ କିଶୋର ଙ୍କୁ ଆକ୍ରମଣ କରିଥିଲେ । ଏଥିରେ କିଶୋରଙ୍କ ପେଟରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି । ତେବେ ଘଟଣା ସମ୍ପର୍କରେ ଖବର ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯିବା ସହିତ ଆକ୍ରମଣ କରିଥିବା ଯୁବକଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି ।

# ଖବରକାଗଜ ବିତରକଙ୍କ ଘର ଜଳିଗଲା



ସାଲେପୁର,(ସବ୍ୟୁ) :ଅଗ୍ନିକାଣ୍ଡ ଘଟି ଖବର କାଗଜ ବିତରକଙ୍କ ଘର ପୋଡି ପାଉଁଶ ହୋଇଯାଇଛି । ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ବାଲିସମେଳା ଗ୍ରାମର ଜୟନ୍ତ ଦାସଙ୍କ ଘରେ ଆଜି ଦିନ ଦ୍ୱିପ୍ରହରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ନିଆଁର ବେଗ ଏତେ ପ୍ରଖର ଥିଲା ଯେ ଚାହୁଁ ଚାହୁଁ ସମ୍ପୂର୍ଣ୍ଣ ଘର ପୋଡି ପାଉଁଶ ହୋଇଯାଇଥିଲା । ଘର ଭିତରେ ଥିବା ଧାନ, ଚାଉଳ,ମୁଗ, ବିରି, ଆଧାରକାର୍ଡ଼, ବସ୍ତ୍ର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ସହିତ ଲୁଗାପଟା ପୋଡି ପାଉଁଶ ହୋଇଯାଇଛି । ଜୟନ୍ତ ସକାଳୁ ଖବରକାଗଜ ନେଇ ଏହାକୁ ଲୋକମାନଙ୍କୁ ବିତରଣ କରି ଘରକୁ ଫେରିଲା ବେଳକୁ ତାଙ୍କ ଘର ପୋଡି ପାଉଁଶ ହୋଇଥିବା ଦେଖି ହତବାକ ହୋଇଯାଇଥିଲେ । ତାଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିବାରୁ ତୁରନ୍ତ ସାଲେପୁର ପ୍ରଶାସନ ପକ୍ଷରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାପାଇଁ ଦାବି ହୋଇଛି ।

# ସଖିବଟ ଆଲବମ୍ ଉନ୍ମୋଚିତ

କେନ୍ଦ୍ରାପଡ଼ା ,(ସ୍ୱପ୍ର ):)ତୁଳସୀ କ୍ଷେତ୍ରାଧିଶ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଗୁପ୍ତକ୍ଷେତ୍ର ସଖିଟ ପରିସରରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୁଲ୍ୟରେ ଭକ୍ତି ସଙ୍ଗୀତ ଆଲବମ୍ ସଖିବଟ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସିଦ୍ଧ ବଳଦେବଜୀଉଙ୍କୁ ସମର୍ପଣ କରାଯିବା ପରେ ଉନ୍ମୋଚିତ ହୋଇଯାଇଛି । ବିଶିଷ୍ଟ କଣ୍ଠଶିଳ୍ପୀ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ବଳିଷ୍ଠ ରଚନା ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ରେଡ଼ିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡ଼ିଓରେ ପ୍ରସ୍ତୁତ ଏହି ସଖିବଟ ଶୀର୍ଷକ ଆଲବମକୁ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବରେ ଉନ୍ମୋଚିତ କରିଥିଲେ । ଏହି ଭକ୍ତି ରସାତ୍ମକ ଆଲବମ୍‌ରେ ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର ପାଢ଼ୀ ଚାରିଟି ଏବଂ ନିରୁପମା ଜେନା ଦୁଇଟି ଭଜନ ଗାଇଛନ୍ତି । ଏଥିରେ ବଳଦେବଙ୍କର ତିନୋଟି ଭଜନ, ଜଗନ୍ନାଥ ଏବଂ ତାରିଣୀଙ୍କ ଉପରେ ଗୋଟିଏ ଗୋଟିଏ ଏବଂ ଜୀବନ ଦର୍ଶନ ଉପରେ ଆଧାରିତ



ଗୋଟିଏ ଭଜନ ରହିଛି । ଏହି ଆଲବମକୁ ଶ୍ରୀମତୀ ଧୀରାମଣି ପରିଡା ପ୍ରଯୋଜନା କରିଛନ୍ତି । ସଙ୍ଗୀତଜ୍ଞ ନରେନ୍ଦ୍ର କୁମାର ମହାପାତ୍ର ବାଦ୍ୟ ଯନ୍ତ୍ର ସଙ୍ଗୀତ ପରିଚାଳନା କରିଛନ୍ତି । ନୃତ୍ୟଶିଳ୍ପୀ ରଶ୍ମୀତା ସୂତାର ଏବଂ ସ୍ମୃତିରେଖା ବିଶ୍ୱାଳ ଚିତ୍ତାକର୍ଷକ ଅଭିନୟ କରିଛନ୍ତି । ପ୍ରମୋଦ ସ୍ୱାଇଁ ଚିତ୍ର ଉତ୍ତୋଳନ କରିଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମରେ ଫୋରଡ ସ୍ଥିତ ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସଖିବଟ ଆଲବମର ସମୀକ୍ଷା କରିଥିଲେ । ସଖିଟ ଟ୍ରଷ୍ଟ ସଦସ୍ୟ ଇଂ ଅକ୍ଷୟ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ । ଟ୍ରଷ୍ଟି ବୈଷ୍ଣବ ଚରଣ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମହନ୍ତ ସଦାନନ୍ଦ ଦାଶ ଅର୍ଶୀବଚନ ପ୍ରଦାନ କରିଥିଲେ। ଶେଷରେ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ସ୍ଥଗିତ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ନିମନ୍ତେ ମଙ୍ଗଳବାର ଦିନ ବ୍ଲକ ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ପ୍ରଶାସନର ନିର୍ଦ୍ଦେଶରେ ସମିତିର ସମସ୍ତ ଜନପ୍ରତିନିଧି ,କଟକ ଓ କେନ୍ଦ୍ରାପଡ଼ା ସାଂସଦ ,ମାହାଙ୍ଗା ଓ କଟକ ସଦର ବିଧାୟକଙ୍କୁ ପୂର୍ବାହ୍ନ ୧୧ଟାରେ ବୈଠକ ପାଇଁ ଡ଼କାଯାଇଥିଲା । ହେଲେ ସମିତିର ୫ଜଣ ସଭ୍ୟ ସଭ୍ୟା ଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଏହି ବୈଠକରେ ସଭାପତିତ୍ୱ ତଥା ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ରଙ୍କ ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ମଂଜୁରୀ ଯୋଗୁଁ ରହସ୍ୟଜନକ ଭାବେ ହଠାତ୍ ଏହାକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅନାସ୍ଥା ଭୋଟକୁ ଶୃଙ୍ଖଳିତ କରିବା ନିମନ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବାରିକେଟ୍ ହେବା ସହ ପୋଲିସ ଛାଉଣୀ ହୋଇ କଡ଼ା ନିରାପତ୍ତା କରାଯାଇଥିଲେ ମଧ୍ୟ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କୌଣସି ଜନପ୍ରତିନିଧି କିମ୍ବା ଉଭୟ ସପକ୍ଷବାଦୀ ମାନେ ଉପସ୍ଥିତ ହୋଇନଥିଲେ । ଅନାସ୍ଥା ବୈଠକ ଓ ଭୋଟ୍ ସ୍ଥଗିତ ହେବା ସମ୍ପର୍କରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ୮୬ଜଣ ଜନପ୍ରତିନିଧିଙ୍କୁ ପତ୍ର ଦ୍ୱାରା ଅବଗତ କରାଇଥିଲେ । ପରବର୍ତ୍ତୀ କେଉଁ ସମୟରେ ଏହି ଅନାସ୍ଥା ବୈଠକ ଓ ଭୋଟ୍ କରାଯିବ ସେ ନେଇ କୌଣସି ଦିନ ଧାର୍ଯ୍ୟ କରାଯାଇନାହିଁ ବୋଲି ଉକ୍ତ ପତ୍ରରୁ ଜଣାପଡ଼ିଛି ।

# ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଦୁହୁରିଆ ଠାରେ ପଂଚମ ଦିନ ବ୍ୟାପି ଅନୁଷ୍ଠିତ ମା କେନ୍ଦୁଖାଇ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞରେ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଯୋଗ ଦେଇ ମାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଜଗତର କଲ୍ୟାଣ କାମନା କରିଥିଲେ। ୫ଦିନ ବ୍ୟାପି ଏହି ଯଜ୍ଞ ରେ ଅଙ୍କୁରାରୋପଣ ଠାରୁ ଆରମ୍ଭ କରି କଳସ ଯାତ୍ରା, ଗୁରୁ, ସୂର୍ଯ୍ୟ, ଧେନୁପୂଜା ସହ ଘୃତାହୂତି ଓ ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା ।

# ଜନଶୁଣାଣୀ ଶିବିର : ୧୧୬ ଅଭିଯୋଗର ଶୁଣାଣୀ

ରାଜନଗର ,(ସବ୍ୟୁ) :ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଡିଏମ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଏହି ଜନଶୁଣାଣୀ ଶିବିରରେ ୧୧୬ଟି ଅଭିଯୋଗର ଶୁଣାଣୀ କରଯାଇଥିଲା । ୧୯ଟି ସାମୁହିକ ଓ ୯୭ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା । ଶିବିରରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ , ପିଡି ଅଜାମ୍ବର ମହାନ୍ତି , ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଏସଡିପିଓ କ୍ଷମା ସାଗର ପଣ୍ଡା , ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର , ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ତହସିଲଦାର ଅମିୟ କେତନ ସ୍ୱାଇଁ , ବିଡିଓ ରବି ନାରାୟଣ ଆଚାର୍ଯ୍ୟ , ଆଇଆଇସି ନରେଶ କୁମାର ସାହୁ ,ସିଡ଼ିପିଓ ଲକ୍ଷ୍ମୀମଣି ସିଂ, ଜଳସମ୍ପଦ ବିଭାଗ ର ସହକାରୀ ଯନ୍ତ୍ରୀ ଇଂ ଜୟଚନ୍ଦ୍ର ଜେନା, ରାଜନଗର ଡାକ୍ତରଖାନାର ମୁଖ୍ୟ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଶିବିରରେ ବୃଦ୍ଧ ବୃଦ୍ଧା ମାନେ ପହଞ୍ଚି ଅଭିଯୋଗ କରିଥିଲେ ସରକାର ପକ୍ଷରୁ ଜାନୁୟାରୀ ୨୦୨୫ ଠାରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ , ବୃଦ୍ଧା ଓ ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ମାତ୍ର ରାଜନଗର ବ୍ଲକରେ ୮୦ ବର୍ଷରୁ ଉର୍ଦ୍ଧ ଅଧିକାଂଶ ବୃଦ୍ଧ , ବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନଥିବା ଅଭିଯୋଗ ହୋଇଛି । ମହିଂଶାସୁର ଗାଁର ରାଧାଶ୍ୟାମ ଜେନା ( ୮୮ ବର୍ଷ ) , ଉପେନ୍ଦ୍ର ରାଉତ ( ୯୪ ବର୍ଷ ) , ବିଦ୍ୟାଧର ଦାସ ( ୮୪ ବର୍ଷ ) , ସୁବର୍ଣ୍ଣ ବେଓ୍ୱା ( ୮୨ ବର୍ଷ ) , ବୃନ୍ଦାବନ ଜେନା ( ୮୬ ବର୍ଷ ) ଜନଶୁଣାଣୀ ଶିବିରରେ ପହଞ୍ଚି ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳିନଥିବା ଅଭିଯୋଗ କରିଥିଲେ । ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଡିଓଙ୍କ ଯାଏଁ ଦୌଡି ଦୌଡି ନୟାନ୍ତ ହେଲେଣି , ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନଥିବା ଅଭିଯୋଗ କରିଛନ୍ତି । ଏଥି ସହିତ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ରିନୁ ସାହୁଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନଥିବା ଅଭିଯୋଗ କରିଛନ୍ତି ।

# ବିଷ ପାଣି ପିଇ ୭ ଛେଳି ମୃତ

ମାହାଙ୍ଗା,(ସବ୍ୟୁ) :ବିଷ ପାଣି ପିଇ ୭ ଛେଳି ମୃତ୍ୟୁ ହେବାକୁ ନେଇ ଭଦ୍ରେଶ୍ୱର ଥାନାରେ ଝାଡେଶ୍ୱରପୁର ଗ୍ରାମର ରହିମା ବିବି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ଜଣାଯାଇଛି ଯେ ତା, ୧୩.୦୫.୨୦୨୫ ରିଖ ସକାଳ ୮ ଘଟିକା ସମୟରେ ସେ ୧୫ ଟି ଛେଳିକୁ ନେଇ ବିଲରେ ଚରାଉଥିଲା ବେଳେ ଝାଡେଶ୍ୱରପୁର ଗ୍ରାମର ସୋଲେମାନ୍ ଖାନ୍‌ଙ୍କ ପୁତ୍ର ରମ୍‌ଜାତ୍ ଖାନଙ୍କ ବାଡିରେ ଛେଳି ପଶିଯିବା କ୍ଷଣି ଏକ ବେଲାରେ ଥିବା ବିଷ ମିଶା ପାଣି ପିଇ ଦେଇଥିଲେ । ଉକ୍ତ ବିଷ ମିଶା ପାଣିକୁ ପିଇ ତାଙ୍କ ବିଲରେ ୭ ଗୋଟି ଛେଳି ମରିପଡିଛନ୍ତି ଓ ଅବଶିଷ୍ଟ ୮ ଗୋଟି ଛେଳି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ ହୋଇଥିବା ଜଣାପଡିଛି । ଅଭିଯୋଗକୁ ଭିତ୍ତି କରି ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କେଶ୍ ନଂ ୮୭/୨୫ ରେ ଏକ ମାମଲା ରୁଜୁ କରିବା ସହ ମୃତ ଛେଳି ଗୁଡିକର ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି ହୋଇଛି ।

# ସମାଜସେବୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ସବ୍ୟୁ) :ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ଗ୍ରାମର ସମାଜସେବୀ ବ୍ରଜବନ୍ଧୁ ନାୟକ(୭୨)ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ସେ ଅଣକା ପଞ୍ଚାୟତର ପୂର୍ବତନ ସରପଂଚ ରତ୍ନମଞ୍ଜରୀ ନାୟକଙ୍କ ଦେଢଶୁର ଅଟନ୍ତି। ତାଙ୍କର ନିଜ ବାସଭବନରେ ହୃଦଘାତ ହେବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପାଇଁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକଗତ ଖବର ପାଇଁ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଚିକିତ୍ସାଳୟରେ ପହଞ୍ଚି ତାଙ୍କର ଶେଷଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ପରଲୋକଗତ ଖବର ମିଳିବା ପରେ ଅଣକା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ମରଶରୀରକୁ କଉଡ଼କୋଲ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ନିଜ ଗ୍ରାମ ଅଣକା ପଂଚାୟତ ଅଣାଯାଇଥିଲା।

# ନଗଡ଼ା ସ୍ଥିତି ପରଖିଲେ ମୁଖ୍ୟ ଶାସନ ସଚିବ

ଯାଜପୁର, (ସବ୍ୟୁ) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସି ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗସ୍ତକରି ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଧୁଧୁ ଖରାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରୀଶ ଏସ୍‌ଏନ୍, ବିଭାଗୀୟ ନିର୍ଦ୍ଦେଶକ ବୀନିତ ଭରଦ୍ୱାଜ ଓ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସହିତ ଘରକୁ ଘର ବୁଲି ନଗଡ଼ାବାସୀଙ୍କ ଭଲମନ୍ଦ ବୁଝିଛନ୍ତ । ଜିଲ୍ଲାପାଳ ପି ଅନ୍‌ଷୋ ରେଡ୍ଡୀ ଉପସ୍ଥିତ ରହି ନଗଡା ଅଂଚଳରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ଶାସନ ସଚିବ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ । ଉପର ନଗଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ଗ୍ରାଉଣ୍ଡ ଜିରୋ ସମୀକ୍ଷା କରିଥିଲେ । ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ବାବଦକୁ କିଛି ହିତାଧିକାରୀ ୬୦ ପ୍ରତିଶତ କାର୍ଯ୍ୟ ଦେଖି ମୁଖ୍ୟ ଶାସନ ସଚିବ ଉଦବେଗ ପ୍ରକାଶ କରିଥିଲେ । ଯଥାଶୀଘ୍ର ସଂପୂର୍ଣ୍ଣ ଘର ପାଇଁ ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶୋକ କୁମାର ବେହୁରିଆ ଓ ବିଡିଓ ପ୍ରଦୀପ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର



ନଯାଇ ନିଜ ଘରେ ସନ୍ତାନ ପ୍ରସବ କରି ପ୍ରତିଷେଧକ ଟିକା ନେଇନଥିବା ଶିକର ପ୍ରଧାନଙ୍କ ପତ୍ନୀ ସୁବାଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ମମତା ଯୋଜନାରେ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବଳରାମ ମିଶ୍ର ଓ ମୁଖ୍ୟଯନ୍ତ୍ରୀ ଇଂ ରତ୍ନାକର ସାହୁଙ୍କ ଉପସ୍ଥିତିରେ ଯୋଗାଣ ପାନୀୟଜଳର ମାନ ଏବଂ ଏଥିରେ ଥିବା ଫ୍ଲୋରାଇଡର ମାତ୍ରା ସମ୍ପର୍କରେ ଅବଗତ ହୋଇଥିଲେ କଟିକିଆ ପ୍ରଧାନଙ୍କ ଘରକୁ ଯାଇ ଶସ୍ୟ ସଂରକ୍ଷଣ ପଦ୍ଧତି ଓ ଜୁଆଙ୍ଗ ଚଳଣି ଦେଖିଥିଲେଛ ଗ୍ରାମବାସୀଙ୍କ ସ୍ନାନଶୌଚ ପାଇଁ ପୋଖରୀ ଖୋଳାଇବା ଦାବି ଆଧାରରେ ଗାଁ ଉପର ମୁଣ୍ଡ ଝର ଜାଗାରେ ବାସ୍ତବ ସ୍ଥିତି ଅନୁଧ୍ୟାନକରି ପଦକ୍ଷେପ ନେବା ପାଇଁ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଧିକାଂଶ ମହିଳା ସୁଭଦ୍ରା ଟଙ୍କାରେ ଛେଳି ଓ କୁକୁଡ଼ା ପାଳନ କରୁଥିବା ଜାଣି ଖୁସିବ୍ୟକ୍ତ କରିଥିଲେ । ଜଙ୍ଗଲ ଜମି ଅଧିକାର ଆଇନ ଆଧାରରେ ଚାଷଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଡିଏଫ୍‌ଓ ଅନିଲ ରାୟ ଓ ଏସିଏଫ୍ ସନ୍ତୋଷ କୁମାର ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡିଇଓ ନିତ୍ୟାନନ୍ଦ ବାରିକ ଓ ବିଇଓ ନାରାୟଣ ଦାସଙ୍କୁ ନେଇ ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ପରିଦର୍ଶନରେ ସ୍କୁଲ ପରିଚାଳନା ସମିତି ସଭାପତି କୃପା ପ୍ରଧାନ ଓ ଚୁକୁଲି ପ୍ରଧାନ ଜୁଆଙ୍ଗ ଭାଷାରେ ପାଠପା, ସ୍କୁଲ ପାଚେରି ଓ ଝରଣା ପାଣି ସଂରକ୍ଷଣ ଦାବି କରିଥିଲେ । କେତେକ ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହୁଥିବା ଜାଣି ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ । ଦେଓଗାଁରେ ଅବ୍ୟବହୃତ ଥିବା ୨ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ ବୁଲି ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ଡିଡବ୍ଲ୍ୟୁଓ ଶରତ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ କମଳ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମୁଖ୍ୟ ଶାସନ ସଚିବ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଏହାର ଉନ୍ନତୀକରଣ ପାଇଁ ସିଡିଏମ୍‌ଓ ଡା. ପ୍ରକାଶ ଚନ୍ଦ୍ର ବଳ, ଅଧୀକ୍ଷକ ଡା. ଜୟଦେବ ନନ୍ଦ ଓ ଡିପିଏମ୍ ବିଶ୍ୱରଞ୍ଜନ ରଥଙ୍କୁ ପରାମର୍ଶ ଦେଇଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ କମ୍ପ୍ୟୁଟର ତାଲିମ ଆରମ୍ଭ

କେନ୍ଦ୍ରାପଡା,(ସବ୍ୟୁ) :ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କର୍ମଚାରୀଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲାର କର୍ମଚାରୀ ମାନଙ୍କୁ ଆଜିଠାରୁ ଓକାକ୍ ମାଧ୍ୟମରେ କମ୍ପ୍ୟୁଟର ତାଲିମ ପ୍ରଦାନ କରାଯାଇଛି । ୩ଦିନ ଧରି ଏହି ତାଲିମ ଦିଆଯିବ । ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାଁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଓକାକ୍ ମାଧ୍ୟମରେ ପ୍ରତ୍ୟେକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ । ଜିଲ୍ଲା କାର୍ଯ୍ୟାଳୟ କୁ ଆସୁଥିବା ପ୍ରତ୍ୟେକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନ ସାଧାରଣଙ୍କ ଆପତି ଅଭିଯୋଗ ଗୁଡିକୁ ଅନଲାଇନ ରେ ପିକରଣ କରାଯାଇ ନଥି ପ୍ରସ୍ତୁତ କରଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗରେ ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ୍ୟ ତାଲିକା ପ୍ରସ୍ତୁତ କରାଯିବ । ଏହାର ସମୟସୀମା ଅବଧି ଓ ନିଷ୍ପାଦନ ର ମଧ୍ୟ ଅନଲାଇନ ରେ ଉପଲବ୍ଧ ହୋଇପାରିବ । କିମ୍ବା ଫାଇଲଟି କେଉଁଠି, କେଉଁଥିପାଇଁ ଅଟକି ରହିଛି ଏହା ମଧ୍ୟ ଜିଲ୍ଲାପାଳ ଜାଣିପାରିବେ । ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲକୁ ଅଟକ ରଖିଥିବା କିରାଣୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନଲାଇନ ହେବା ଦ୍ୱାରା ଜନ ସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି । ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲାର ତହସିଲ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି । ପ୍ରବଳ ଖରା ଓ ଗୁଳୁଗୁଳି ପାଇଁ ସକାଳ ୭ଟାରୁ ଦିନ ୧୦ଟା ଯାଏଁ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଜନଶୁଣାଣୀ ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କ ପାଇଁ ପାଣିଟାଙ୍କିରେ ପାଣିରେ ଓଆରଏସ ପକାଇ ପିଇବା ପାଇଁ ରଖାଯାଇଥିଲା ଲୋକେ ଓ ଆଇନଜୀବି ଏଂ ଗଣମାଧ୍ୟମ ପ୍ରତିନିଧି ଏହି ପାଣି ପିଇବା ପାଇଁ ଅନୁପଯୁକ୍ତ ବୋଲି ଅଭିଯୋଗ କରିଥିଲେ । ଉପଜିଲ୍ଲାପାଳ ପାଣି ଟାଙ୍କିକୁ ଦେଖିବାକୁ ଆସିଥିଲେ । ପାଣି ଟାଙ୍କି ଭିତରକୁ ଦେଖି ବ୍ଲକ ପ୍ରଶାସନ ଓ ଜଳ ଯୋଗାଣ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ । ସଙ୍ଗେ ସଙ୍ଗେ ସେହି ପାଣିକୁ ଢାଳି ଦିଆଯାଇଥିଲା ଓ ବୋତଲ ପାଣି ଲୋକଙ୍କ ପାଇଁ ଆସିଥିଲା ।

# ରାସ୍ତା ପାଇଁ ତହସିଲ ଆଗରେ ଗଣଧାରଣା



ଅସ୍ତରଙ୍ଗ, (ସବ୍ୟୁ) : ମଙ୍ଗଳବାର ରାସ୍ତା ନିର୍ମାଣ ଦାବିରେ ଅସ୍ତରଙ୍ଗ ବ୍ଲକ ଡାଳଦା ପଞ୍ଚାୟତ ଡିହ କରଡ଼ା ଗ୍ରାମ ର ପାଖାପାଖି ୫ହେ ରୁ ଊର୍ଦ୍ଧ ଲୋକ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ନିମାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଙ୍କ ଦ୍ୱାରା ଡାଳଦା ପଞ୍ଚାୟତ ଡିହ କରଡ଼ାରୁ ତରାସାହି ଭାୟା ଡିଆ ଦେଇ ଫେବର ରୁକ ସଡ଼କ ନିର୍ମାଣ ପାଇଁ ଜୈନକ ଠିକାଦାର ଚୁକ୍ତିନାମା କରିଥିଲେ । ଏହି ଅଞ୍ଚଳରେ ଉନ୍ନତ ରାସ୍ତାର ଆବଶ୍ୟକ ଦୀର୍ଘ ବର୍ଷ ଧରି ରହିଥିବାରୁ ସରକାର ଏହି ଅଞ୍ଚଳ କୁ ସଡ଼କ ନିର୍ମାଣ କରିବାକୁ ସମସ୍ତ ବ୍ୟବସ୍ଥା କରିବା ସହ ହାରାହାରି ୧ କୋଟି ଟଙ୍କା ବ୍ୟୟମଞ୍ଜୁର କରିଥିଲେ। ହେଲେ ଠିକାଦାର ଏ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରି ନାହାନ୍ତି । ଯାହା ଫଳରେ କି ଉକ୍ତ ଗ୍ରାମର ସମସ୍ତ ଗ୍ରାମବାସୀ ବୃଦ୍ଧ ଅସନ୍ତୋଷ ପ୍ରକାଶ କରିବା ସହ ଶହେରୁ ଊର୍ଦ୍ଧ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତା କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ତହସିଲଦାର ଙ୍କୁ ଲିଖିତ ଆକାରରେ ଦାବିପତ୍ର ପ୍ରଦାନ କରିଛନ୍ତି ୫।ଏହି ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଘଟଣାକୁ ଦୃଷ୍ଟ କରି ସହଯୋଗ କରିବାକୁ ପରାମର୍ଶ ଦେବାପରେ ଗ୍ରାମବାସୀ ମାନେ ଧାରଣାରୁ ଉଠିଥିଲେ ।

# ଘୋଡ଼ାବର ସେବା ସମବାୟ ସମିତି ପରିଚାଳନା ପରିଷଦ ନିଲମ୍ବିତ

ବାଙ୍କୀ,(ସବ୍ୟୁ) : ପ୍ରାଥମିକ ସେବା ସମବାୟ ସମିତି ରେ କାର୍ଯ୍ୟରତ ସମ୍ପାଦକ ଜଣକ ବିଭିନ୍ନ ସେବା ସମବାୟ ସମିତି ରେ ଅର୍ଥ ହେରଫେର କରୁଥିବା ଅଭିଯୋଗ ରେ ସମବାୟ ବିଭାଗ ର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରା ଯାଇ ନିଲମ୍ବିତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇ ଥିଲେ ମଧ୍ୟ ପରିଚାଳନା ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟ ହୋଇ ସମବାୟ ବିଭାଗ କମିଟିକୁ ନିଲମ୍ବନ କରି ନୂତନ ଅଧିକାରୀଙ୍କୁ ପରିଚାଳନା ପରିଷଦ କମିଟି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ।କଟକ ଜିଲ୍ଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ସରଷା ଶାଖା ଅନ୍ତର୍ଗତ ଘୋଡ଼ାବର ସେବା ସମବାୟ ସମିତି ରେ କାର୍ଯ୍ୟରତ ସମ୍ପାଦକଙ୍କୁ ନିଲମ୍ବନ କରିବା ପାଇଁ ପରିଚାଳନା ପରିଷଦ କମିଟିର ସଭାପତି ଗୁରୁତ୍ୱ ଦେବା ପରିବର୍ତ୍ତେ ଅହେତୁକ ସହଯୋଗ କରିବାରୁ କଟକ ସ୍ଥିତ ସମବାୟ ବିଭାଗ ର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ନିଲମ୍ବନ ନିର୍ଦ୍ଦେଶ ଦିଆ ଯାଇଛି।ମାତ୍ର ସମବାୟ ବିଭାଗ ଉପ ନିବନ୍ଧକ ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଘୋଡ଼ାବର ସେବା ସମବାୟ ସମିତି ର ପରିଚାଳନା ପରିଷଦ ସମ୍ପାଦକଙ୍କୁ ନିଲମ୍ବନ ନ କରିବାରୁ ଗତ ୨୩.୦୬.୨୦୨୨ ମସିହାରେ ନିର୍ବାଚିତ ପରିଚାଳନା ପରିଷଦ କମିଟି କୁ ନିଲମ୍ବନ କଲେ ସମବାୟ ବିଭାଗ ର ଉପନିବନ୍ଧକଙ୍କ ଘୋଡ଼ାବର ସେବା ସମବାୟ ସମିତି ର ସମ୍ପାଦକ ରମେଶ କୁମାର ସାହୁ ଓସ୍ତିଆ, ଆନନ୍ଦପୁର ଓ ଘୋଡ଼ାବର ସେବା ସମବାୟ ସମିତି ରେ ବ୍ୟାପକ ଅର୍ଥ ହେରଫେର କରିଥିବା ଅଭିଯୋଗର ତଦନ୍ତ କରା ଯାଇ ତୁରନ୍ତ ନିଲମ୍ବନ କରିବା ପାଇଁ ନୋଟିସ ନମ୍ବର ୫୯୮/ଡା ୨୭.୦୨.୨୦୨୫ ରେ ସଭାପତି ପ୍ରଶାନ୍ତ କୁମାର ପରିଡ଼ା ଙ୍କୁ ସମବାୟ ବିଭାଗ ଉପ ନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଘୋଡ଼ାବର ସମିତି ସଭାପତି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ନେଇ ବରଂ ସମ୍ପାଦକ ରମେଶ ସାହୁ ଙ୍କୁ ସହଯୋଗ କରିଥିଲେ। ଫଳରେ ଦୁଇ ଦୁଇ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଥିବା ବେଳେ ନୀରବ ରହିଥିବା ସମିତି ର ପରିଚାଳନା ପରିଷଦ କମିଟି କୁ ପତ୍ର ସଂଖ୍ୟା ୧୧୩୪/ଡା ୧୫.୦୪.୨୦୨୫ ରେ ନିଲମ୍ବନ କଲେ ସମବାୟ ସମିତି ସମୂହର ଉପ ନିବନ୍ଧକ । ଏବେ ସମିତି ପରିଚାଳନା କମିଟି ସଭାପତି ଦାୟିତ୍ୱ ଏ,ଆର, ସି , ଏସ ଙ୍କ କାର୍ଯ୍ୟାଳୟ ର ଇନ୍ସପେକ୍ଟର ଓମ୍ ପ୍ରକାଶ ଦାସ ଙ୍କୁ ଦିଆଯାଇଥିବା ସୂଚନା ଦେଇଛନ୍ତି ବାଙ୍କୀ ଏ ଆର, ସି, ଏସ, ସୁରେନ୍ଦ୍ର କୁମାର ଜେନା।

# ନାବାଳିକାକୁ ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ ଦାବି କଲା କଂଗ୍ରେସ

ପିପିଲି,(ସବ୍ୟୁ):ପିପିଲି ଥାନା ଅଂଚଳରେ ଦିନ କୁ ଦିନ ନାବାଳିକା ଦୁଷ୍କର୍ମ ସଂଖ୍ୟା ବଢ଼ି ଚାଲିଥିବା ବେଳେ ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର ମଙ୍ଗଳବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସ୍ଥାନୀୟ ପୋଲିସ ପ୍ରଶାସନ ଉପରେ ବର୍ଷିଛନ୍ତି । ଏଥିରେ ସେ କହିଛନ୍ତି ଡେଲାଙ୍ଗ ବ୍ଲକ ପିପିଲି ଥାନା ଅଂଚଳରେ ଜଣେ ୭ମ ଶ୍ରେଣୀ ଛାତ୍ରୀକୁ ଆଜକୁ ୧୩ ଦିନ ହେବ ଦୁଷ୍କର୍ମ ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି । ଘଟଣା ଘଟିବା ଦିନ ଠାରୁ ଅଭିଯୁକ୍ତ ଫେରାର ରହିଥିବା ବେଳେ ପୋଲିସ ପ୍ରଶାସନ ଉପରେ ଚାପ ପଡୁଥିବାରୁ ଅଭିଯୁକ୍ତକୁ ଗିରଫ କରୁନଥିବା ସେ ଅଭିଯୋଗ କରିଛନ୍ତି । ଯଦି ୨ଦିନ ଭିତରେ ଅଭିଯୁକ୍ତକୁ ଗିରଫ କରାନଯାଏ ଆଗାମୀ ଦିନରେ ମହିଳା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି । ସେହିପରିପିପିଲିରେ ନାବାଳିକା ଦୁଷ୍କର୍ମ ଘଟଣା ୬ଟି ହୋଇଥିବା ବେଳେ ପିପିଲି ଡେଲାଙ୍ଗ ପୋଲିସ ବେଆଇନ ନିଶା କାରାବାର ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ମଧ୍ୟ ଶ୍ରୀମତି ପାତ୍ର ଅଭିଯୋଗ କରିଛନ୍ତି ।ଅତି ନିକଟରେ ଡେଲାଙ୍ଗ ଥାନା ଅଧିନରେ ରତନପୁର ଗ୍ରାମର ନାବାଳକ ଆର୍ଶୀବାଦ ସାହୁ ଅପହରଣ ପରେ ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଏହି ଘଟଣା ଚକିତ କରିଥିଲା । ଆର୍ଶୀବାଦ ଅପହରଣକୁ ୬ଦିନ ବିତିଯାଇଥିଲେ ସୁଧା ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲା । କେବଳ ସ୍ଥାନୀୟ ଜନସାଧାରଣଙ୍କ ରାସ୍ତାରୋକ ଓ ଆନ୍ଦୋଳନ ପାଇଁ ପୋଲିସ ପ୍ରଶାସନ ଅପହରଣ ହୋଇଥିବା ନାବାଳକ ଆର୍ଶୀବାଦର ମୃତ୍ୟୁ ଶରୀରକୁ ପାଇଖାନା ଟାଙ୍କୀରୁ ଜବତ କରି ଉଦ୍ଧାର କରିଥିଲା । ପରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା । ପିପିଲି ଡେଲାଙ୍ଗ ରେ ଆଇନିଶୃଙ୍ଖଳା ପରିସ୍ଥିତି ଦିନ କୁ ଦିନ ବିଗିଡିବାରେ ଲାଗିଛି । ମହିଳା ଓ ଶିଶୁ ମାନଙ୍କ ନ୍ୟାୟ ପାଇଁ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ବୀଭତ୍ସ ହତ୍ୟା



କଣାସ,(ସବ୍ୟୁ):ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପୁରୀ ଜିଲ୍ଲା କଣାସ ବ୍ଲକ୍ ଅଧୀନ ଗଡିଶାଗଦା ଥାନା ଅର୍ନ୍ତଗତ ବନ୍ଧମୁଣ୍ଡା ଗ୍ରାମରେ ଜଣେ ଯୁବକଙ୍କୁ ବିଭତ୍ସ ହତ୍ୟା କରାଯାଇଛି। ମୃତ ଯୁବକ ଜଣଙ୍କ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ ବୟସ (୩୫)। ସୋମବାର ରାତ୍ର ୧୧ ଟା ସମୟରେ ନିଜ କାର୍ଯ୍ୟ ସାରି ଘରୁକୁ ଫେରୁଥିବା ବେଳେ ପହିଲୁଣ୍ଡି ନଦୀ ବନ୍ଦ ଠାରୁ ବନ୍ଧମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତାରେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ମୃତକଙ୍କ ପତ୍ନୀ ନିରୂପମା ସୁନ୍ଦରାୟ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପାଞ୍ଚଜଣରୁ ଉର୍ଦ୍ଧ ବ୍ୟକ୍ତି ସଙ୍ଗବଦ୍ଧ ଭାବେ ମୋ ସ୍ୱାମୀକୁ ଧାରୁଆ ଅସ୍ତ୍ରରେ ନିର୍ମମ ଭାବେ ହତ୍ୟା କରିଛନ୍ତି । ଘଟଣା ସ୍ଥଳରେ ଗଡ଼ିଶାଗୋଦା ପୋଲିସ,ସଦର ଏସଡିପିଓ ,ସାଇଣ୍ଟିଫିକଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଦେହକୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ପଞ୍ଚନମା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ସୂଚନା ଦେଇଛନ୍ତି ।ଏନେଇ ୮୯/ ୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଜଣାପଡିଛି ।

# ସିବିଏସଇ ପରୀକ୍ଷା ଫଳ : ଅନ୍ୱେଷା ବ୍ଲକ୍ ଟପ୍ପର



ଦଶପଲ୍ଲା,(ସବ୍ୟୁ) :ମଙ୍ଗଳବାର ପ୍ରକାଶ ପାଇଛି ସିବିଏସଇ ପରୀକ୍ଷା ଫଳ । ଏହି ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ୧୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫ ଜଣ ଛାତ୍ର ଛାତ୍ରୀ ୮୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଅନ୍ୱେଷ ସାହୁ ୯୬.୪୦ % ମାର୍କ ରଖି ପ୍ରଥମ ହୋଇଥିବା ବେଳେ ସ୍ମୃତି ରଞ୍ଜନ ରଣା ଶତକଡା ୯୫ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ସୋହାନ କୁମାର ସ୍ୱାଇଁ ୯୪.୮% ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମ ଥର ପାଇଁ ଦଶପଲ୍ଲା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏଭଳି ମାର୍କ ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ।ଛାତ୍ର ଛାତ୍ରୀଙ୍କ ସଫଳତାରେ ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ଉନ୍ନୀତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ଶୁଭ ଆଶୀର୍ବାଦ କରିଛନ୍ତି ।ଅପରପକ୍ଷରେ ଦଶପଲ୍ଲା ବ୍ଲକ୍ ଟପ୍ପର ହୋଇଥିବା ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ଗୁରିଆବାରି ଗ୍ରାମର ଆର୍ତ୍ତତ୍ରାଣ ସାହୁ ଓ ସସ୍ମିତା ସାହୁ କନ୍ୟା ତଥା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅନ୍ୱେଷ ସାହୁ ଭବିଷ୍ୟତରେ ଜଣେ ଆଇ ଏଫ ଏସ ହେବା ପାଇଁ ଲକ୍ଷ ରଖିଛନ୍ତି ବୋଲି କହଛନ୍ତି। ସେ ବର୍ତ୍ତମାନ ତାଙ୍କ ପରିବାର ଦଶପଲ୍ଲା ଅନନ୍ତ ବିହାରରେ ରହୁଥିବା ଜଣା ପଡ଼ଛିଜ

# ପାଇପ ଫାଟିବାରୁ ଗ୍ରାମବାସୀଙ୍କୁ ମିଳୁନି ପାନୀୟ ଜଳ

ଡେଲାଙ୍ଗ,(ସବ୍ୟୁ) :ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ଅର୍ନ୍ତଗତ ସାଦପଡା ଛକ ଉପରେ ପାଣି ପାଇପ ଫାଟି ଯିବାରୁ ଗ୍ରାମବାସୀମାନେ ପାନୀୟ ଜଳ ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କଲାପରେ ବି କୌଣସି କାର୍ଯ୍ୟ ନହେବାରୁ ଏବେ ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଟାଣ ଖରା ଏବେ ଜନ ଜୀବନ ଚଳପ୍ରଚଳରେ ଅସ୍ତବ୍ୟସ୍ତ କରୁଛି । ଠିକ ଏହିସମୟରେ ଜେନାପୁର ପଞ୍ଚାୟତ ଅର୍ନ୍ତଗତ ଗ୍ରାମ୍ୟ ପାଇପ ଜଳ ଯୋଗାଣ ଟୋଲାପଡା ପ୍ରକଳ୍ପ ଯୋଜନାରେ ସାଦପଡା ଛକ ଠାରେ ପାଣି ପାଇପ ଫାଟି ଗାଁକୁ ପାନୀୟ ଜଳ ଯୋଗାଣରେ ଏକ ପ୍ରକାର ବ୍ୟାଘାତ ସୃଷ୍ଟି ହୋଇଛି ଛ ପାନୀୟ ଜଳ ସଠିକ ସମୟରେ ମିଳୁନଥିବାରୁ ସାଧାରଣ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଭାଗୀୟ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ରଙ୍କୁ ଘଟଣା ସମ୍ପର୍କରେ ପଚାରିଲେ ସେ କୁହନ୍ତି ଠିକାଦାରକୁ ୫ବର୍ଷ ପାଇଁ ମରାମତି କାର୍ଯ୍ୟ କରିବାକୁ ଦିଆଯାଇଛି । ଠିକାଦାର ଯାଇ ଫାଟିଥିବା ପାଣି ପାଇପ ମରାମତି କରିବ ବୋଲି କହିଥିଲେ । ତେବେ ଦୁଃଖର ବିଷୟ ଆଜକୁ ପାଣି ପାଇପ ଫାଟିବାର ୧୫ଦିନ ବିତି ଯାଇଥିଲେ ସୁଧା ତାର ମରାମତି ହୋଇନଥିବାରୁ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ପାଣି ପାଇପକୁ ମରାମତି କରିବା ସହ ପାନୀୟ ଜଳ ସୁବିଧାରେ ଯୋଗାଇ ଦେବାକୁ ଦାବୀ କରିଛନ୍ତି ।

# ମାଟ୍ରିକ ଏ-୧ ଛାତ୍ରଛାତ୍ରୀଙ୍କୁ ଭାରତ ବିକାଶ ପରିଷଦର ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,(ସବ୍ୟୁ) :ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀର ଗୋବିନ୍ଦ ପୁର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ଼ ପାଇଥିବା ସତ୍ୟବାଦୀ ବ୍ଲକର ୭କୃତୀ କୃତି ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଅନୁଷ୍ଠିତ ଉତ୍ସବରେ ସତ୍ୟବାଦୀ ଶାଖାର ସଭାପତି ପୂର୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ଆହ୍ୱାନ କରିଥିବାବେଳେ ସମ୍ମାନୀୟ ଅତିଥି ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।ସମ୍ମାନୀୟ ଅତିଥି ଡ଼. ଜୟଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉପଢୌକନ ପ୍ରଦାନ କରିଥିଲେ । ସତ୍ୟବାଦୀ ବ୍ଲକରେ ଏ-୧ ଗ୍ରେଡ଼ ପାଇଥିବା ସାତ ଜଣ ଛାତ୍ରଛାତ୍ରୀଙ୍କୁ ଉତ୍କଳମଣି ଗୋପବନ୍ଧୁ ଏକାଡ଼େମିକ ଏକ୍ସଲେନ୍ସ ଆୱାର୍ଡ ୨୦୨୫ ରେ ସମ୍ବର୍ଦ୍ଧିତ କାରାଯିବା ସହ ନଗଦ ୨ ହଜାର ଟଙ୍କା, ମାନପତ୍ର, ଗୀତା ବହି, ମହାପୁରୁଷ ମାନଙ୍କ ବହି ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଉପସଭାପତି ନିହାର ରଞ୍ଜନ ସ୍ୱାଇଁ ଓ ସଚିବ ବିଜୟ କୁମାର ପରିଡା ମଞ୍ଚ ସଂଚାଳନା କରିଥିବାବେଳେ ସମ୍ପର୍କ ସଚିବ ନବଘନ ଶତପଥୀ, ଅର୍ଥ ସଚିବ ପ୍ରଫୁଲ୍ଲ ପଣ୍ଡା, ବିଭୁ ପ୍ରସାଦ ମହାପାତ୍ର, ଦେବରାଜ ନାୟକ, ଲିଙ୍ଗରାଜ ସାହୁ, ଅମୀୟ କୁମାର ସ୍ୱାଇଁ, ବିଷ୍ଣୁ ମହାରଣା ଓ ସଂଗ୍ରାମ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମ ରେ ବିଶ୍ୱଜିତ ଶତପଥି, ହୃଷିକେଶ ମିଶ୍ର, ପ୍ରଧାନ ଶିକ୍ଷକ ଯୋଗେଶ ନାୟକ ଓ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ । ସାମ୍ବାଦିକ ଅମର ଶତପଥି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କାର ସଚିବ ସୁନୀଲ କୁମାର ବେହେରା ଧନ୍ୟବାଦ ଅର୍ପଣ କରଥିଲେ।

# ହରିଣକୁ ମାରିଦେଲେ ବୁଲା କୁକୁର

ଆଠଗଡ ,(ସବ୍ୟୁ) : ଆଠଗଡ ବନଖଣ୍ଡ ଅନ୍ତର୍ଗତ ସୁକାସନ ସଂରକ୍ଷିତ ଜଙ୍ଗଲ ରୁ ଜଳପାନ କରିବାକୁ ଏକ ତୃଷାର୍ତ୍ତ ହରିଣ ସୋମବାର ନିକଟସ୍ଥ ରାଜନଗର ଗ୍ରାମକୁ ଆସିବା ସମୟରେ ବୁଲା କୁକୁରମାନଙ୍କ ହାବୁଡରେ ପଡିଯାଇଥିଲା।କୁକୁରମାନେ ରହିଣଟିକୁ ଗୁରୁତର କରି ଛାଡ଼ିଗଲଣ ପରେ ମୁର୍ମୁଷୁ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଆଠଗଡ ପଶୁ ଚିକିତ୍ସାଳୟରେ ଚିକିତ୍ସା ସମୟରେ ହରିଣଟିର ମୃତ୍ୟ ହୋଇଯାଇଥିଲା।ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ପରେ ମୃତ ହରିଣକୁ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଛି।

# ଶିଶୁକୁ ଦୁଷ୍କର୍ମ, ଫେରିବାଲା ଗିରଫ

ପିପିଲି,(ସବ୍ୟୁ) :ପିପିଲିରେ ପୁଣି ଲଜ୍ୟା। ରବିବାର ଜଣେ ୭ବର୍ଷର ଶିଶୁକୁ ଦୁଷ୍କର୍ମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି ।ଏହି ଅଭିଯୋଗ ଆଧାରରେ ଅଭିଯୁକ୍ତ ଥିବା ଜଣେ ଫେରିବାଲାକୁ ପିପିଲି ପୋଲିସ ଗିରଫ କରିଥିବା ସୁଚନା ମିଳିଛି ୀ ପିପିଲି ଥାନା ଅଂଚଳରେ ଏବେ ଦିନ କୁ ଦିନ ନାବାଳିକା ଦୁଷ୍କର୍ମ ମାମଲା ବଢିବାରେ ଲାଗିଛି ।ନାବାଳିକା ଦୁଷ୍କର୍ମ ଘଟଣାକୁ ନେଇ ପିପିଲିରେ ଆଇନି ଶୃଙ୍ଖଳାପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ପୋଲିସ ପ୍ରଶାସନକୁ ଭୟ ନକରି ଅଭିଯୁକ୍ତମାନେ ଖୁଲମ ଖୁଲା ଏହି କାମ ଏକ ପ୍ରତିଯୋଗିତା ମୁଳକ ଭାବେ ଚାଲୁ ରଖିଛନ୍ତି ।ଅନ୍ୟପଟେ ଏଭଳି ପରିସ୍ଥିତି ବଢିବା ଦେଖି ସ୍ଥାନୀୟ ଲୋକମାନେ ଛୋଟପିଲାଙ୍କ ଭବିଷ୍ୟତ ପାଠପଢା ଓ ବଜାର ଘାଟ ଚଳପ୍ରଚଳ କୁ ନେଇ ଭୟବିତ ଅବସ୍ଥାରେ ରହିଛନ୍ତି ୀ ପିପିଲି ଥାନା ଅଂଚଳରେ ନାବାଳିକା ଦୁଷ୍କର୍ମ ଘଟଣା ଏହି କେଇମାସ ଭିତରେ ୩ଟା ହୋଇ ସାରିଥିବା ବେଳେ ଆଜିକୁ ମିଶାଇଲେ ଏହା ୪ର୍ଥ ଘଟଣା । ୩ଟା କେସରେ ଅଭିଯୁକ୍ତକୁ ଧରିବାରେ ପୋଲିସ ସଫଳ ହୋଇଥିବା ବେଳେ ଡେଲାଙ୍ଗ ବ୍ଲକ ପିପିଲି ଥାନା ଅଧିନରେ ଆଜକୁ ଘଟଣା ଘଟିବାର ୧୨ ଦିନ ବିତିଯାଇଥିବା ବେଳେ ପିପିଲି ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ।ଅଭିଯୁକ୍ତ ଫେରାର ରହିଥିବାରୁ ନାବାଳିକା ପରିବାର ପୁରା ଭୟରେ ରହିଛନ୍ତି ଘଟଣାରେ ଜଣେ ୬୦ବର୍ଷ ଫେରିବାଲାକୁ ପିପିଲି ପୋଲିସ ଗିରଫ କରିଛି । ସେ ପିପିଲି ଅଂଚଳରେ ବହୁ ବର୍ଷ ଧରି ରହି ଆସୁଥିଲେ । ତାଙ୍କ ନାମ ସେକ ବରେଲି (୬୦)ସାବଳା ଅଂଚଳ ଠାକୁରଦା ଥାନା , ମେଦିନିପୁର ଜିଲ୍ଲା , ପଶ୍ଚିମବଙ୍ଗ ରାଜ୍ୟ ବୋଲି ପୋଲିସକୁ ପରିଚୟ ମିଳିଛି ।ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ମୁକ୍ତି ନର୍ସିଂ କଲେଜରେ ସେବିକା ଦିବସ ପାଳିତ




ଗୋପ,(ସବ୍ୟୁ) :ସୋମବାର ଗୋପ ବ୍ଲକ ଅଧିନ ମତିଆଖାଡ ସ୍ଥିତ ମୁକ୍ତି କଲେଜ ଆଫ ନର୍ସିଂ ପରିସରରେ ଆନ୍ତର୍ଜାତିକ ସେବୀକା ଦିବସ ପାଳିତ ହୋଇ ଯାଇଛି ।ଅନୁଷ୍ଠାନ ମୁଖ୍ୟ ଗଣେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଝୁନୁ ମଲ୍ଲିକ ,ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଓ ସମ୍ମାନିତ ଅତିଥିଭାବେ ଗୋପ ମହାବିଦ୍ୟାଳୟ ପୁର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ,ସ୍ଥାନୀୟ ସରପଞ୍ଚ ପ୍ରଭାତ ବେହେରା,ସାମ୍ବାଦିକ ମିଲନ ମହାନ୍ତି, ସମାଜ ସେବୀ ପ୍ରଶାନ୍ତ କୁମାର ସେନାପତି ,କାଳୁରାମ ଜେନା,ଯୋଗଦେଇ ମୂର୍ମୂଷୁ ରୋଗୀର ମୁହଁରେ ହସ ଫୁଟାଇବା ସହ ବଞ୍ଚିବାର ରାହା ଦେଖାଇବା ହେଉଛି ସେବିକାର ପ୍ରଧାନ କାର୍ଯ୍ୟ ବୋଲି ଆନ୍ତର୍ଜାତିକ ସେବିକା ଦିବସ ତଥା ଫ୍ଲୋରେନ୍ସ ନାଇଟଆଙ୍ଗେଲଙ୍କ ଜନ୍ମଦିନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ଉପରୋକ୍ତ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷା ମନସ୍ୱିନୀ ପୃଷ୍ଟି ସମେତ କର୍ମଚାରୀ ଓ ଛାତ୍ରୀମାନେ ପରିଚାଳନା କରିଥିଲେ।

# ଓଡିଶା ଆଦର୍ଶ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ

ଆଠଗଡ ,(ସବ୍ୟୁ) : ଆଠଗଡ ବ୍ଲକ ଅନ୍ତର୍ଗତ କୁଲାଇଲୋ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ ହୋଇଛି।ଏଥିରେ ମୋଟ ୭୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୦ ଜଣ କୃତକାର୍ଯ୍ୟ କରିଛନ୍ତି। କୀର୍ତ୍ତି ସ୍ୱରୂପା ବେଉରା ଶତକଡା ୯୫.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇ ଥିବା ବେଳେ ୭ ଜଣ ଛାତ୍ରଛାତ୍ରୀ ଶତକଡା ୯୦ ପ୍ରତିଶତ ନମ୍ବର ରଖଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡିଛି।

# ସୁନ୍ଦରଗଡ଼ରେ ଏଲ୍‌ଟି ଭିତ୍ତିଭୂମିର ବିକାଶ

ବୁର୍ଲା, (ସବ୍ୟୁ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍) ସୁନ୍ଦରଗଡ଼ ସହରରେ ଲୋ ଟେନସନ୍ (ଏଲ୍.ଟି.) ବିଦ୍ୟୁତ୍ ନେଟୱାର୍କକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଏକ ପ୍ରମୁଖ ଭିତ୍ତିଭୂମି ବିକାଶ ପଦକ୍ଷେପ ଗ୍ରହଣ କରିଅଛି । ୯.୪ କିଲୋମିଟରର ବିସ୍ତୃତ ଏଲ୍.ଟି ଲାଇନକୁ ନେଇ ଗଠିତ ଏହି ପ୍ରକଳ୍ପଟି ଟିପିଡବ୍ଲ୍ୟୁଓଡିଏଲର ନିଜସ୍ୱ ପୁଞ୍ଜି ବ୍ୟୟ ଯୋଜନା ଅଧୀନରେ ୦.୬ କୋଟି ବିନିଯୋଗରେ କାର୍ଯ୍ୟକାରୀ କରାଯାଉଛି ।ଏହି ପଦକ୍ଷେପ ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି । ଯାହା ସହରାଞ୍ଚଳ ଜନସାଧାରଣଙ୍କୁ ସ୍ଥିର ଏବଂ ନିର୍ଭରଯୋଗ୍ୟ ବିଦ୍ୟୁ ଯୋଗାଣ ସୁନିଶ୍ଚିତ କରିବ । ଏହି ପ୍ରକଳ୍ପରେ ଗୁଣାତ୍ମକ ବିଦ୍ୟୁ ଯୋଗାଣ ସମସ୍ୟାର ସମାଧାନ ପାଇଁ ବିଦ୍ୟମାନ ଏଲ୍.ଟି. ନେଟୱାର୍କକୁ ସୁଦୃଢ଼ କରିବା ଏବଂ ନୂତନ ଲାଇନଗୁଡ଼ିକର ସମ୍ପ୍ରସାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଅଧିନରେ ଏବେ ସୁଦ୍ଧା ୮ କିଲୋମିଟରର ପର୍ଯ୍ୟନ୍ତ ବିସ୍ତୃତ ଏଲ୍.ଟି ଲାଇନର ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ୧.୪ କିଲୋମିଟର କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି, ଯାହା କି ଖୁବଶୀଘ୍ର ସମାପ୍ତ ହେବାକୁ ଯାଉଛି ।ଉଲ୍ଲେଖଥାଉ କି, ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ, ଏହା ଦ୍ୱାରା ସୁନ୍ଦରଗଡ଼ ସହରର ୫ ହଜାର ଘରୋଇ ତଥା ବ୍ୟବସାୟିକ ବିଦ୍ୟୁତ ଉପଭୋକ୍ତା ଉପକୃତ ହେବେ । ଏହି ପ୍ରକଳ୍ପ ସଂପର୍କରେ ମତ ପ୍ରକାଶ କରି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ଏହି ପଦକ୍ଷେପ ଆମର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଗୁଣବତ୍ତା ତଥା ନିର୍ଭରଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁ ସେବା ପ୍ରଦାନ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶ । ସୁନ୍ଦରଗଡ଼ ଏଲ୍.ଟି. ନେଟୱାର୍କର ସୁଦୃଢ଼ୀକରଣ ବର୍ତ୍ତମାନ ଏବଂ ଭବିଷ୍ୟତର ଚାହିଦା ପୂରଣ କରୁଥିବା ଏକ ସ୍ଥିର ବିଦ୍ୟୁ ଭିତ୍ତିଭୂମି ନିର୍ମାଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ସାଇଲୋ ଉଚ୍ଚ ବିଦ୍ୟାଳୟର ୩ ଛାତ୍ରଙ୍କୁ ପୁରସ୍କୃତ କଲେ ରାଜ୍ୟପାଳ



ନିମାପଡା,(ସବ୍ୟୁ) : ନିମାପଡା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତ ସାଇଲୋ ଉଚ୍ଚ ବିଦ୍ୟାଳୟ ସ୍କାଉଟ୍ ଓ ଗାଇଡ୍‌ର ୩ ଜଣ ଛାତ୍ର ସେମାନଙ୍କର ଉଲ୍ଲେଖନୀୟ କୃତିତ୍ୱ ପାଇଁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ସ୍କାଉଟ୍ ଓ ଗାଇଡ୍ ଶିକ୍ଷକ ଶିବ ଶଙ୍କର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ଦୁଇବର୍ଷ ଧରି ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଯଥା ସଫେଇ, ଜଳସେବା, ରୋଗୀସେବା, ବନ୍ୟାବିପନ୍ନଙ୍କୁ ସହାୟତା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଅଂଚଳରେ ବେଶ ପ୍ରଶଂସା ସାଉଁଟିଛନ୍ତି । ରାଜ୍ୟ ପୁରସ୍କାର ପାଇଁ ମନୋନୀତ ହୋଇ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଉକ୍ତ ବିଦ୍ୟାଳୟର ଏହି ୩ଜଣ ସ୍କାଉଟ ଓ ଗାଇଡ୍ ଛାତ୍ର ହେଲେ ସ୍ମୃତି ରଂଜନ ପ୍ରଧାନ, ସତ୍ୟବ୍ରତ ବେହେରା, ଅରୁପାନନ୍ଦ ଖୁଂଟିଆ । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମ୍ପତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍କାଉଟ ଓ ଗାଇଡ୍ କମିଶନର ଡ.କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ ।

# ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାର ନିଛକ ଉଦାହରଣ କାଶୀପୁର ରାମଲୀଳା

ନିରାକାରପୁର,(ସବ୍ୟୁ): ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଅଧୀନ କାଶୀପୁର ଗ୍ରାମରେ ପଞ୍ଚଦଶ ତଥା ଅନ୍ତିମ ସନ୍ଧ୍ୟାରେ ମହାନ ପୌରଣିକ ନାଟକ ରାବଣ ବଧ ପରିବେଷଣ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟା ଭଳି ଆଜି ମଧ୍ୟ ଭଜନ ସମାରୋହ ପରିବେଷଣ ହୋଇଥିଲା। ଏକ ସ୍ୱତନ୍ତ୍ର ସଭାର ଆୟୋଜନ । ନୃସିଂହ ଦଳେଇଙ୍କ ଦ୍ୱାରା ହୋଇଥିଲା। ଏହି ସଭାରେ ଗ୍ରାମର ମହିଳା, ପୁରୁଷ ଓ କୁନି କୁନି କଳାକାର ମାନଙ୍କୁ ଉତରିୟ ପ୍ରଦାନ କରଯାଇ ସମ୍ମାନିତ କରଯାଇଥିଲା।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲୋକ ପ୍ରିୟ ଶିକ୍ଷାବିତ ସଞ୍ଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅଗ୍ରଜ ପ୍ରଧାନ, ନବ କିଶୋର ବରାଳ, ନକୁଳ ସାହୁ ଏବଂ ପରୀକ୍ଷିତ ଲେଙ୍କା ଯୋଗଦେଇ ଦେଇଥିଲେ। ଏହା ପରେ ରାମ, ଲକ୍ଷ୍ମଣ ଓ ସୀତା ଗ୍ରାମ ପରିକ୍ରମା କରିଥିଲେ। ରାମଲୀଳା ଆରମ୍ଭ ପୂର୍ବରୁ ତାଳ ପତ୍ର ପୋଥିଙ୍କୁ ପୂଜା କରାଯାଇ ବନ୍ଦନା ହୋଇଥିଲା। ଗର୍ବୀ ରାବଣ ନିଜ ଅହଂକାର ନ ଛାଡ଼ିବାରୁ ସୁବର୍ଣ ଲଙ୍କା ପ୍ରଭୁ ରାମ ଚନ୍ଦ୍ର ଓ ତାଙ୍କ ବାନର ସେନା ଦ୍ୱାରା ଛାର ଖାର ହୋଇ ଯାଇଥିଲା। ପରି ଶେଷରେ ଶ୍ରୀ ରାମଙ୍କ ଧନୁ ବାଣରେ ବଧ ହୋଇଥିଲା। ରାବଣ ବଧ ପରେ ଏକ ଶତାବ୍ଦୀରୁ ଊର୍ଦ୍ଧ୍ ପରମ୍ପରା ଅନୁଯାୟୀ ବ୍ରାହ୍ମ ମୁହୁର୍ତରେ ପ୍ରଭୁ ରାମଙ୍କୁ ମଣୋଇ ଭୋଗ ଲାଗି ହୋଇଥିଲା। ସନ୍ତାନ ଅଭିଷ୍ପିତ ଗ୍ରାମର ବଧୁ ମାନେ



ଏହି ମଣୋଇ ଭୋଗକୁ ଅତି ଆନନ୍ଦରେ ଗ୍ରହଣ କରିଥିଲେ। ତତ୍ପରେ ନଗର ଭ୍ରମଣରେ ବାହାରିଥିଲେ ସମସ୍ତ କଳାକାରମାନେ। ବିଭିନ୍ନ ଭୂମିକାରେ ରାବଣ–ଅକ୍ଷୟ ଲେଙ୍କା, ହନୁମାନ–ନବ କିଶୋର ବରାଳ, ରାମ–ସାଗର ଜେନା, ଲକ୍ଷ୍ମଣ–ସୌମ୍ୟ ରଞ୍ଜନ ଜେନା, ସୀତା–ପ୍ରଭାତ ଲେଙ୍କା, ବିଭୀଷଣ–ସେଷଦେବ ଦଳେଇ, ମନ୍ଦୋଦରୀ–ରାକେଶ ପରିଡ଼ା ସୁନ୍ଦର ଅଭିନୟ କରିଥିଲେ। ଅନଙ୍ଗ ନରେନ୍ଦ୍ର ଭଣତି ଦାଣ୍ଡି ରାମାୟଣକୁ ମୁଖସ୍ଥ କରିଥିବା ଲୋକ ପ୍ରିୟ ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ ଓ ଯୁଗଳ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଗାୟକ ବିପିନ ସାହୁ ଓ ବାୟକ ମହେଶ୍ୱର ନାୟକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସର୍ବ ଶେଷରେ ପ୍ରଭୁଙ୍କର ଏହି ପରି ଖେଳା ଲୀଳା ଲାଗିଥାଉ ବୋଲି ସମସ୍ତେ ହରିବୋଲ ଦେଇ ଖୁସି ମନରେ ଘରକୁ ଫେରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୫/୯)
–ପୁରୁଷୋତ୍ତମଯୋଗଃ–
(ଶ୍ରୀଭଗବାନୁବାଚ )

**ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥୯॥**

ଏହି ଜୀବାତ୍ମା ଶ୍ରୋତ୍ର, ନେତ୍ର, ଘ୍ରାଣ, ରସନା, ତ୍ୱକ୍ ଏବଂ ମନ– ଏମାନଙ୍କୁ ଆଶ୍ରୟ କରି (ଶବ୍ଦାଦି) ବିଷୟମାନଙ୍କୁ ଉପଭୋଗ କରେ ॥୯॥

# ପାକିସ୍ତାନକୁ କଡ଼ା ଚେତାବନୀ

## ସମ୍ପାଦକୀୟ

ଗତ ସୋମବାର ରାତି ଆଠଟାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସିନ୍ଦୂର ଅପରେଶନ ଆରମ୍ଭ ହେବା ପରେ ପ୍ରଥମ ଥର ଲାଗି ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି ଏକ ଭିନ୍ନ ଢଙ୍ଗରେ । ପାକିସ୍ତାନର ଅପାରଗତା ପଣିଆକୁ ସେ ସମାଲୋଚନା କରି ଏବେ ପାକିସ୍ତାନ ବିଶ୍ୱ ଆଗରେ ମୁଣ୍ଡ ନୁଆଁଇ ଗୁହାରୀ କରୁଛି ନିଜର ସ୍ଥିତି ରକ୍ଷା ପାଇଁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚେତାଇ ଦେଇଛନ୍ତି । ସେ ମଧ୍ୟ କହିଛନ୍ତି ଯେ ପାଣି ଓ ରକ୍ତ ଏକ ସଙ୍ଗେ ରହିପାରିବ ନାହିଁ କିମ୍ବା ଆତଙ୍କବାଦ ଓ ବ୍ୟବସାୟ ମଧ୍ୟ ଏକ ସଙ୍ଗେ ଚାଲି ପାରିବ ନାହିଁ । ପାକିସ୍ତାନ ଅସ୍ତ୍ରବିରତି ଚୁକ୍ତିର ଉଲଂଘନ କରି ଆକ୍ରମଣ କରିବା ଆରମ୍ଭ କରିଥିଲା । ତେଣୁ ବିଶ୍ୱାସଘାତକ ପାକିସ୍ତାନ ଦ୍ୱିପାକ୍ଷିକ କୌଣସି ଚୁକ୍ତିର ଖିଲାପ କଲେ ପାକିସ୍ତାନ ଓ ଆତଙ୍କବାଦକୁ ସମୂଳେ ଧ୍ୱଂସ କରାଯିବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଧମକ ଦେଇଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି ଯେ କେବଳ ଆତଙ୍କବାଦ ସଂକ୍ରାନ୍ତରେ ପାକିସ୍ତାନ ସହିତ ଆଲୋଚନା କରାଯିବ । ପାକିସ୍ତାନ ଅଧିକୃତ କାଶ୍ମୀର ବିଷୟରେ ମଧ୍ୟ ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ପରୋକ୍ଷରେ ସୂଚନା ଦେଲେ ଯେ କାଶ୍ମୀର ସଂକ୍ରାନ୍ତରେ ପାକିସ୍ତାନର କୌଣସି କଥା ଶୁଣାଯିବ ନାହିଁ । ପ୍ରତିରକ୍ଷା ବାହିନୀର ଅଫିସର ସ୍ତରୀୟ ଚୁକ୍ତି ପାକିସ୍ତାନ ଏଥର ଉଲଂଘନ କଲେ, ପାକିସ୍ତାନ ଓ ଆତଙ୍କବାଦକୁ ସମୂଳେ ଧ୍ୱଂସ କରାଯିବ ବୋଲି ମଧ୍ୟ ସେ ଧମକ ଦେଇଛନ୍ତି । ଏପରିକି ଆଣବିକ ବୋମା ବିଷୟରେ କୌଣସି ପ୍ରକାର ବ୍ଲାକ୍‌ମେଲିଂ (ଭୟ ପ୍ରଦର୍ଶନ କରି ସ୍ୱାର୍ଥ ହାସଲ କରିବା) ଘଟଣାକୁ ଭାରତ ବରଦାସ୍ତ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରି କହିଛନ୍ତି ଯେ ଯଦି ପାକିସ୍ତାନ ଭଲ ଭାବରେ ବଞ୍ଚିବାକୁ ଚାହୁଁଛି, ତା' ହେଲେ ସେ ତାହାର ଆତଙ୍କବାଦର ଭିତ୍ତିଭୂମିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରୁ ।

ସେ ମଧ୍ୟ କହିଛନ୍ତି ଯେ ଯେଉଁ ଆତଙ୍କବାଦୀମାନେ କାଶ୍ମୀରକୁ ବୁଲି ଆସିଥିବା ମା' ଓ ଭଉଣୀଙ୍କ ମୁଣ୍ଡରୁ ସିନ୍ଦୂର ଲିଭାଇଛନ୍ତି ଅତି ବର୍ବରୋଚିତ ଭାବେ, ତା'ର ପ୍ରତିଶୋଧ ଭାରତ ନେଇଛି । ଭାରତ ପାକିସ୍ତାନ ବିରୋଧରେ 'ସିନ୍ଦୂର ଅଭିଯାନ'ର ଯୁଦ୍ଧ ଆରମ୍ଭ କରିନାହିଁ ବରଂ ଆତଙ୍କବାଦ ବିରୋଧରେ ଅସ୍ତ୍ରଧାରଣ କରିଛି । ସେନାବାହିନୀକୁ ଏ ଦେଶ ସମ୍ଭାଳିବାକୁ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି, ତାହାକୁ ସେମାନେ ସଫଳତାର ସହିତ ସଂପନ୍ନ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସେମାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରିଥିଲେ ଉଦ୍‌ବୋଧନ ଦେବାବେଳେ ।

ପାକିସ୍ତାନ ଆତଙ୍କବାଦକୁ ପରିହାର ନ କରିବା ଯାଏଁ ଭାରତୀୟମାନେ ଏକାଠି ହୋଇ ଆତଙ୍କବାଦ ବିରୋଧରେ ସଂଗ୍ରାମ ଜାରି ରଖିବେ ଓ ପାକିସ୍ତାନ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କଲେ, ଭାରତ ତାହାର ଦୃଢ଼ ଜବାବ ଦେବାକୁ ସମର୍ଥ ବୋଲି ଶ୍ରୀ ମୋଦୀ ମଧ୍ୟ କହିଥିଲେ । ସେ କହିଥିଲେ ଯେ ଭାରତ ଶାନ୍ତି ଚାହେଁ । ମାତ୍ର ପାକିସ୍ତାନ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ନିନ୍ଦିତ ହୋଇଛି ।

ପ୍ରଧାମନ୍ତ୍ରୀ କହିଲେ ଯେ ଉଭୟପକ୍ଷର ଚୁକ୍ତି ଅନୁଯାୟୀ ଏବେ ଯୁଦ୍ଧ ବିରତି ଆରମ୍ଭ ହୋଇଛି । ଏଥିରେ ତୃତୀୟପକ୍ଷ ମଧ୍ୟସ୍ଥତା ନ କରିବା ଉଚିତ ।

ସେ ମଧ୍ୟ ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଭଗବାନ ବୁଦ୍ଧ ହେଉଛନ୍ତି ଶାନ୍ତିର ପ୍ରତୀକ । ଭାରତ କେବେ ହିଂସା ଚାହେଁ ନାହିଁ । ମାତ୍ର ଶାନ୍ତି ପ୍ରତିଷ୍ଠା ଲାଗି ଭାରତ ତାହାର ପରାକ୍ରମ ମଧ୍ୟ ଦେଖାଇ ପାରିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏପରି ଉଦ୍‌ବୋଧନ ଓ ସାହସିକତାକୁ ଦେଶବାସୀ ଖୁବ୍ ପସନ୍ଦ କରିଥିବା ପରିଲକ୍ଷିତ ହୋଇଛି । ପହଲଗାମ୍‌ରେ ଗତ ଏପ୍ରିଲ ୨୨ (୨୦୨୫)ରେ ଯେଉଁମାନଙ୍କୁ ଗୁଳି କରି ଅତି ନିର୍ମମ ଭାବେ ପାକିସ୍ତାନ ଆତଙ୍କବାଦୀମାନେ ହତ୍ୟା କରିଥିଲେ, ସେମାନଙ୍କ ପରିବାର ଲୋକଙ୍କୁ ମୋଦିଜୀଙ୍କର ଏହି ଉଦ୍‌ବୋଧନ ଖୁବ୍ ଆଶ୍ୱାସନା ଦେଇପାରିଛି । ଯେଉଁ ଦେଶରେ ଭାଇ ନିଜ ଭାଇକୁ ବିଶ୍ୱାସ କରେ ନାହିଁ, ସେଇ ଦେଶ ପାକିସ୍ତାନର ସରକାର ଓ ଜନସାଧାରଣଙ୍କୁ ମୋଦିଜୀଙ୍କର ଏହି ଉଦ୍‌ବୋଧନ ଏକ କଡ଼ା ଚେତାବନୀ ।

**ସଙ୍କଳ୍ପ**

**ଉଚ୍ଚ ହେବା ପାଇଁ**
**କର ଯେବେ ଆଶା,**
**ଉଚ୍ଚ କର ଆଗେ**
**ନିଜ ମାତୃଭାଷା ॥**

**ଗଙ୍ଗାଧର ମେହେର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗାନ୍ଧିଜୀଙ୍କ ପ୍ରଭାବ ସାରା ବିଶ୍ୱରେ




**ଉମାଶଙ୍କର ପ୍ରସାଦ**

୧୮୯୩ରୁ ୧୯୧୪ ପର୍ଯ୍ୟନ୍ତ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱକାଳ ଦକ୍ଷିଣ ଆଫ୍ରିକାର ଗୋରା ଔପନିବେଶିକ ସରକାରଙ୍କର ବର୍ଣ୍ଣବୈଷମ୍ୟ ବା ଗୋରା–କଳା ଭେଦଭାବ ନୀତି ବିରୁଦ୍ଧରେ ସଂଗ୍ରାମ ପାଇଁ ଗାନ୍ଧିଜୀ ଯେଉଁ ନୂତନ ତଥା ଅମୋଘ ଅସ୍ତ୍ରଟି ଉଦ୍ଭାବନ କରିଥିଲେ, ତାହାକୁ ସେ 'ସତ୍ୟାଗ୍ରହ' ଆଖ୍ୟା ଦେଇଥିଲେ । ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହାଶ୍ରୟୀ ସଂଗ୍ରାମର ଅଭୂତପୂର୍ବ ସଫଳତା ସମଗ୍ର ଭାରତର ମୁକ୍ତିକାମୀ ଜନତା ମଧ୍ୟରେ ଗାନ୍ଧିଜୀଙ୍କ ନେତୃତ୍ୱ ପ୍ରତି ନୂତନ ଚିନ୍ତନ, ଆଶା ଓ ଉନ୍ମାଦନା ସୃଷ୍ଟି କରିଥିଲା । ବିଗତ ଦିନମାନଙ୍କରେ ବିଭିନ୍ନ ବର୍ଗର ଲେଖକମାନେ ନିଜର ଶବ୍ଦର ଜାଦୁକରୀ ସ୍ପର୍ଶରେ ଅନେକ ଆଲେଖ୍ୟ ଲେଖିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ଗାନ୍ଧୀ ଆମମାନଙ୍କ ଗହଣରୁ ଆଜକୁ ୭୭ ବର୍ଷ ହେଲା ବିଦାୟ ନେଲେଣି ।

ତାଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଥିଲେ ମଧ୍ୟ ତାଙ୍କର ଜୀବନାଦର୍ଶ ସମଗ୍ର ବିଶ୍ୱକୁ ଆଜିବି ମଧ୍ୟ ବିସ୍ମିତ କରିଛି । ଗାନ୍ଧୀ କାହିଁକି ଆଜି ସମଗ୍ର ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି । ତାଙ୍କ ଚରିତ୍ରର ବା ବ୍ୟକ୍ତିତ୍ୱର ବିବିଧତା ଏତେ ଜଟିଳ ଓ ତାଙ୍କ ସମ୍ପର୍କରେ ଜନତାଙ୍କ ଅନୁଭୂତି ବା ଉପଲବ୍ଧି ଏତେ ବ୍ୟାପକ ଯେ ତାଙ୍କ ଜୀବନ ଓ ସାଧନା ସମ୍ପର୍କରେ ନିର୍ଦ୍ଦିଷ୍ଟ କୌଣସି ଏକ ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବ ନୁହେଁ । ଗାନ୍ଧୀଙ୍କୁ କିଏ କେଉଁ ଦୃଷ୍ଟିରେ ଦେଖନ୍ତି ତାହା ତାଙ୍କର ଦୃଷ୍ଟି ଓ ପରିଚୟ ଉପରେ ନିର୍ଭର କରେ ।

ଅନେକ ତାଙ୍କୁ ବିପ୍ଳବୀ, ସନ୍ଥ, ଯୋଗୀ କହୁଥିବାବେଳେ ଅନେକଙ୍କ ପାଇଁ ସେ ତ୍ରାଣକର୍ତ୍ତା ହୋଇଥିବାବେଳେ ଆଉ କେତେକଙ୍କ ପାଇଁ ସେ ଉଗ୍ର ପ୍ରଚାରକ ଓ ପ୍ରତିକ୍ରିୟାଶୀଳ ବ୍ୟକ୍ତିତ୍ୱ ବୋଲି କହିଥାନ୍ତି କିନ୍ତୁ ଗୋଟିଏ କଥାରେ ପ୍ରାୟ ସମସ୍ତେ ଏକମତ ଯେ ଗାନ୍ଧୀ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶବାଦର କାନ୍ଧ ଉପରେ ବସିନଥିବାରୁ ସମୟର ପରିବର୍ତ୍ତନ ସହିତ ତାଙ୍କୁ ନୂଆ ନୂଆ ରୂପରେ ଆବିଷ୍କାର କରାଯାଇଛି । ଚର୍ଚ୍ଚିଲ,ଷ୍ଟାଲିନ, ଲେଲିନ୍, ରୁଜ୍‌ଭେଲଟ ଓ ମାଓଙ୍କ ଭଳି ଅସାଧାରଣ ନେତୃବର୍ଗଙ୍କ ପ୍ରଭାବ କାଳକ୍ରମେ ସଙ୍କୁଚିତ ହେଉଥିଲାବେଳେ ଗାନ୍ଧୀଙ୍କ ପ୍ରଭାବ ଆଜି ମଧ୍ୟ ସାରା ବିଶ୍ୱରେ ଅନୁଭୂତ ହେଉଛି । ୧୯୨୧ ମସିହାରେ ପ୍ରସିଦ୍ଧ ପାଦ୍ରୀ ହୋମ୍‌ସ କହିଥିଲେ ଯେ ଲେଲିନ ବା ରୋମା ରୋଲାଁ ନୁହନ୍ତି, ମୋହନ ଦାସ କରମଚାନ୍ଦ ଗାନ୍ଧୀ ହିଁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଦେବତ୍ୱ ପ୍ରାପ୍ତ ବ୍ୟକ୍ତି । ସତ୍ୟପ୍ରୟୋଗର ଏକ ମହାନ ପ୍ରୟୋଗଶାଳାରୂପେ ଗାନ୍ଧିଜୀ ୧୯୩୪ ମସିହାରେ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ପାଇଁ ସେ ଓଡ଼ିଶାକୁ ଅଧିକ ପ୍ରାଧାନ୍ୟ ଦେଇଥିଲେ । ତାଙ୍କର ଗସ୍ତକ୍ରମ ସମୟରେ ସେ ବହୁ ହରିଜନ ବସ୍ତି ବୁଲି ଓଡ଼ିଶାର ହରିଜନମାନଙ୍କର ପ୍ରତି ସବର୍ଣ୍ଣ ହିନ୍ଦୁମାନଙ୍କର ଅଶୋଭନୀୟ ଆଚରଣ ତାଙ୍କୁ ଅତ୍ୟନ୍ତ ମ୍ରିୟମାଣ କରିଥିଲା । ପ୍ରାୟ ଆମେ ସମସ୍ତେ ଯେତେବେଳେ ଗାନ୍ଧୀଙ୍କ କଥା ଭାବୁ ସେତେବେଳେ ଆପେ ଆପେ ଯିଶୁଖ୍ରୀଷ୍ଟଙ୍କ କଥା ମନକୁ ସ୍ୱତଃ ଆସିଯାଏ । ଯଦି ତୁଳନା କରାଯାଏ ତେବେ ବିଶ୍ୱାସ ହୁଏ ଯେ ଗାନ୍ଧୀଙ୍କ ଜୀବନ ଶୈଳୀ ଓ ଯିଶୁଙ୍କ ଜୀବନ ଶୈଳୀରେ କୌଣସି ଫରକ ନାହିଁ । ଯିଶୁଙ୍କ ଭଳି ଗାନ୍ଧୀ ଅତି ନମ୍ର ଓ ବିନୟୀ ଭାବରେ ଭାଷା କହିଥାନ୍ତି, ଗରିବ ଭଳି ନିଜର ଚାଲି ଚଳନକୁ ଆପଣେଇବା ସହ ଯିଶୁଙ୍କ ଭଳି ମରଣକୁ ବରଣ କରିଛନ୍ତି ।



ନିଜ ଜୀବନକୁ ଏକ ଆତତାୟୀ ହାତରେ ଟେକି ଦେଇ ସୁଦ୍ଧା ମନରେ ଆକ୍ରୋଶ ଭାବ ରଖିନାହାନ୍ତି ଯାହା ତାଙ୍କ ଜୀବନର ଏକ ମହାନ ଆଦର୍ଶ । ନିଜକୁ ତ୍ରାଣକର୍ତ୍ତା ଭାବରେ ସ୍ୱୀକୃତି ପାଇଥିବା ଅନେକ ନେତା ପରିଶେଷରେ ନିନ୍ଦିତ ହୋଇଥିଲେ ମଧ୍ୟ ଗାନ୍ଧୀ ଥିଲେ ଏହାର ବ୍ୟତିକ୍ରମ । ସେ ନିଜ ଜୀବନକୁ ଏପରି ମହତ୍ତର ଉପାଦାନରେ ଗଢିଥିଲେ ଯେ ଦେଶର ଦୁରାବସ୍ଥା ପାଇଁ କେହି ତାଙ୍କୁ ଦାୟୀ କରନ୍ତି ନାହିଁ । କାରଣ ଭାରତକୁ ସ୍ୱାଧୀନତା ଦେବା ତାଙ୍କ ଚର୍ଚ୍ଚିତ ଅବଦାନର ଗୋଟିଏ ଗୌଣ ଦିଗ ମାତ୍ର । ନିଜକୁ ଅଂହିସା ମନ୍ତ୍ରରେ ଦୀକ୍ଷିତ କରିବା ସହ ସେହି ଅହିଂସାକୁ ଆଧାର କରି ସାରା ସମାଜରେ ବ୍ୟାପକ ପରିବର୍ତ୍ତନ ଆଣିବାର କୌଶଳ ସେ ସମଗ୍ର ବିଶ୍ୱବାସୀଙ୍କୁ ଶିଖାଇ ଥିବାରୁ ଭାରତକୁ ବିଦେଶୀ କବଳରୁ ମୁକ୍ତିଦେବା ତୁଳନାରେ ତାହା ଅଧିକ ପ୍ରାସଙ୍ଗିକ ତଥା ଗୁରୁତ୍ୱପୂର୍ଣ୍ଣ ବୋଲି ସାରା ବିଶ୍ୱ ଉଦାତ କଣ୍ଠରେ ଉଦ୍‌ଘୋଷଣ କରିଛି । ଗାନ୍ଧୀଜିଙ୍କ ଜୀବନାଦର୍ଶନକୁ ମନେରଖିବାର ଆଉ ଗୋଟିଏ ମହାନ ଦିଗ ଥିଲା ଗାନ୍ଧୀ ଭାରତକୁ ଭଲପାଇବା ଭିତରେ ସେ ଉଦାମତା ଅନୁଭବ କରୁଥିଲେ ଆଉ ସେ ମଧ୍ୟ ଭାରତୀୟମାନଙ୍କୁ ଆନ୍ତରିକତାର ସହ ମନଖୋଲି ଭଲପାଉଥିଲେ । ଯେତେ ଗରିବ, ନିରକ୍ଷର, ଅକିଂଚନ ହୁଅନ୍ତୁ ପଛକେ, ପ୍ରତ୍ୟେକ ଦେଶବାସୀ ତାଙ୍କ ହୃଦୟ କନ୍ଦରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ ।

କୋଟି କୋଟି ଜନଗଣଙ୍କ ପାଇଁ ସେ ଯେଉଁ ଅବିରତ ସଂଗ୍ରାମ ଚଳାଇଥିଲେ, ତାହା ଦେଖି ସମଗ୍ର ବିଶ୍ୱ ବିସ୍ମିତ ହେବା ସହ ତାଙ୍କ ସାରା ଜୀବନ ଅଗଣିତ ଭାରତୀୟଙ୍କ ସହ ଅନ୍ତରଙ୍ଗ ଆଳାପରେ ପରିଣତ ହୋଇଯାଇଥିଲା । ସମଗ୍ର ବିଶ୍ୱର କୋଣେ ଅନୁକୋଣେ ସମସ୍ତ ବ୍ୟକ୍ତିବୃନ୍ଦ ତାଙ୍କର ସରଳ ହୃଦୟର ଭାଷାକୁ ବୁଝିପାରିଥିଲେ । ଗାନ୍ଧୀଙ୍କ ଦର୍ଶନ ପାଇଁ ଅଗଣିତ ଜନସମାଜ ପାଗଳ ପ୍ରାୟ ହୋଇ ଉଠୁଥିଲେ । ଅଗଣିତ ଦରିଦ୍ର ଦେଶପ୍ରେମୀଙ୍କ ଦୁଃଖଭରା କାହାଣୀ ଭିତରେ ବାପୁଜୀ ପ୍ରକୃତ ଭାରତ ବର୍ଷର ଚିତ୍ର ଦେଖିଥିଲେ । ସେମାନଙ୍କୁ ଆତ୍ମସମ୍ମାନର ସହ ନିର୍ଭୟ ହୋଇ ବଞ୍ଚିବାର ସ୍ୱପ୍ନ ସେ ଦେଖିବା ସହ ଏହାକୁ ଫଳପ୍ରଦ କରିବା ପାଇଁ ଅହରହ ଉଦ୍ୟମ କରିଥିଲେ । ତାଙ୍କର ଓଡ଼ିଶା ଗସ୍ତ କାଳରେ ଓଡ଼ିଶାରେ ଘଟିଥିବା ଭୟାବହ ବନ୍ୟା ବିଷୟରେ ଚାକ୍ଷୁସ ଅନୁଭୂତି ଲାଭକରି ସେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡିଥିଲେ ଯାହା, ତାଙ୍କର ମାନବତା ଗୁଣର ଏକ ବଳିଷ୍ଠ ଉଦାହାରଣ ଅଟେ ।

ଓଡ଼ିଶାର ଲୋକମାନଙ୍କ ସହ ତାଙ୍କର କାହିଁକି କେଜାଣି ଏକ ବଳିଷ୍ଠ ସମ୍ପର୍କ ଗଢି ଉଠିଥିଲା ସେ ବୋଧହୁଏ ଓଡ଼ିଶାକୁ ସର୍ବାଧିକ ଗସ୍ତରେ ଆସିଥିଲେ । ୧୯୩୪ ମେ ୫ରୁ ଜୁନ ୮ ତାରିଖ ମଧ୍ୟରେ ଏକାଧିକ ପର୍ଯ୍ୟାୟରେ ଗାନ୍ଧିଜୀ ଦୀର୍ଘ ୨୧ ଦିନ କାଳ ପାଦରେ ଚାଲି ଚାଲି ଓଡ଼ିଶା ଉପକୂଳର ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରିଥିଲେ । ତାଙ୍କ ଜୀବନର ଅସଲ ଉଦ୍ଦେଶ୍ୟ ଥିଲା ହିନ୍ଦୁ ଧର୍ମ, ସମାଜ ଓ ଚରିତ୍ରକୁ ବ୍ୟାପକ ଭାବରେ ବଦଳାଇବାକୁ ହେଲେ ସଂଗଠିତ ଆନ୍ଦୋଳନ ହେଉଛି ଏକମାତ୍ର ସୁଗମ ପନ୍ଥା ।

ଆମର ଶ୍ରୀମଦ୍ ଭଗବତ ଗୀତା ମୋକ୍ଷ ଲାଭ ପାଇଁ ଜ୍ଞାନଯୋଗ ବା ଭକ୍ତିଯୋଗର ଆଶ୍ରୟ ଦରକାର ବୋଲି କହୁଥିଲାବେଳେ ଗାନ୍ଧୀ ନିଜର ମତ ବ୍ୟକ୍ତ କରି କହିଥିଲେ ଏଥି ସହିତ ଯଦି କର୍ମଯୋଗକୁ ସାମିଲ ନ କରାଯାଏ, ତେବେ ଅନେକ ଲକ୍ଷ୍ୟ ଅପୂରଣୀୟ ହୋଇ ରହିଯିବ ! ସାମାଜିକ ଓ ସଂସ୍କୃତି କ୍ଷେତ୍ରରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ କେବଳ କର୍ମଯୋଗ ହିଁ ଏକମାତ୍ର ପନ୍ଥା, ଯାହା ବଳରେ ଆମେ ଏହାକୁ ପ୍ରତିରୋଧ କରିପାରବା । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ– 'କର୍ମଣ୍ୟେ ବାଧିକା ରସ୍ତେ ମାଂ ଫଳେଷୁ କଦାଚନ ।' କିନ୍ତୁ କରିଥିବା କର୍ମ ସଦା ସର୍ବଦା ସତ୍ୟ ଓ ଧର୍ମ ଉପରେ ବେଷ୍ଟିତ ହେବା ଦରକାର । ତେଣୁ ଗାନ୍ଧିଜୀ ଯୁଗ ସହିତ ଖାପ ଖୁଆଇବା ସହ ଏକ ପ୍ରଭାବଶାଳୀ କର୍ମଯୋଗର ଅବତାରଣା କରିଥିଲେ । ହିନ୍ଦୁ ଧର୍ମରେ ଯୁଗ ଯୁଗ ଧରି ପ୍ରଚଳିତ ଭାବ, ଧାରଣା ଓ ପ୍ରତ୍ୟୟ ଭିତରେ ସାମହିକ ଚେତନାଧର୍ମୀ ବିଭିନ୍ନ କର୍ତ୍ତବ୍ୟ ଜ୍ଞାନ ନୈତିକ ଚରିତ୍ର ନୀତି ଶାସ୍ତ୍ର ଓ ସଦଚାରର ଏକ ଅପୂର୍ବ ସମାହାର ଭାବରେ ସଜାଇବା ପାଇଁ ଗାନ୍ଧୀ ନିଜ ଜୀବଦ୍ଦଶାରେ ଲାଗି ପଡିଥିଲେ । ତାଙ୍କର ଅମୀୟ ବାଣୀ ସତ୍ୟ ଓ ଧର୍ମ କେବଳ ମଣିଷର ଦୁଃଖ ଦୁର୍ଦ୍ଦଶାକୁ ସମାଜରୁ ଦୂର କରି ପାରିବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା । ରାଜନୀତିକୁ ପଙ୍କିଳ ଭାବ ରଖି ଯେଉଁମାନେ ଧର୍ମକୁ ଦୁହାଇ ଦେଇ ନିଜର ସ୍ୱାର୍ଥ ସିଦ୍ଧି କରୁଥିଲେ ସେହିଭଳି ଭାବନାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଯୁଗ ଯୁଗ ଧରି ଭାରତରେ ଥିବା ଅସ୍ପୃଶ୍ୟତା କଳଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ୧୯୩୪ ମେ ଓ ଜୁନ ମାସରେ ପୁରୀରୁ ଭଦ୍ରଖ ପାଦରେ ଚାଲି ତାହାକୁ ପ୍ରଚଣ୍ଡ ଧର୍ମ ଯାତ୍ରା ବୋଲି ବର୍ଣ୍ଣନା କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ସମାଜରେ ନାରୀ ଚିର ବନ୍ଦନୀୟା କିନ୍ତୁ ନାରୀମାନଙ୍କୁ ଯେପରି ନ୍ୟୁନ ଦୃଷ୍ଟିରେ

ଆମର ଶ୍ରୀମଦ୍ ଭଗବତ ଗୀତା ମୋକ୍ଷ ଲାଭ ପାଇଁ ଜ୍ଞାନଯୋଗ ବା ଭକ୍ତିଯୋଗର ଆଶ୍ରୟ ଦରକାର ବୋଲି କହୁଥିଲାବେଳେ ଗାନ୍ଧୀ ନିଜର ମତ ବ୍ୟକ୍ତ କରି କହିଥିଲେ ଏଥି ସହିତ ଯଦି କର୍ମଯୋଗକୁ ସାମିଲ ନ କରାଯାଏ, ତେବେ ଅନେକ ଲକ୍ଷ୍ୟ ଅପୂରଣୀୟ ହୋଇ ରହିଯିବ ! ସାମାଜିକ ଓ ସଂସ୍କୃତି କ୍ଷେତ୍ରରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ କେବଳ କର୍ମଯୋଗ ହିଁ ଏକମାତ୍ର ପନ୍ଥା, ଯାହା ବଳରେ ଆମେ ଏହାକୁ ପ୍ରତିରୋଧ କରିପାରବା ।

ଦେଖାଯାଉଥିଲା ଗାନ୍ଧିଜୀ ସେଥିରେ ବୈପ୍ଳବିକ ପରିବର୍ତ୍ତନ ଆଣି ପୁରୁଷ ଓ ନାରୀ ସମାଜରୂପୀ ଗାଡିର ଦୁଇଟି ଚକ ବୋଲି କହିବା ସହ ଦୃଢୋକ୍ତି ପ୍ରକାଶ କରିଥିଲେ ଯେ ପୁରୁଷ ବିନା ନାରୀ ଓ ନାରୀ ବିନା ପୁରୁଷ ବିଫଳ । ଆଜି ଗାନ୍ଧୀଙ୍କ ଜୀବନାଦର୍ଶ ସମଗ୍ର ବିଶ୍ୱରେ ବନ୍ଦନୀୟ ।

**ଖୋର୍ଦ୍ଧା, ମୋ–୬୩୭୦୬ ୭୫୫୬୨**

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମୋଲିଟିର ଅନ୍ତହୀନ ପ୍ରବଣତା



**ଡାକ୍ତର ସମ୍ରାଟ କର**

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲସେନ୍ସ'କୁ ନେଇ ତମାମ ଚର୍ଚ୍ଚା । ଏହି ସିରିଜ କେବଳ ଭାରତୀୟ ଦର୍ଶକମାନଙ୍କୁ ଖୁବ୍ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି । ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲୁ, ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥୁଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି । ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ଅନେକ ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟିଙ୍କ ଯାଏଁ । ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି । ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଇବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା' ଠାରୁ ଅଧିକ ଜଲଦି ଚାଲିଯାଏ । ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ । ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି ।

ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି । ସେମାନଙ୍କ ସହ ସମାଜବିତ୍ ଓ ଶିକ୍ଷାବିତ୍‌ମାନେ ମଧ୍ୟ ଏକମତ । କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଳାନ୍ତି । ସୋସିଆଲ ମିଡ଼ିଆର ଟ୍ରେଣ୍ଡଗୁଡ଼ିକ ଦ୍ରୁତ ଗତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି । ଆଲଗୋରିଦିମଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ । ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ ।

ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ । କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ । ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି । କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପୁଣି ଟ୍ରେଣ୍ଡ ଅନୁସରଣ ନ କଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି । ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି । ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି । ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି । ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି । ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମୋଲିଟି ବିକଶିତ ହେଉଛି । ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି । ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି । ଲାଇକ୍, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମମୂଲ୍ୟାୟନ କରୁଛନ୍ତି । ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା । ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଜେ ସମ୍ଭବ ହେଉନାହିଁ । ଉଦାହରଣବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ । ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି । ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ ।

ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟିକୁ ନଜରରୁ ରକ୍ଷା କରିଥାଏ । ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି । ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ । ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି । ଖାଇବା, ପିଇବା, ବସିବା–ଉଠିବା, ଅନ୍ୟମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି ।

**ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ । କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ । ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି । କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପୁଣି ଟ୍ରେଣ୍ଡ ଅନୁସରଣ ନ କଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି ।**

ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି । ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ । କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ । ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମୋଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନ ହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ । ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟମାନଙ୍କର ଗୁରୁ ଦାୟିତ୍ୱ ରହିଛି ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘରେ...

ମଧ୍ୟରେ ଅଭୂତପୂର୍ବ ସମନ୍ୱୟ ଥିଲା । ଏହାର ଶ୍ରେୟ ଆପଣମାନେ ସମସ୍ତେ ପାଇବାକୁ ହକ୍‌ଦାର । ସୀମା ଜଗିଥିବା ସବୁ ଯବାନଙ୍କୁ ମଧ୍ୟ ସଫଳତାର ଶ୍ରେୟ ଯିବ । ଭାରତ ଶାନ୍ତି ଚାହେଁ । ମାତ୍ର ଯୁଦ୍ଧ ହେଲେ ମାଟିରେ ମିଶାଇଦେବୁ । ଭାରତର ସୀମା ପାର୍ ଆତଙ୍କ ବିରୋଧରେ ଥିବା ନୀତି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଘରେ ପଶି ମାରିବୁ, ବର୍ତ୍ତିବାକୁ ସୁଯୋଗ ଦେବୁନି । ଆଦାମପୁର ଏୟାରବେସ୍ ରନ୍‌ୱେ ଧ୍ୱଂସ କରିଥିବା ପାକ୍ ସେନା କହିଥିଲେ । ପ୍ରଧାନମନ୍ତ୍ରୀ ଏହି ମିଛ ପ୍ରଚାରର ପର୍ଦ୍ଦାଫାସ୍ କରି କହିଲେ ଯେ ମିରଜ ଯୁଦ୍ଧ ବିମାନ ଓ ଏସ୍-୪୦୦ ଥିବା ବେଳର ଫଟୋକୁ ସେୟାର କରି ପାକିସ୍ତାନ ମିଛର ପର୍ଦ୍ଦାଫାସ୍ କରିଛନ୍ତି । ଭାରତର ଅତ୍ୟାଧୁନିକ ସାମରିକ କ୍ଷମତା ସମ୍ପର୍କରେ ବିଶ୍ୱ ସୂଚନା ପାଇଛି । ଆମ ଡ୍ରୋନ୍ ଓ ମିସାଇଲ କଥା ଭାବି ପାକିସ୍ତାନ ରାତି ଅନିଦ୍ରା ହୋଇ ରହିବ । ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣରେଖା ପୁରା ସ୍ପଷ୍ଟ ରହିବ । ଏବେ ଆତଙ୍କବାଦୀ ଆକ୍ରମଣ ହେଲେ ଭାରତ ଜୋରଦାର ଢଙ୍ଗରେ ଜବାବ ଦେବ । ଅପରେସନ ସିନ୍ଦୂର ଭାରତର ନୂଆ ଆଭିମୁଖ୍ୟ । ପ୍ରତ୍ୟେକଟି ଭାରତୀୟ ସେନା ପାଇଁ ଗର୍ବିତ । ସେନା ଇତିହାସ ରଚିଛି । ଏଠାକୁ ଆପଣଙ୍କ ଆଶୀର୍ବାଦ ପାଇଁ ଆସିଛି । ସେନା ସେମାନଙ୍କ ବେସ୍‌କୁ ଧ୍ୱଂସ କରିବା ସହ ୧୦୦ ଆତଙ୍କବାଦୀଙ୍କୁ ମାରିଛି । 'ଭାରତ ମାତା କି ଜୟ' ଏକ ସାଧାରଣ ନାରା ନୁହେଁ । ଦେଶର ପ୍ରତିଟି ସୈନ୍ୟ ପାଇଁ ପ୍ରତିଜ୍ଞା । ସୈନ୍ୟମାନେ ଭାରତ ମାତାର ସମ୍ମାନ ଓ ସୁରକ୍ଷା ପାଇଁ ଜୀବନକୁ ବାଜି ଲଗାଇ ଦେଉଛନ୍ତି । ଯୁଦ୍ଧକ୍ଷେତ୍ର ଓ ମିଶନରେ ଏହା ଗୁଞ୍ଜରିତ ହୁଏ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ରାଜପୁତ ରାଜା ମହେନ୍ଦ୍ର ପ୍ରତାପଙ୍କ ପ୍ରସିଦ୍ଧ ଘୋଡ଼ା ଚେତକର ବର୍ଣ୍ଣନା କରିଥିଲେ । ଭୂପୃଷ୍ଠରୁ ଭୂପୃଷ୍ଠକୁ ଯାଉଥିବା ମିସାଇଲ ବ୍ୟବସ୍ଥା ଆକାଶ ଶତ୍ରୁପକ୍ଷର ମିସାଇଲ ଓ ଡ୍ରୋନ୍‌କୁ ନିଷ୍କ୍ରିୟ କରିଛି । ପାକିସ୍ତାନୀ ଡ୍ରୋନ୍, ବିମାନ ଓ ମିସାଇଲ ଆମ ବ୍ୟବସ୍ଥା ଆଗରେ ବିଫଳ ହୋଇଛି । ସେମାନେ ଆମ ଏୟାରବେସ୍‌କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ହେଲେ ବିଫଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ୩ ଆତଙ୍କୀ...

ଗତବର୍ଷ ମଧ୍ୟ ହିର୍‌ପୁରାରେ ବିଜେପି ସରପଞ୍ଚଙ୍କୁ ହତ୍ୟା କରିବାରେ ସେ ସମ୍ପୃକ୍ତ ଥିଲା । ସେହିଭଳି ସାଫି ୨୦୨୪ରେ ଆତଙ୍କୀ ସଂଗଠନରେ ଯୋଗ ଦେଇଥିଲା । ସେ ସ୍ଥାନୀୟ ଶ୍ରମିକଙ୍କୁ ୱାଚିରେ ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ରହିଥିଲା । ଗୁଇନ୍ଦା ସୂଚନା ପାଇ ରାଷ୍ଟ୍ରୀୟ ରାଇଫଲ ୟୁନିଟ୍ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଥିଲା । ଅପରେସନ୍ ସମୟରେ ଆତଙ୍କବାଦୀମାନେ ପ୍ରବଳ ଗୁଳିଗୋଳା ବିନିମୟ କରିଥିଲେ । ସେନା ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା । ୩ ଏକେ-୪୭ ରାଇଫଲ ଓ ଅନେକ ଗୁଳିଗୋଳା ଆତଙ୍କବାଦୀ ମୃତ୍ୟୁବରଣ କରିଥିବା ସ୍ଥାନରୁ ଜବତ ହୋଇଛି । ସେହିଭଳି ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନୀ ସମର୍ଥକ ଆତଙ୍କବାଦୀ ଅଦିଲ୍ ହୁସାନ୍ ଠୋକାର, ଅଲ୍ଲିଭାଇ ଓ ହାସିମ୍ ମୁଷାଙ୍କୁ ଏମାନେ ସମର୍ଥନ କରୁଥିଲେ ବୋଲି ଜଣାପଡିଛି । ଏହି ୩ ଆତଙ୍କବାଦୀଙ୍କ ପୋଷ୍ଟର ଏବେ ସୋପିଆନ ଜିଲ୍ଲାରେ ଲଗାଯାଇଛି । ଏମାନଙ୍କ ସମ୍ପର୍କରେ ସୂଚନା ପାଇଁ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି । ପହଲଗାମ୍ ଆକ୍ରମଣ ପରେ ଏହି ଆତଙ୍କବାଦୀଙ୍କ ପତ୍ତା ମିଳୁନାହିଁ ।

## ପିଓକେ...

୧୯୭୫ ଓ ୧୯୯୯ କାର୍ଗିଲ ଯୁଦ୍ଧରେ ବି ସେମାନେ ଏଭଳି କରିଥିଲେ । ପାକିସ୍ତାନ ଭାରତର ଯେଉଁ ଅଞ୍ଚଳ ଧ୍ୱଂସ କରିଛି ବୋଲି କହୁଛି ଲୋକମାନେ ଏହାର ସାଟେଲାଇଟ୍ ଚିତ୍ର ଦେଖନ୍ତୁ । ଧ୍ୱଂସ ନେଇ ପାକିସ୍ତାନ କଡା ଜବାବ ପାଇଛି । ଭାରତ ପକ୍ଷରୁ ସ୍ପଷ୍ଟ ବାର୍ତ୍ତା ଦିଆଯାଇଛି ଯେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ହେଲେ ଏହାର ଜବାବ ଦିଆଯିବ । ପାକିସ୍ତାନର ଡିଜିଏମ୍‌ଓ ମେ' ୧୦ରେ ଭାରତ ନିକଟରେ ପହଞ୍ଚି ଅସ୍ତ୍ର ବିରତି ପାଇଁ ପ୍ରସ୍ତାବ ରଖିଥିଲେ । ଭାରତ କୌଣସି ଆଣବିକ ବ୍ଲାକ୍‌ମେଲ୍‌କୁ ଗ୍ରହଣ କରିବ ନାହିଁ । ସୀମାପାର ଆତଙ୍କବାଦ ବିରୋଧରେ ଆମର ଶୂନ୍ୟ ସହନଶୀଳତା ନୀତି ରହିଛି । ଅପରେସନ୍ ସିନ୍ଦୂରରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅନେକ ବିଦେଶୀ ରାଷ୍ଟ୍ର ଦେଖିଛନ୍ତି । ଭାରତୀୟ ସେନା ଓ ଭାରତୀୟ ବାୟୁ ସେନା ପାକିସ୍ତାନର ଏୟାର ବେସ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲା । ଭାରତର ଦୃଷ୍ଟିଭଙ୍ଗୀରୁ ଆମର ସ୍ଥିତି ସ୍ପଷ୍ଟ ଓ ଦୀର୍ଘସ୍ଥାୟୀ ରହିଥିଲା । ଆମେ କେବଳ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରିଥିଲୁ । ମେ' ୯ରେ ଏହା କରାଯାଇଥିଲା । ୧୦ ତାରିଖ ସକାଳୁ ଭାରତ ନିକଟରେ ପାକ୍‌ର ଡିଜିଏମ୍‌ଓ ପହଞ୍ଚିଥିଲେ । ଭାରତର ବାୟୁସେନା ନୁର୍‌ଖାନ୍ ଏୟାରବେସ୍‌ରେ ଅଧିକ କ୍ଷତି କରିଛି । ଭାରତୀୟ ସେନାର ଏହି ଆକ୍ରମଣ ପରେ ପାକିସ୍ତାନ ବାଧ୍ୟ ହୋଇ ଗୁଳିଗୋଳା ବନ୍ଦ କରିବାକୁ କହିଥିଲା । କାଶ୍ମୀର ପ୍ରସଙ୍ଗରେ ଜୟଶଙ୍କର କହିଛନ୍ତି ଯେ ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ । କେବଳ ଭାରତ ଓ ପାକିସ୍ତାନ ଏଥିରେ ଆଲୋଚନା କରିବେ । ତୃତୀୟ ପକ୍ଷର କୌଣସି ଆବଶ୍ୟକତା ନାହିଁ ।

## ପ୍ରାଥମିକ...

ହୋଇଥିବ, ସେ କ୍ଷେତ୍ରରେ ନୋଡାଲ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦିଆଯିବ । ଏହାକୁ ସଂପୃକ୍ତ ଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବ । ରାଜ୍ୟସଭା ସାଂସଦମାନେ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦେବେ । ମେ ୧୫ରୁ ଜୁନ୍ ୧୫ ମଧ୍ୟରେ ସବୁ ପ୍ରସ୍ତାବ ଆଗତ ହୋଇ ସମାଧାନ କରାଯିବ । ଚଳିତ ଶିକ୍ଷାବର୍ଷରେ ଗୋଟିଏ ଥର ଲାଗି ଏହି ବ୍ୟବସ୍ଥା କରାଯାଇଛି ।

## ଆସୁଛି...

ବଙ୍ଗୋପସାଗରରେ ୧୬ରୁ ୨୨ ତାରିଖ ଭିତରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ।

ସେପଟେ ବାଂଲାଦେଶର ପାଣିପାଗ ବିଜ୍ଞାନୀ ମୁସ୍ତାଫା କମଲ୍ ପଲାଶା ସତର୍କ କରାଇଛନ୍ତି ଯେ, ବଙ୍ଗୋପସାଗର ଉପରେ ଏକ ବାତ୍ୟାର ଆଶଙ୍କା ରହିଛି। ପଲାଶା କହିବା ଅନୁଯାୟୀ ଚଳିତ ମାସ ୧୬ ରୁ ୧୮ ତାରିଖ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଅଧିକ ଘନିଭୂତ ହୋଇ ୨୩ ରୁ ୨୮ ତାରିଖ ଭିତରେ ବାତ୍ୟା ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଭାରତୀୟ ପାଣିପାଗ ବାତ୍ୟା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ଆକଳନ ଅନୁଯାୟୀ ଏହା ବାତ୍ୟା ରୂପ ନେଇପାରେ କିମ୍ବା ନନେଇପାରେ ବୋଲି ଏବେଠୁ କୁହାଯାଇନପାରେ।

ପାଣିପାଗ ବିଭାଗର କହିବାନୁସାରେ, ମଙ୍ଗଳବାର ୧୧ ସହରରେ ପାରଦ ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି । ଆସନ୍ତାକାଲି (ବୁଧବାର) ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗରମ ଓ ଆର୍ଦ୍ରତା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବାକି ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ବର୍ଷା ହୋଇପାରେ ।

ଗତ ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ପ୍ରଭାବରେ କେନ୍ଦୁଝରରେ ସର୍ବାଧିକ ୬୩ ମିମି ବର୍ଷା ହୋଇଥିବା ବେଳେ ଭଦ୍ରକରେ ୨.୫ ମିମି, ନୂଆପଡ଼ାରେ ୨୩ ମିମି, ବାଲେଶ୍ୱରରେ ୫.୪ ମିମି, ଭବାନୀପାଟଣାରେ ୪.୪ ମିମି ବର୍ଷା ହୋଇଛି । ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଝାରସୁଗୁଡ଼ାରେ ୯.୪ ମିମି ବର୍ଷା ହୋଇଥିବା ବେଳେ କୋରାପୁଟରେ ୩.୪ ମିମି ଓ ସୋନପୁରରେ ୨ ମିମି ବର୍ଷା ରେକର୍ଡ କରାଯାଇଛି ।

ସେହିଭଳି ଆଜି ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୨.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୨ ଡିଗ୍ରୀ, ବରଗଡ଼ରେ ୪୧.୮ ଡିଗ୍ରୀ, ଭବାନୀପାଟଣା ଓ ବଲାଙ୍ଗୀରରେ ୪୧.୫ ଡିଗ୍ରୀ, ବୌଦ୍ଧରେ ୪୧.୨ ଡିଗ୍ରୀ, ସୋନପୁରରେ ୪୧ ଡିଗ୍ରୀ, ହୀରାକୁଦରେ ୪୦.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୩୭.୪ ଡିଗ୍ରୀ ରେକର୍ଡ କରାଯାଇଛି ।

## ୧୩ ଦିନର...

ଦେବରାଜ ତାଙ୍କ ସାଙ୍ଗରେ ଥିଲେ । ଏହାପରେ ପତ୍ନୀଙ୍କ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ଗତ ୨୯ରେ ଭିମସାରକୁ ସ୍ଥାନାନ୍ତର କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । କିଛି ସାମଜସେବୀ ରକ୍ତ ଦେଇଥିଲେ । ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଜୀବନ ଚାଲିଗଲା । ମା କୋଳର ସ୍ପର୍ଶ କିଛି ଘଣ୍ଟା ପାଇଛି କି ନାହିଁ ଛୁଆଟା ମାଆ ଛେଉଣ୍ଡ ହୋଇଗଲା । ଜଣେ ଯବାନଙ୍କ ପତ୍ନୀଙ୍କୁ ମିଳିପାରିଲାନି ଉନ୍ନତ ଚିକିତ୍ସା ସେବା । ପଶ୍ଚିମ ଓଡିଶାର ସାହା ଭରସା ବୁର୍ଲା ଭିମସାର ହସ୍ପିଟାଲରେ କିଭଳି ସେବା ମିଳୁଛି, ଦେବରାଜ ପତ୍ନୀ ହିଁ ଏହାର ଉଦାହରଣ ।

ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡ ସୀମା ସୁରକ୍ଷା ବଳରେ କାର୍ଯ୍ୟରତ ଅଛନ୍ତି । ୫ଏପ୍ରିଲ, ୨୦୨୩ରେ ସେ ବିବାହ କରିଥିଲେ । ପତ୍ନୀ ଯସ୍ମିନ ଅନ୍ତସର୍ତ୍ତା ଥିବାବେଳେ ପ୍ରସବ ଦିନକୁ ଦୃଷ୍ଟିରେ ରଖି ସେ ଗତ ଏପ୍ରିଲ ୧୮ରେ ସେ ଏକ ମାସ ଛୁଟି ନେଇ ଘରକୁ ଆସିଥିଲେ । ଯୁଦ୍ଧ ପାଇଁ ଡାକରା ଆସିବାରୁ ସେ ଅରୁଣାଚଳ ପ୍ରଦେଶ ଏସ୍‌ଏସ୍‌ବି-୩୮ବାଟାଲିୟମ ତାୱାନରେ ଯୋଗ ଦେଇଥିଲେ । ସ୍ତ୍ରୀର ମୃତ୍ୟୁ ଖବର ପାଇଥିଲେ ସତ ମାତ୍ର ଶେଷ ଦର୍ଶନ କରିବା ମଧ୍ୟ ସମ୍ଭବ ନଥିଲା । ଏହା ଜଣାପଡିବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନେଇ ସଂପୃକ୍ତ ସେନା ଅଧିକାରୀ ଓ ଗୃହ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ଛୁଟି ମଞ୍ଜୁର କରିଛନ୍ତି । ତେବେ ସେ ଫେରିବା ପରେ ପତ୍ନୀ ଯସ୍ମିନଙ୍କ ଶୋକାକୁଳ ପରିସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହେବ । ତେବେ ବିଗତ ଦିନରେ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସ ଓ ପୂର୍ବତନ ସ୍ୱାସ୍ଥ୍ୟସେବା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏୟାର ଲିଫ୍ଟ କରାଯାଇଥିଲା । ଏହି କ୍ଷେତ୍ରରେ ଏହାର ବ୍ୟବହାର କରାଯାଇ ଉନ୍ନତ ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିଲେ ବୋଧେ ଯସ୍ମିନଙ୍କ ଜୀବନ ବଞ୍ଚି ଯାଇଥାନ୍ତା ।

## ସିବିଏସ୍‌ଇ...

ଫେବୃଆରୀ ଓ ମାର୍ଚ୍ଚରେ ସିବିଏସ୍‌ଇର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସେହିଭଳି ଦଶମରେ ୧.୪୧ ଲକ୍ଷ ପରୀକ୍ଷାର୍ଥୀ ଓ ଦ୍ୱାଦଶରେ ୧.୨୯ ଲକ୍ଷ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ପାନୀୟ...

ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୫-୨୬ ବର୍ଷରେବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗମାନଙ୍କରେ ଖାଲିଥିବା ପଦବୀ ସଂପର୍କରେ ବିଭାଗରେ ନିୟମିତ ସମୀକ୍ଷା କରାଯିବା ସହ ସେସବୁ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା । ସରକାରୀ କର୍ମଚାରୀମାନଙ୍କ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନକୁ ସହଜ କରିବା ପାଇଁ ଜନ ଶୁଣାଣି ପୋର୍ଟାଲରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଇତି ମଧ୍ୟରେ ବିକଶିତ କରାଯାଇଛି । ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗମାନେ ସାମଗ୍ରିକ ନିଷ୍ପତ୍ତି ନେବାର ଆବଶ୍ୟକତା ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କର ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଉପସ୍ଥାପନ କରିଥିଲେ ଏବଂ ଏ ସଂପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା କରାଯାଇଥିଲା । ବିଭିନ୍ନ ଜିଲ୍ଲାରେ ସଂପୂର୍ଣ୍ଣ ହୋଇଥିବା କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଛାତ୍ରାବାସ ଭଳି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସଂପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଏବଂ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ରାଜ୍ୟରେ ଅଧିକରୁ ଅଧିକବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀ(ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର)ଙ୍କ ଯୋଗଦାନ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟରେସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ବର୍ତ୍ତମାନର ସ୍ଥିତି, ଜରୁରୀକାଳୀନ ସହାୟତା ସହିତ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ସେମାନଙ୍କର ଭୂମିକା ଓ ଆବଶ୍ୟକତା ସଂପର୍କରେ ଉପସ୍ଥାପନ କରି ଅଧିକ ସ୍ୱେଚ୍ଛାସେବୀ ମୁତୟନ ସଂପର୍କରେ ନିଆଯାଇଥିବା ପଦକ୍ଷେପ ନେଇ ଉପସ୍ଥାପନ କରିଥିଲେ । ବିଶେଷ କରି ରାଜ୍ୟରେ ଚିହ୍ନଟ ୧୨ ଟି ଜିଲ୍ଲାର ଶିଳ୍ପ ଓ ଜନସଂଖ୍ୟା ବହୁଳ ସହରରେ ଏହି ସିଭିଲ୍ ସ୍ୱେଚ୍ଛାସେବୀଙ୍କ ଅଧିକ ମୁତୟନ ସଂପର୍କରେ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ ଆଗାମୀ ପୁରୀ ରଥଯାତ୍ରା ନିମନ୍ତେ ସୁଚାରୁରୂପେ ପ୍ରସ୍ତୁତିଚାଲିଥିବା ସଂପର୍କରେ ତଥ୍ୟ ରଖିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର,ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବୋମା...

ଘଟଣା ପରେ ଲୋକେ ସେଠାରେ ପହଞ୍ଚିବା ବେଳକୁ ମୃତ ମଧୁ ଓ ରାମଙ୍କ ଖଣ୍ଡବିଖଣ୍ଡିତ ଶରୀର ଏଣେତେଣେ ପଡିଥିବାର ଦେଖିଥିଲେ । ତେବେ ରକ୍ତାକ୍ତ ହୋଇ ଦୂରରେ ପଡିଥିବା ମଣ୍ଟୁ ପାତ୍ରକୁ ଉଦ୍ଧାର କରାଯାଇ ବଡଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ତାର ସ୍ୱାସ୍ଥ୍ୟ ଅଧିକ ଜଟିଳ ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଛି । ତେବେ ବିସ୍ଫୋରଣ କରି ମାଛ ମାରିବାକୁ ସେମାନେ ନିଜ ସାଙ୍ଗରେ ଏହି ବୋମା ନେଇ ଯାଉଥିଲାବେଳେ କୌଣସି କାରଣରୁ ହଠାତ ଏଠାରେ ବିସ୍ଫୋରିତ ହୋଇଥିବା ଅନୁମାନ କରାଯାଉଛି । ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ଯାଞ୍ଚ କରିବା ସହ ନିଜେ ଏସପି ଘଟଣାର ବିଭିନ୍ନ ଦିଗକୁ ନେଇ ଅନୁସଂଧାନ କରୁଛନ୍ତି ।

## ଦ.ପୂ. ରେଳପଥ-ଟେଣ୍ଡର

**ଟେଣ୍ଡର ନୋଟିସ ନଂ : ସିକେପି.ଡି.୬୦୦/ଟିଆର. ଗ୍ୟାସକେଟ୍ ଆରଇପି./ସିପିଇଆଣ୍ଡଏନଏକ୍ସଏନ-ଟିଏସଏସ, ତାରିଖ : ୦୯.୦୫.୨୦୨୫** । ସିନିୟର ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନୋକ୍ତ ନିମ୍ନ ସୂଚିତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୦୪.୦୬.୨୦୨୫ ଅପରାହ୍ନ ୧୫.୩୦ ଘଟିକାରେ ଖୋଲାଯିବାର ଅଛି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବନାହିଁ । **କାର୍ଯ୍ୟର ନାମ :** ଚକ୍ରଧରପୁର ଡିଭିଜନରେ ତୈଳ ନିର୍ଗତର ରୋକିବା ଏବଂ ଟ୍ରାନ୍ସଫରମର ଗୁଡିକର କାର୍ଯ୍ୟ କ୍ଷମତାରେ ଉନ୍ନତିକରଣ ଲାଗି । ଚାନ୍ଦିପୋଷ/ଟିଏସଏସ ଠାରେ ୨୧.୬ ଏମଭିଏ, ସିଜିଏଲ୍ ନିର୍ମିତ ଟ୍ରାନ୍ସନା ପାୱାର ଟ୍ରାନ୍ସଫରମର-୨ (କ୍ର.ନଂ. ଟି୮୬୫୩/୧)ର ନଷ୍ଟ ହୋଇଥିବା ଗ୍ୟାସକେଟ୍, ଯନ୍ତ୍ରାଂଶ ଏବଂ ଟ୍ରାନ୍ସଫରମର ଓଏଲ ଫିଲଟ୍ରେସନ ପରିବର୍ତ୍ତନ ଏବଂ ନୂଆଗାଁ / ଟିଏସଏସ ଠାରେ ଥିବା ୨୧.୬ ଏମ୍‌ବିଏ-ବିଏଚଇଏଲ୍ ନିର୍ମିତ ଟ୍ରାନ୍ସନ ପାୱାର ଟ୍ରାନ୍ସଫରମର-୧ (କ୍ର.ନଂ. ୨୦୦୮୪୪୫ ଠାରେ ଥିବା ଯନ୍ତ୍ରାଂଶର ପରିବର୍ତ୍ତନ । **ଟେଣ୍ଡର ମୂଲ୍ୟ : ଟ. ୩୭,୪୨,୩୭୦ । ଇଏମଡି : ଟ. ୨,୦୧,୯୦୦/-** । **ସମାପ୍ତି ସମୟ :** ୦୪ ମାସ । **ଇ-ଟେଣ୍ଡର ଖୋଲା ତାରିଖ ଓ ସମୟ :** ୦୪.୦୬.୨୦୨୫ ଅପରାହ୍ନ ୧୫.୩୦ ଘଟିକା । **ଟେଣ୍ଡର ଖୋଲା ସ୍ଥାନ :** ସିନିୟର ଡିଇଇ/ଟିଆରଡିଙ୍କ କାର୍ଯ୍ୟାଳୟ ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୦୪.୦୬.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ୱେବସାଇଟ୍ **http://www.ireps.gov.in** ରେ ଇ-ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ବାଞ୍ଛନୀୟ । କେବଳ ପଞ୍ଜିକୃତ ଟେଣ୍ଡରଦାତା / ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । (PR-147)

---

**Letter No. 477/2025** **Date : 13/05/2025**

A-162 **CORRIGENDUM**

The bids invited through e-Procurement vide Bid Identification No. 01/GWDBPD/ARUA/2025-26 BEARING Notice No. 473 dated. 09/05/2025 of this office is cancelled due to some administrative reasons.

**Sd/- Deputy Director Geology**
**GWD Division Baripada**

OIPR : 32467/11/0009/2526

---

**OFFICE OF THE NOTIFIED AREA COUNCIL, KHARIAR**
AT/PO- KHARIAR, Dist- NUAPADA, PIN-766107
OFFICE PH.NO- 06671-224294
e-mail- khariarn.hud@ori.nic.in/khariarnac@gmail.com

**Tender Call Notice**

**Tender Call Notice No. 735 / Dt. 09.05.25**

**C-305 :** Tender documents consisting of specification, the schedule of requirement and the set of terms and conditions of contract and other necessary documents can be seen in the Govt. Website i.e. **www.nuapada.nic.in**

1. Nature of work : Supply of Manpower to Khariar NAC.
2. Date and time of sale of the Tender documents. : 07.00 AM of dt.14.05.2025 to 1.00 PM dt.23.05.2025.
3. Last date/ time for receipt of Tender documents in the office : Upto 1.00 PM of dt.26.05.2025.
4. Opening of the Tender documents. : 11.00 AM of 29.05.2025
5. Name and address of the Officer inviting Tender. : Executive Officer, Khariar NAC, District- Nuapada.

**Sd/- Executive Officer**
**Notified Area Council**
**KHARIAR**

OIPR : 13136/11/0036/2526

---

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD-390 **ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୭ରେ ପ୍ଲଟ ନଂ-**F/818** ଟିକୁ ମୋତି ଦେଇ@ ମୋତି ବେହେରା, ସ୍ୱାମୀ-କାଶୀନାଥ ବେହେରା, ସା-ପ୍ଲଟ ନଂ- **F/818** ସେକ୍ଟର-7, ସି.ଡି.ଏ. ପୋ/ଥା-ମର୍କତ ନଗର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ମୋତି ଦେଇ@ ମୋତି ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ମୀନାକ୍ଷି ବେହେରା, ପିତା- କାଶୀନାଥ ବେହେରା, ସ୍ୱାମୀ- ମନୋଜ କୁମାର ଭଞ୍ଜ, ସା/ପୋ-ବଳନ୍ତ, ଥା/ଜିଲ୍ଲା- ଭଦ୍ରକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ଦଶ (୧୦) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR : 13037/11/0264/2526 **ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

---

**ସାର୍ବଜନୀନ ସୂଚନା**

**ମୁଁ ଗଣେଶ ପ୍ରସାଦ ଗୁପ୍ତା,** ବୟସ ପ୍ରାୟ ୪୮ ବର୍ଷ, ପିତା: ଶମ୍ଭୁ ଦୟାଲ ପ୍ରସାଦ, ସ୍ଥାୟୀ ଠିକଣା- ୱାର୍ଡ ନଂ.: ୫, ଖରିଆର ରୋଡ, ନୂଆପଡା, ଓଡିଶା । ଏତଦ୍‌ଦ୍ୱାରା ଜଣାଇ ଦିଆ ଯାଇଛି ଯେ, ମୋର ମୂଳ ପଟ୍ଟା ଯାହାର ଖାତା ନଂ.: ୨୨୧/୩୫ ଏବଂ ମୂଳ ବିକ୍ରୟ ଡିଡ ନଂ.: ୧୫୪୮, ତାରିଖ ୦୪.୧୦.୨୦୦୪ ଯାହାକି ଡେଲି ମାର୍କେଟ ଖରିଆର ରୋଡ ରେ ହଜି ଯାଇ ଅଛି । ମୁଁ ଅନେକ ଖୋଜାଖୋଜି କରିବା ସତ୍ତ୍ୱେ ମଧ୍ୟ ମୋର ମୂଳ ପଟ୍ଟା ଏବଂ ମୂଳ ବିକ୍ରୟ ଡିଡ ପାଇଲି ନାହିଁ । ତାରିଖ ୦୫.୦୫.୨୦୨୫ରେ କୋଙ୍କ ପୋଲିସ ଷ୍ଟେସନରେ ସାଧାରଣ ଡାଏରୀ ନମ୍ବର ୧୮ ମାଧ୍ୟମରେ ଏହାର ରିପୋର୍ଟ ଦାଖଲ କରା ଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ମୂଳ ବିକ୍ରୟ ଡିଡ ଏବଂ ମୂଳ ପଟ୍ଟା ପାଇଛନ୍ତି କିମ୍ବା ପାଆନ୍ତି ତେବେ ଦୟାକରି ମୋର ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।
ମୋବାଇଲ ନମ୍ବର- ୮୯୦୮୧୧୧୧୧୧

---

ମାନ୍ୟବର, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୨, ଶ୍ରୀ ପ୍ରଦୀପ କୁମାର ନାୟକ IAS ୪ର୍ଥ ମହଲା
(ବିଭାଗୀୟ ମୁଖ୍ୟ ଦପ୍ତର କୋଠା), ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡିଶା ସର୍ଭେ ଓ ସେଟଲମେଣ୍ଟ 1958 ଆଇନ ର ଧାରା 15(ଖ) ଅନୁଯାୟୀ
ଓ.ଏସ୍.ଏସ୍ କେସ୍ ନଂ.- ୯୧୨/୨୦୧୯

**ନୋଟିସ**
(ଦେୱାନୀ କାର୍ଯ୍ୟ ବିଧି ସଂହିତା ର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

**ସକ୍ଷମ ଜୈନ** ...ବାଦୀ
ବନାମ
**ସେଟଲମେଣ୍ଟ ଅଫିସର, କଟକ ପୁରୀ ମେଜର ସେଟଲମେଣ୍ଟ,**
**ଯୋବ୍ରା କଟକ ଏବଂ ଓଗେର** ...ପ୍ରତିବାଦୀ
**ପ୍ରତ୍ୟେକ୍ଷ ନାମ ଓ ଠିକଣା:-**
**ପ୍ରତିବାଦୀ ନଂ.୪. ଦ୍ୱିଜ ବେହେରା,** ପିତା- ପଦ୍ମନାଭ ବେହେରା ।
**ପ୍ରତିବାଦୀ ନଂ.୫. ରାମ ଚନ୍ଦ୍ର ବାୟୁତ,** ପି- ହାଡୁ ବାୟୁତ ।
ଉଭୟଙ୍କର ବାସସ୍ଥାନ- ସା/ପୋ- କୁଜିମହଲ, ଥା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ।
**ପ୍ରତିବାଦୀ ନଂ.୬. ପୁଷ୍ପିତା କୁମାରୀ ଜେନା,** ବୟସ ୬୦, ସ୍ୱା- ଅକ୍ଷୟ କୁମାର ଜେନା, ସା- ହଳଦୀ ବସନ୍ତ, ଥା- ବିଂଝାରପୁର, ଜିଲ୍ଲା: ଯାଜପୁର

ଏତଦ୍ୱାରା ସମସ୍ତ ପ୍ରତିବାଦୀ ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜିମାର ବୃତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଂଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲା । କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପର ଲିଖିତ ମୋକଦ୍ଦମା ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଆସନ୍ତା- ୦୩.୦୬.୨୦୨୫ ଦିବା ୧୧.୧୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**
ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଥାନା ନଂ.- ୪୪, ମୌଜା- ଅନ୍ଧାରୁଆ

**ସାବକ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ରକବା | କିସମ |
|---|---|---|---|
| ୨୪୩ | ୬ | ଏ୦.୪୫୦ ଡିସିମିଲି ମଧ୍ୟରୁ, ଏ୦.୧୧୫ ଡିସିମିଲି | ପୁରାତନ ପତିତ |

**ହାଲ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ରକବା | କିସମ |
|---|---|---|---|
| ୧୫୧୨ | ୬ | ଏ୦.୪୫୦ ଡିସିମିଲି ମଧ୍ୟରୁ ଏ୦.୧୧୫ ଡିସିମିଲି | ତଇଳା |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.୦୪.୦୫.୨୦୨୫ ଅତିରିକ୍ତ ଆୟୁକ୍ତ ଆଦେଶ ଅନୁଯାୟୀ
କୋର୍ଟ ଅଫିସର

---

ମାନ୍ୟବର, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୨, ଶ୍ରୀ ପ୍ରଦୀପ କୁମାର ନାୟକ IAS ୪ର୍ଥ ମହଲା
(ବିଭାଗୀୟ ମୁଖ୍ୟ ଦପ୍ତର କୋଠା), ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡିଶା ସର୍ଭେ ଓ ସେଟଲମେଣ୍ଟ 1958 ଆଇନ ର ଧାରା 15(ଖ) ଅନୁଯାୟୀ
ଓ.ଏସ୍.ଏସ୍ କେସ୍ ନଂ.- ୯୧୩/୨୦୧୯

**ନୋଟିସ**
(ଦେୱାନୀ କାର୍ଯ୍ୟ ବିଧି ସଂହିତା ର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

**ଯୋଗେଶ ପଟେଲ** ...ବାଦୀ
ବନାମ
**ସେଟଲମେଣ୍ଟ ଅଫିସର, କଟକ ପୁରୀ ମେଜର ସେଟଲମେଣ୍ଟ,**
**ଯୋବ୍ରା କଟକ ଏବଂ ଓଗେର** ...ପ୍ରତିବାଦୀ
**ପ୍ରତ୍ୟେକ୍ଷ ନାମ ଓ ଠିକଣା:-**
**ପ୍ରତିବାଦୀ ନଂ.୬. ଦ୍ୱିଜ ବେହେରା,** ପିତା- ପଦ୍ମନାଭ ବେହେରା ।
**ପ୍ରତିବାଦୀ ନଂ.୭. ରାମ ଚନ୍ଦ୍ର ବାୟୁତ,** ପି- ହାଡୁ ବାୟୁତ ।
ଉଭୟଙ୍କର ବାସସ୍ଥାନ- ସା/ପୋ- କୁଜିମହଲ, ଥା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ।
**ପ୍ରତିବାଦୀ ନଂ.୮. ପୁଷ୍ପିତା କୁମାରୀ ଜେନା,** ବୟସ ୬୦, ସ୍ୱା- ଅକ୍ଷୟ କୁମାର ଜେନା, ସା- ହଳଦୀ ବସନ୍ତ, ଥା- ବିଂଝାରପୁର, ଜିଲ୍ଲା: ଯାଜପୁର

ଏତଦ୍ୱାରା ସମସ୍ତ ପ୍ରତିବାଦୀ ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜିମାର ବୃତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଂଜିକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲା । କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପର ଲିଖିତ ମୋକଦ୍ଦମା ମାନ୍ୟବର ଅତିରିକ୍ତ ଆୟୁକ୍ତ ଙ୍କ ରିଭିଜନ ଅଦାଲତ ନମ୍ବର-୨, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଆସନ୍ତା- ୦୩.୦୬.୨୦୨୫ ଦିବା ୧୧.୧୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**
ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଥାନା ନଂ.- ୪୪, ମୌଜା- ଅନ୍ଧାରୁଆ

**ସାବକ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ରକବା | କିସମ |
|---|---|---|---|
| ୨୪୩ | ୭ | ଏ୦.୯୦୦ ଡିସିମିଲି ମଧ୍ୟରୁ ଏ୦.୪୨୬ ଡିସିମିଲି | ପୁରାତନ ପତିତ |

**ହାଲ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ରକବା | କିସମ |
|---|---|---|---|
| ୧୫୧୧ | ୮ | ଏ୦.୮୯୯ ଡିସିମିଲି ମଧ୍ୟରୁ ଏ୦.୪୨୬ ଡିସିମିଲି | ଶାରଦ ଅଣଜସେଚିତ-୩ |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.୦୪.୦୫.୨୦୨୫ ଅତିରିକ୍ତ ଆୟୁକ୍ତ ଆଦେଶ ଅନୁଯାୟୀ
କୋର୍ଟ ଅଫିସର

---

**GOVERNMENT OF ODISHA, "e" PROCUREMENT NOTICE**
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**

B-114 **Tender Call Notice**

**e-mail: pwdoffngd34@gmail.com**
**Bid Identification No. S.E-Nayagarh (R&B) Division-Online 01/2025-26**

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Buioding work as detailed in the table below :

1. Nature of Work : Building & EI Works
2. No of Work : 6 Nos.
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt. 14.05.2025 11.00 AM to Dt. 23.05.2025 Up to 5.00 PM.
6. Date of opening of Bid : Dt. 26.05.2025 at 11.00 AM
7. The have to participate in ONLINE bidding only. Further details can be seen from the Website : **https://tenderodisha.gov.in.** Any addendum/ Corrigendum/Cancellation of tender can also be seen in the said website.

**Sd/- Superintending Engineer**
**Nayagarh (R&B) Division, Nayagarh**

OIPR : 34138/11/0013/2526

---

**ODISHA HYDRO POWER CORPORATION LTD.**
**OFFICE Of' TI IE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT.**
**AT/POST : BALIMELA. DIST MALKANGIRI. PIN-764051 (ODISHA)**
**E-mail : unit.head_balimela@yahoo.com/bhep.balimela@gmail.com**
**'e'-Procurement Notice**
**NOTICE INVITING TENDER NO. BHEP/ 10 /2025-26 DATED 12.05.2025**

**CAD-394 :** The Unit Head, Balimela Hydro Electric Project. Balimela. Dist- Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price bid) for the work through e-procurement from eligible contractors as detailed in the table below.

| Sl. No. | Name of the Work | Approx. Estimated cot in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Construction of RCC drain at 5R-01 & 4R-03 quarters and laying of paver block inside 4R-03 & 4R-04 qtr including construction of a spetic tank inspection chamber & soak way pit at 4R-04, BHEP, Balimela. | 16,47,602.00 | 16,500.00 | 'C' & 'D' class Civil Contractors registered with the state Gov.t/Central Govt./MES/Railways | 6,000/- + GST @ 18% = 7,080/- | 120 days |

Availability of bid document in the portal : From 10:00 Hrs of 17.05.2025 to 30.05.2025 (Up to 12:00 Hrs)
Last date & time of submission of bid : Up to 12:00 Hrs of 30.05.2025
The date & Time of opening of the bid : 12:00 Hrs onwards of 31.05.2025 (Only Technical bid)
Further details can be seen from the e-procurcment portal https://tendersodisha. gov, in

OIPR : 04019/11/0086/2526 **Sd/- Unit Head, BHEP, Balimela**

---

**ODISHA HYDRO POWER CORPORATION LIMITED.**
**OFFICE OF THE SENIOR GENERAL MANAGER (ELECTRICAL), BHEP**
**AT/POST: BALIMELA, DIST: MALKANGIRI (ODISHA), PIN: 764 051, Phone : 06861-232581(O) / 232641 (R)/ FAX-06861-232541**
**E mail- unit-head balimeia@yahoo.com/bhep.balirnela@gmail.com**
**SECTION-I : TENDER CALL NOTICE**
**NOTICE INVITING TENDER No. BHEP/08/2025-26, Dated-07.05.2025**

**CAD-383 :** Sealed Tenders are invited in **two parts (i.e. Part-A: Technical bid & Part-B: Price bid) & in percentage** bid basis from the Electrical Contractors/Firms/Agencies having experience in the execution of any electrical works under State/Central Govt/PSU of Govt of India/PSU of Govt, of Odisha & having **valid Electrical Contractor license (HT) &** fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D. in Rs. | Cost of bid documents in Rs. |
|---|---|---|---|---|
| 1 | **Supply & Erection of 11KV 3 phase 3 wire line using 95 mmA2 single core XLPE cable in the existing over head 55 mmA2 AAAC in adding with extra intermediate 9 Mtr. RS Joist Pole having average span length of 20-25 Mtr. from Drugline Sub-Station to SGM office front Sub-Station through DPH Sub-Station of BHEP, Balimela** | Rs. 30,00,242.00 | Rs.31,000.00 | Rs. 6,000.00 + (GST @ 18%) Rs. 1080.00= 7,080.00 |

**Availability of bid document : From 11.00 Hrs of 14.05.2025 to 13.00 Hrs of 28.04.2025**
**Last date & time of submission of bid : Up to 13.00 Hrs of 28.05.2025**
**The date & Time of opening of the bid : 12 : 00 Hrs onwards of 29.05.2025 (Only Technical bid)**
**For details of the tender documents, terms & conditions, please visit our website www.ohpcltd.com.**

OIPR : 04019/11/0084/2526 **Sd/- C & B Head, BHEP, Balimela**

---

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHU BANES WAR**
**Unit-IX, (Near Boys High School) Po-Bhoinagar, BBSR Email: se_ccrw@yahoo.co.in Phone No: 0674 2540742 (O)**
**No. 2402 // Dtd. 09.05.2025**
**2nd Corrigendum to Bid Identification No.Tender Online-C.C.10 of 2025 Dated 28.04.2025 invited vide Lr.No.2153 dated 28.04.2025 of Chief Construction Engineer, Central Rural Works Circle, Bhubaneswar**

**O-150 :** The date of availability of tender, date of opening of Technical Bid and Financial Bid invited vide this office N.I.T No. Tender Online-C.C.10 of 2025 Dated 28.04.2025 issued vide this office **Lr.No.2153** dated 28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C. 10 of 2025 | 21.05.2025 upto 5.00 P.M. | 22.05.2025 at 11.00 AM. | To be Intimated later on |

All other conditions remain unaltered.

**Sd/- Chief Construction Engineer**
**Central Rural Works Circle, Bhubaneswar**

OIPR : 25194/11/0044/2526

---

O-146 **OFFICE OF THE EXECUTIVE ENGINEER**
**RURALWORKS DIVISION, BALLIGUDA**
**Government of Odisha e-Procurement Notice**
**Bid Identification No. Online Tender-02/EERWD BLG/2025-26**

Letter No. 1961 // RWDBLG rw_balliguda@yahoo.com Date : 09.05.2025

| | | |
|---|---|---|
| 1 | Name of the work | **Road Works (03 Nos)** |
| 2 | Estimated cost | Varies from Rs. 61.25 Lakhs to Rs. 84.70 Lakhs |
| 3 | Period of Completion | As per Annexure |
| 4 | Date & Time of availability of Bid documents in the Portal | From 14.05.2025 at 10.00 AM to 20.05.2025 up to 5.00 PM |
| 5 | Last Date/ Time for receipt of Bids in the Portal | 20.05.2025 upto 5.00 PM |
| 6 | Name and address of the Officer Inviting Bid | Executive Engineer, Rural Works Division, Balliguda |

**The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.**

**Sd/- Executive Engineer**
**Rural Works Division, Balliguda**

OIPR : 25164/11/0014/2526

---

**GOVT. OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**MAHANADI NORTH DIVISION-I, JAGATPUR, CUTTACK**
**E-mail ID:- exengr.mnd@gmail.com**
**'e' Procurement Notice No- MND-04/2025-26**

**A-150 :** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal **www.tendersorissa.gov.in** .The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : **Works in Canals, River embankments**
2. Total No. of Works : 39 (Thirty Nine) works
3. Bid Identification No : MND-04/2025-26
4. Tender Cost : Rs. 1.34 Lakhs to Rs. 42.69 Lakhs
5. Class of Contractor : "D" ,"C" & "B" Class
6. Period of completion : 1 (One) month to 4 (Four) months
7. Other Details : As noted below
   - a) Procurement Officer : Superintending Engineer, Mahanadi North Division-I, Jagatpur email: **exengr.mnd@gmail.com** Ph:-0671-2491546
   - b) Availability of Tender On-line for bidding : 10.00 Hours of 16.05.2025 to 17.30 Hours of 26.05.2025
   - c) Last date & time of submission of bid document : 17.30 Hours of 26.05.2025
   - d) Last date & time of seeking Clarification : 17.30 Hours of 22.05.2025
   - e) Date, time & place of Opening of Bid : 28.05.2025 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
   - f) Date of Lottery (if required) : Will be intimated later on.

Further details can be seen from the Govt, web site **https://tendersodisha.gov.in**

**Sd/- Superintending Engineer**
**Mahanadi North Division-I Jagatpur**

OIPR : 32003/11/0018/2526

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାଜିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୬୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ
# ଡିଏଭି ୟୁନିଟ୍-୮ ଛାତ୍ରଛାତ୍ରୀମାନଙ୍କର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ସବ୍ୟୁ): - ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଚଳିତ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉନ୍ନମ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସମସ୍ତ ୨୭୭ଜଣ ଛାତ୍ରଛାତ୍ରୀ ସଫଳତାର ସହିତ ଉନ୍ନୀର୍ଣ୍ଣ ହୋଇଥିବା ବେଳେ ୨୭୨ଜଣ ପ୍ରଥମ ଶ୍ରେଣୀ ଓ ବିଦ୍ୟାଳୟର ସାମୂହିକ ଆଭରେଜ ୮୬.୫୫ ପ୍ରତିଶତ ରହିଛି। ୧୪୩ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଓ ୨୧୫ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସର୍ବୋଚ୍ଚ ୯୯.୪ (୪୯୭/



୫୦୦) ପ୍ରତିଶତ ନମ୍ବର ରଖି ଦେବାଂଶୀ ଜେନାମଣି ପ୍ରଥମ ସ୍ଥାନ ଲାଭ କରି ବିଦନ୍ଧାଳୟ ପାଇଁ ଗୌରବ ଆଣି ଦେଇଛନ୍ତି । ଅଂଶୁଲ ଦାସ ୯୯.୦ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କାଭନ୍ଧା ସାମଲ ୯୮.୮ ପ୍ରତିଶତ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆରେ ୧୩ଜଣ. ସଂସ୍କୃତରେ ୩୭ଜଣ, ଗଣିତରେ ୨୭ଜଣ, ବିଜ୍ଞାନରେ ୯ଜଣ ଏବଂ ସାମାଜିକ ବିଜ୍ଞାନରେ ୩ଜଣ ଛାତ୍ରଛାତ୍ରୀ ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗରେ ନବନୀତ ପ୍ରିୟଦର୍ଶୀ ୯୬.୮ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ଅଂଶୁମାନ ରଣସିଂହ, ଗୌରବ ଭୂୟାଁ, ପ୍ରାଚୀ ମିଶ୍ର ଓ ବିଭାନନ୍ଦ ନନ୍ଦ ୯୬.୬ ପ୍ରତିଶତ ନମ୍ବର ସହିତ ଦ୍ୱିତୀୟ ସ୍ଥାନ ଏବଂ ଅମ୍ଳାନ ଆରଣ୍ଣାନ ଓ ଶୁମନ ଶୁବାଶୀଷ ୯୬.୪ ପ୍ରତିଶତ ନମ୍ବର ସହିତ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଜ୍ଞାନ ବିଭାଗରେ ୨୫୧ ଜଣ ପ୍ରଥମ ଶ୍ରେଣୀ ଲାଭ କରି ଉନ୍ନୀର୍ଣ୍ଣ ହୋଇଛନ୍ତି। ୧୬ ଜଣ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୬୧ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୬୮ ଜଣ ଉନ୍ନୀର୍ଣ୍ଣ ହୋଇଥିବା ବେଳେ ୬୭ ଜଣ ପ୍ରଥମ ଶ୍ରେଣୀ ଲାଭ କରିଛନ୍ତି। କେ ଶ୍ରୀ ସାଇ ଲାସ୍ୟା ଓ ରୋହିତ ଅଗ୍ରୱାଲ ୯୭.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ, ସୁନନ୍ଦନା ଦାଶ ୯୭ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ଈଶ୍ୱର ଦାସ ୯୬.୮ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି । କଳା ବିଭାଗରେ ସମସ୍ତ ୩୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୬ ଜଣ ପ୍ରଥମ ଶ୍ରେଣୀ ଲାଭ କରିଛନ୍ତି। ସଞ୍ଚିତା ପ୍ରିୟଦର୍ଶିନୀ ୯୪.୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ମସ୍ୱିଖା ନାୟକ ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ନୟୋନିକା ଜେନା ୯୪.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାର୍ଥୀମାନଙ୍କର ଏହି ସଫଳତାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ ତଥା ମ୍ୟାନେଜର ଡଃ କେ. ସି. ଶତପଥି ଓ ଅଧ୍ୟକ୍ଷା ଈପସିତା ଦାସ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ଏବଂ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସ୍ଥାନୀୟ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ଶତ ପ୍ରତିଶତ ଫଳ ପ୍ରକାଶ ହୋଇଛି । ସମସ୍ତ ବିଦ୍ୟାର୍ଥୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଛନ୍ତି ବୋଲି ସ୍କୁଲର ପ୍ରିନିସିପାଲ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ପ୍ରଦାନ କରିଛନ୍ତି ।

## ଛତିଆ ବୋମା ବିସ୍ଫୋରଣରେ ଦୁଇ ମୃତ ଘଟଣା
# ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଯାଜପୁର ଜିଲ୍ଲାର ଛତିଆଠାରେ ବୋମା ମାଡ଼ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି । ଗତ ଦୁଇସପ୍ତାହ ଭିତରେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧିକ ବିପର୍ଯ୍ୟସ୍ତ ହୋଇଛି ବୋଲି ବିଜେଡ଼ି ଅଭିଯୋଗ କରିବା ସହିତ ରାଜ୍ୟର ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱଷ୍ଟୀକରଣ ରଖନ୍ତୁ ବୋଲି ଦାବି ରଖିଛି।

ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼. ଲେନିନ ମହାନ୍ତି କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ପିପିଲି ନିର୍ବାଚନମଣ୍ଡଳୀରେ ଦୁଇ ଦିନ ତଳେ ଏକ ନାବାଳିକାର ଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି । ସେହିପରି, ମେ ମାସ ପ୍ରଥମ ସପ୍ତାହରେ, କୋରାପୁଟ ଜିଲ୍ଲାର ଲମତାପୁଟର ଗୁନେଇପଡା ଏସଟିଏସସି ବାଳିକା ଛାତ୍ରୀ ନିବାସରେ ଧର୍ଷଣର ଶିକାର ହୋଇଥିଲା। ରାଜଧାନୀ ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ଏବେ ହତ୍ୟାର ହଟସ୍ପଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତ ଦେଢ଼ମାସ ଭିତରେ ଗଞ୍ଜାମ ଜିଲ୍ଲାରେ ୧୬ ହତ୍ୟା, ୨୮ ହତ୍ୟା ଉଦ୍ୟମ ଓ ୩୫ଟି ମନ୍ଦିରରୁ ଚୋରି ହୋଇଛି, ଯାହା ରାଜ୍ୟବାସୀଙ୍କ ପାଇଁ ଚିନ୍ତାଜନକ । ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ପଡୁଥିବାବେଳେ ରାଜ୍ୟ ସରକାରଙ୍କ ଏଥି ପ୍ରତି ନିଘା ନାହିଁ । ଗୃହମନ୍ତ୍ରାଳୟର ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ୱଷ୍ଟୀକରଣ ରଖନ୍ତୁ ବୋଲି ଡ଼ ମହାନ୍ତି କହିଛନ୍ତି ।

## କେୟାର ହସ୍ପିଟାଲ୍ସ ପକ୍ଷରୁ
# ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ): କେୟାର ହସ୍ପିଟାଲ୍ସ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଛି । ଏହି ଉତ୍ସବଗୁଡ଼ିକ



କର୍ପୋରେଟ୍ କାର୍ଯ୍ୟାଳୟରୁ ଉଦଘାଟନ କରାଯାଇଥିଲା ଏବଂ ସମସ୍ତ କେୟାର ହସ୍ପିଟାଲରେ ଏକକାଳୀନ ସମ୍ବୋଧିତ କରାଯାଇଥିଲା । ନର୍ସିଂ ପ୍ରଶାସନର ଉପାଧ୍ୟକ୍ଷ ଡକ୍ଟର ଭିନ୍ସି ଅଶୋକ ତ୍ରିଭୁବନ କେୟାର କର୍ପୋରେଟ୍ ମୁଖ୍ୟାଳୟରୁ ସମାରୋହଗୁଡ଼ିକର ନେତୃତ୍ୱ ନେଇଥିଲେ । ଏହି ଅବସରରେ ଯୋଗ ଦେଇଥିଲେ ଗ୍ରୁପ ମୁଖ୍ୟ ଆର୍ଥିକ ଅଧିକାରୀ ବିଶାଳ ମାହେଶ୍ୱରୀ ଡାକ୍ତର ନିଖିଲ ମାଥୁର, ଗ୍ରୁପ ମୁଖ୍ୟ ଚିକିତ୍ସା ସେବା ଡାକ୍ତର ଅମିତ ସିଂହ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ହରେଶ ତ୍ରିବେଦୀ, ଆଞ୍ଚଳିକ ସିଇଓ (ପଶ୍ଚିମ ଏବଂ ମଧ୍ୟ ଭାରତ) ବିନୋଦ ରମଣ, ଗ୍ରୁପ ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ପ୍ରତ୍ୟେକ ସୁବିଧାରେ ହସ୍ପିଟାଲ ମୁଖ୍ୟ ଏବଂ କ୍ଲିନିକାଲ୍ ଦଳ ସହିତ ଏକାଠି, ସେମାନେ ଏହି ଅବସରକୁ ସ୍ମରଣ କରିଥିଲେ ।

ଏହି ବର୍ଷର ବିଷୟବସ୍ତୁ ଥିଲା ଆମର ନର୍ସ ଆମର ଭବିଷ୍ୟତ ଯତ୍ନର ଅର୍ଥନୈତିକ ଶକ୍ତି । ସାମୁଦାୟିକ ଯତ୍ନ ପ୍ରତି ଏହାର ପ୍ରତିବଦ୍ଧତାର ଏକ ଅଂଶ ଭାବରେ, କେୟାର ହସ୍ପିଟାଲ୍ସ ସ୍ଥାନୀୟ ଅନାଥାଶ୍ରମରେ ପିଲାମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ମଧ୍ୟ ଆୟୋଜନ କରିଥିଲା । ଏହି ପଦକ୍ଷେପ ଶିଶୁ ସ୍ୱାସ୍ଥ୍ୟ ଯାଞ୍ଚ, ପୁଷ୍ଟିକର ମୂଲ୍ୟାଙ୍କନ ଏବଂ ପରାମର୍ଶ ପ୍ରଦାନ କରିଥିଲା, ଯାହା ଆବଶ୍ୟକ ପିଲାମାନଙ୍କ ପାଇଁ ହସ ଏବଂ ଯତ୍ନ ଆଣିଥିଲା । ଏହି ଅବସରରେ, କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସଲୟ ଆନନ୍ଦ କହିଛନ୍ତି, ନର୍ସମାନେ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ । ସେମାନଙ୍କର କ୍ଲିନିକାଲ୍ ବିଶେଷଜ୍ଞତା, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ନିରନ୍ତର ସମର୍ପଣ ପ୍ରତିଦିନ ନିରାପଦ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

# ସିବିଏସ୍ଇ ବୋର୍ଡ଼ ପରୀକ୍ଷାରେ ଟିଏସ୍‌ଜି ଛାତ୍ରଛାତ୍ରୀଙ୍କ ବାଜିମାତ୍



ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷର ସିବିଏସ୍ଇ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଟି ଏସ୍ ଜି ଗୁରୁକୁଳର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି । ଦଶମ ଶ୍ରେଣୀରେ ମୋଟ ୧୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସୁଶ୍ରୀ ଇପ୍‌ସିତା ବେଉରା ୯୭% ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଛନ୍ତି । ଠିକ୍ ସେହିଭଳି ଦ୍ୱାଦଶ ଶ୍ରେଣୀରେ ମୋଟ ୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସୁଶ୍ରୀ ବିଷ୍ଣୁପ୍ରିୟା ପରିଡ଼ା ୯୬ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପାସ୍ ହାର ୧୦୦ ପ୍ରତିଶତ ରହିଅଛି । ଏହିଭଳି ଗୌରବମୟ ମୁହୂର୍ତ୍ତରେ ବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଶାରଦା ପ୍ରସାଦ ମିଶ୍ର ତଥା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜିତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ମାତୃଦିବସ ପାଳନ



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ରସୁଲଗଡ ପାଣ୍ଡରା ବାଇପାସ୍ ସ୍ଥିତ ଉତ୍କଳମଣୀ ଆଦର୍ଶ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାତୃ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ଯଜ୍ଞ୍ୟାଶିଷ ମହାପାତ୍ର, ଇତୁନ୍ ମହାପାତ୍ର, ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ରୋଜାଲିନ୍ ମିଶ୍ର, ସ୍ୱର୍ଣ୍ଣ ଫାଉଣ୍ଡେସନ୍, ସନ୍‌ରାଇଜ ୱାଲକର କ୍ଲବର ରିଶି ପଟ୍ଟନାୟକ, ଦୁର୍ଗା ସାମନ୍ତରାୟ, ବିଜୟ ରାଉତ, ଶୁଭଲକ୍ଷ୍ମୀ ବାରିକ ଯୋଗଦେଇଥିଲେ ଓ ଗୋପବନ୍ଧୁ ବୃଦ୍ଧାଶ୍ରମର ପ୍ରତିଷ୍ଠାତା ନିଲୁ ଖୁଣ୍ଟିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ

ବାଲିଗୁଠ,(ସବ୍ୟୁ) : ଏରସମା ବ୍ଲକ୍ ଅନ୍ତର୍ଗତ ଏକ ଗ୍ରାମ୍ୟ ରାସ୍ତାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ ଯେ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ପତିତପାବନ ରାସ୍ତାରୁ ଦିଗିତାରୀ ଗ୍ରାମଦେଇ ଦାର୍ଦ୍ଦିଆ ପୋତାନଈ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ପାଇଁ ୧୦୬. ୫୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ରାସ୍ତାର ଶେଷ ମୁଣ୍ଡରେ ଜବରଦଖଲ ଯୋଗୁଁ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଉକ୍ତ ରାସ୍ତାର ଏକ ସ୍ଥାନକୁ ଦାର୍ଦ୍ଦିଆ ଗ୍ରାମର ପ୍ରହଲ୍ଲାଦ ଦଳାଇ ଦୀର୍ଘ ଦିନଧରି ଜବରଦଖଲ କର ବିଲଡିଂ ନିର୍ମାଣ ସହିତ ଏଠାରେ ବ୍ୟବସାୟ ଚଳାଇ ଆସୁଛନ୍ତି। ଯେଉଁଥିପାଇଁ ଦୀର୍ଘ ଦିନଧରି ରାସ୍ତା ନିର୍ମାଣ ରେ ବାଧା ଉପୁଜୁଥିଲା। ଏଥିପାଇଁ ଦିଗିତାରୀ ଗ୍ରାମବାସୀଙ୍କ ପକ୍ଷରୁ ଏରସମା ତହସିଲଦାରଙ୍କୁ ଅଭିଯୋଗ କରାଯିବା ସହିତ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇ ଆସୁଥିଲା।

# ଭଗବାନପୁର ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ା ଭଗବାନପୁର ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ରାମଲୀଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଯୁବ ନେତା ମନ୍ମଥ କୁମାର ରାଉତରାୟ, ୬୫ ନମ୍ବର ୱାର୍ଡର କର୍ପୋରେଟର ରଶ୍ମୀରଞ୍ଜନ ପାଟ୍ଟଶାଣୀ, ରାନୁ ବାନାର୍ଜୀ, ଟଙ୍କଧର ଚମ୍ପତି, ଦୁଃଶାସନ ରଥ ଓ ଭୁବନେଶ୍ୱର କ୍ଲବ୍‌ର ପୂର୍ବତନ ଚେୟାରମ୍ୟାନ୍ ଦୁଃଶାସନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରଥ ବାର୍ଷିକ ବିବରଣୀ ପାଠ କରିବା ପରେ ସଭା କାର୍ଯ୍ୟରେ ମେୟର ଓ ଅନ୍ୟ ଅତିଥିମାନେ ପିଲାମାନଙ୍କୁ ପାଠ ପଢ଼ିବା ସହିତ ସଂସ୍କାରୀ ହେବା ପାଇଁ ଦୀଗ୍‌ଦର୍ଶନ ଦେଇଥିଲେ । ପିଲାମାନଙ୍କ ଦ୍ୱାରା ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ରଶ୍ମୀତା ରଥ ଓ ଅଞ୍ଜଳି ପଣ୍ଡାଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିଲ୍ଲୁ, ଅଞ୍ଜଳି, ପୁଷ୍ପିତା, ମାମା, ରୀତା, ସତ୍ୟ, ପ୍ରକାଶ, ମୀନାକ୍ଷୀ ଓ ପ୍ରିୟଙ୍କା ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । ଏହି ସଭାକାର୍ଯ୍ୟକୁ ସମାଜସେବୀ ସତ୍ୟନାରାୟଣ ମହାନ୍ତି ପରିଚାଳନା କରିଥିଲେ ।

# ଅରୁନ୍ଧତୀ ଜୁଏଲର୍ସ ଭବାନୀପାଟଣା ଶାଖାର ୧୪ତମ ବାର୍ଷିକଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ଭବାନୀପାଟଣା ଶାଖାର ୧୪ତମ ବାର୍ଷିକୀ ଗତ ୧୨ତାରିଖରେ ପାଳିତ ହୋଇଯାଇଛି । ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ବର୍ଷର ସଫଳ ଯାତ୍ରାର ଏହି ବାର୍ଷିକ ସ୍ୱତନ୍ତ୍ର ସମାରୋହରେ ଭବାନୀପାଟଣା ଶାଖାର ୧୪ବର୍ଷ ପୂର୍ତ୍ତି ଅନ୍ୟତମ ଉପଲବ୍ଧି । ସର୍ବଦା ନିଜର ଶ୍ରେଷ୍ଠ ମୁହୂର୍ତ୍ତକୁ ଗ୍ରାହକବନ୍ଧୁଙ୍କ ସହ ପାଳନ କରୁଥିବା ଅରୁନ୍ଧତୀ ଜୁଏଲର୍ସ ସେହି ସ୍ୱାଭାବିକ ଢ଼ଙ୍ଗରେ ଏଥର ମଧ୍ୟ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କ ସହ ବିଶେଷ ମୁହୂର୍ତ୍ତକୁ ପାଳନ କରିଥିଲେ । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବିବାହ ପାଇଁ ସ୍ୱତନ୍ତ୍ର ବାର୍ଷିକ ଅଫର ମାଧ୍ୟମରେ ସୁନା ଗହଣାର ଗଢ଼ା ମଜୁରୀରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ହିରା ଗହଣାରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଓ ରୂପା ଗହଣାର ଗଢ଼ା ମଜୁରୀ ଉପରେ ୫୦ ପ୍ରତିଶତ ରିହାତି ସହିତ ପ୍ରତ୍ୟେକ ବିବାହ କ୍ରୟ ଉପରେ ଏକ୍ସକ୍ଲୁସିଭ୍ ୱେଡିଂ ଗିଫ୍ଟ ରଖାଯାଇଛି । ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଦୀର୍ଘ ୨୫ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବସୀଙ୍କ ନିକଟରେ ଆମେ କୃତଜ୍ଞ । ଆମର ପ୍ରତିଟି ସଫଳତାର ବାସ୍ତବିକତା ହେଉଛି ଗ୍ରାହକମାନଙ୍କର ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢ଼ ବିଶ୍ୱାସ ଓ ଅଦମ୍ୟ ସ୍ନେହର ଫଳାଫଳ । ଆଗାମୀ ଦିନରେ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇ ଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟିଦେବାକୁ ଯାଉଛି ।

## ବେଦାନ୍ତ ଆଲୁମିନିୟମ ଆଲୁମିନିୟମ ଶିଳ୍ପ ମଳରୁ
# ଗ୍ରାଫାଇଟ ପୁନରୁଦ୍ଧାର ପାଇଁ ସଫଳ ପ୍ରକ୍ରିୟାର ଘୋଷଣା କରିଛି

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ୨୦୨୫ ରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହାର ସଫଳତାପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ପେଟେଣ୍ଟ ପ୍ରଦାନ କରାଯାଇଛି ଯାହା ଆଲୁମିନିୟମ ଶିଳ୍ପ ମଳରୁ ଉଚ୍ଚ-ଶୁଦ୍ଧତା ଗ୍ରାଫାଇଟ (୯୯%) ପୁନରୁଦ୍ଧାରକୁ ସକ୍ଷମ କରିଛି। ଏହି ସଫଳତା ଚଳିତ ବର୍ଷର ବିଷୟବସ୍ତୁର ଉଦାହରଣ ଦିଏ, 'ଯନ୍ତ୍ର - ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ତ୍ୱରାନ୍ୱିତ ପାଇଁ ଯୁଗାନ୍ତର' - ଶିଳ୍ପ ଅପଚୟକୁ ଏକ ରଣନୈତିକ ଜାତୀୟ ସମ୍ପଦରେ ପରିଣତ କରିଛି । ଦେଶ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରୁଥିବା ସମୟରେ, ବେଦାନ୍ତ ଆଲୁମିନିୟମର ପେଟେଣ୍ଟ ଆତ୍ମନିର୍ଭର ଭାରତ, ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ ଏବଂ ନେଟ୍ ଜିରୋ ଲକ୍ଷ୍ୟ ଭଳି ଜାତୀୟ ମିଶନ ସହିତ ସଂଯୁକ୍ତ ହୋଇ ଗଭୀର ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ପାଇଁ ଭାରତୀୟ ଶିଳ୍ପର କ୍ଷମତାର ପ୍ରମାଣ ।

ଏହି ପେଟେଣ୍ଟ ପ୍ରକ୍ରିୟା ବେଦାନ୍ତ ଆଲୁମିନିୟମର ଇନ-ହାଉସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆରଏଣ୍ଡଡି) ଟିମ ଦ୍ୱାରା ସିଏସଆଇଆର- ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମଏମଟି), ଭୁବନେଶ୍ୱର ସହିତ ସହଯୋଗରେ ବିକଶିତ ହୋଇଛି । ଏହା ସ୍ପେଣ୍ଟ ପଟ୍ ଲାଇନିଂ (ଏସପିଏଲ) ଏବଂ ସଟ୍ ବ୍ଲାଷ୍ଟ ଡଷ୍ଟରୁ ବ୍ୟାଟେରୀ-ଗ୍ରେଡ୍ ଗ୍ରାଫାଇଟ୍ ପୁନରୁଦ୍ଧାର କରିଥାଏ, ଆଲୁମିନିୟମ ଉତ୍ପାଦନ ସମୟରେ ସୃଷ୍ଟି ହେଉଥିବା ଦୁଇଟି ଅପଚୟ



ପ୍ରଣାଳୀ ଏହି ନବସୃଜନ କେବଳ ଭାରତର ବୃତାକାର ଅର୍ଥନୀତି ଏବଂ ସ୍ଥାୟୀତ୍ୱ ପ୍ରାଥମିକତା ସହିତ ସମନ୍ୱୟ କରେ ନାହିଁ ବରଂ ଆମଦାନୀ ହୋଇଥିବା ଗ୍ରାଫାଇଟ୍ ଉପରେ ଭାରତର ନିର୍ଭରଶୀଳତାକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାର ସମ୍ଭାବନା ମଧ୍ୟ ରଖେ, ଯାହା ବର୍ତ୍ତମାନ ୭୦% ଅତିକ୍ରମ କରିଛି ।

ଉଦ୍ଧାର ହୋଇଥିବା ଗ୍ରାଫାଇଟ୍ ଲିଥିୟମ-ଆୟନ ବ୍ୟାଟେରୀ ପ୍ରୟୋଗ ପାଇଁ ଉପଯୁକ୍ତ ଅସାଧାରଣ ବୈଦ୍ୟୁତିକ ପରିବାହିତା ଏବଂ ଗଠନାତ୍ମକ ଗୁଣ ପ୍ରଦର୍ଶନ କରିଛି। ଏହାର ପରମାଣୁ ଗଠନ ଏହାକୁ ଲିଥିଏସନ୍ ଏବଂ ଡି-ଲିଥିଏସନ୍ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ କରିଥାଏ, ବ୍ୟାଟେରୀ କାର୍ଯ୍ୟଦକ୍ଷତା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଇଲେକ୍ଟ୍ରିକ୍ ଯାନ, ଶକ୍ତି ସଂରକ୍ଷଣ ଏବଂ ଉଚ୍ଚ-ପ୍ରଯୁକ୍ତି ଇଲେକ୍ଟ୍ରୋନିକ୍ସ ପାଇଁ ଭାରତର ଚାହିଦା ଆକାଶଛୁଆଁ ହେବାକୁ ଯାଉଛି, ଆମର ପେଟେଣ୍ଟ ସମାଧାନ ସମୟୋପଯୋଗୀ ଏବଂ ପରିବର୍ତନକାରୀ ଅଟେ। ଏହା ଶୂନ୍ୟ-ଅପଚୟ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଉତ୍ପାଦନର ଆମର ଦୃଷ୍ଟିକୋଣକୁ ଆଗକୁ ବଢାଇବା ସହିତ ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜ ରୋଡମ୍ୟାପ୍ ପାଇଁ ଆମର ଅବଦାନକୁ ସୁଦୃଢ଼ କରିଛି ।

୨୦୨୪ ମସିହାରେ, ଭାରତ ପ୍ରାୟ ୪୧ ନିୟୁତ ମୂଲ୍ୟର ପ୍ରାକୃତିକ ଗ୍ରାଫାଇଟ୍ ଆମଦାନୀ କରିଥିଲା, ଯାହାକୁ ଦକ୍ଷିଣ କୋରିଆ ଏବଂ ଜାପାନ ସହିତ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ଶ୍ରେଷ୍ଠ ତିନୋଟି ଆମଦାନୀକାରୀଙ୍କ ମଧ୍ୟରେ ସ୍ଥାନ ମିଳିଥିଲା । ଏହି ଯଥେଷ୍ଟ ଆମଦାନୀ ମୂଲ୍ୟ ବୈଦ୍ୟୁତିକ ଯାନବାହନ ଏବଂ ନବୀକରଣୀୟ ଶକ୍ତି ସଂରକ୍ଷଣ ସମେତ ଉଚ୍ଚ-ପ୍ରଯୁକ୍ତି ଶିଳ୍ପ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ବିଦେଶୀ ଉତ୍ସ ଉପରେ ଭାରତର ନିରନ୍ତର ନିର୍ଭରଶୀଳତାକୁ ସ୍ୱଷ୍ଟ କରେ। ଆଲୁମିନିୟମ ଶିଳ୍ପ ଅପଚୟରୁ ଉଚ୍ଚ-ଶୁଦ୍ଧତା ଗ୍ରାଫାଇଟ୍ ପୁନରୁଦ୍ଧାର ପାଇଁ ବେଦାନ୍ତ ଆଲୁମିନିୟମର ପେଟେଣ୍ଟ ପ୍ରଯୁକ୍ତି ଏହି ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଏକ ପ୍ରତିଶ୍ରୁତିବଦ୍ଧ ସମାଧାନ ପ୍ରଦାନ କରେ, ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦରେ ଆତ୍ମନିର୍ଭରଶୀଳତା ପାଇଁ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖେ ।

## ସିବିଏସସି ଦଶମ ଓ ଦ୍ୱାଦଶ ପରୀକ୍ଷାରେ
# ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ



ଆଶୁତୋଷ ପଟ୍ଟନାୟକ



ନନ୍ଦିନୀ ଉପାଧ୍ୟାୟ



ଶୁଭ୍ରାଂଶୁ ସାହୁ

କଟକ,(ସବ୍ୟୁ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସିବିଏସଇ ଦ୍ୱାରା ପରିଚାଳିତ ଚଳିତବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି । ସେଣ୍ଟ ଜାଭିୟର୍ସ ଗ୍ରୁପର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତ୍ୟେକ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଶତ ପ୍ରତିଶତ ବିଦ୍ୟାର୍ଥୀ ଆଶାତୀତ ମାର୍କ ରଖି ଉତ୍ତୀର୍ଣ ହୋଇଛନ୍ତି । ତନ୍ମଧ୍ୟରୁ କଟକ ବାରବାଟି ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀ ନନ୍ଦିନୀ ଉପାଧ୍ୟାୟ ୯୮% ନମ୍ବର ରଖି ଜିଲ୍ଲା ଟପ୍ପର ହେଇଥିବା ବେଳେ ବିଜ୍ଞାନର ଛାତ୍ର ଆଶୁତୋଷ ପଟ୍ଟନାୟକ ୯୦.୪% ନମ୍ବର ରଖି ବିଦ୍ୟାଳୟର ସୁନାମ ବଜାୟ ରଖି ପାରିଛନ୍ତି । ସେହିପରି ଦଶମ ଶ୍ରେଣୀ ବୋର୍ଡ ରେ ମଧ୍ୟ ଶତକଡା ଶହେ ଭାଗ ସଫଳ ହୋଇଛନ୍ତି ଏହି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ । ୯୮.୬୭%ନମ୍ବର ରଖି ବିଦ୍ୟାଳୟ ର

## ବାରବାଟୀର ବାଣିଜ୍ୟ ଛାତ୍ରୀ ନନ୍ଦିନୀ ଜିଲ୍ଲା ଟପ୍ପର

ଗୌରବ ବଢାଇଛନ୍ତି ଛାତ୍ର ଶୁଭ୍ରାଂଶୁ ସାହୁ । ଏତଦବ୍ୟତୀତ ପାଖାପାଖି ୪୦ ଜଣ ଛାତ୍ର ଛାତ୍ରୀ ୯୦ ଶତକଡା ନମ୍ବର ରଖି ବିଦ୍ୟାଳୟ ର ଟେକ ଅଖୁର୍ଣ୍ଣ ରଖିଛନ୍ତି । ବିଦ୍ୟାଳୟର ସଫଳତାରେ ଅଧ୍ୟକ୍ଷ ଡଃ ପ୍ରିୟଦର୍ଶୀ ନାୟକ ପିଲାମାନଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି । ଏହା ସହ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡଃ. ଜି. ଏସ ପଟ୍ଟନାୟକ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହ ନିର୍ଦ୍ଦେଶକ ଡଃ, ପ୍ରଭୁଚରଣ ମହାନ୍ତି, ପ୍ରଶାସକ ଅଧିକାରୀ ଜି. ଏସ ପଣ୍ଡା ପିଲାମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଛାତ୍ର ଛାତ୍ରୀ ମାନଙ୍କ ଏପରି କୃତିତ୍ୱ ପ୍ରଦର୍ଶନ ପଛରେ ବିଦ୍ୟାଳୟର ଅଧ୍ୟୟନ ପ୍ରଣାଳୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଅକ୍ଲାନ୍ତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଥିବା ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଆଜି ଶପଥ ନେବେ ନୂଆ ସିଜେଆଇ



ନୂଆଦିଲ୍ଲୀ: ଆସନ୍ତାକାଲି ଶପଥ ଗ୍ରହଣ କରିବେ ଦେଶର ନୂତନ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବାଇ । ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇବେ । ସେ ଦେଶର ୫୨ତମ ପ୍ରଧାନ ବିଚାରପତି ହେବେ । ଏହା ପୂର୍ବରୁ ଆଜି ପ୍ରଧାନ ବିଚାରପତି ପଦରୁ ଅବସର ନେଇଛନ୍ତି ଜଷ୍ଟିସ୍ ସଞ୍ଜୀବ ଖନ୍ନା । ଭାରତର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ଆଜି ସକାଳେ ଜଷ୍ଟିସ୍ ବି.ଆର. ଗବାଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସୁପ୍ରିମକୋର୍ଟରେ ତାଙ୍କ ସହକର୍ମୀଙ୍କଠାରୁ ବିଦାୟ ନେଇଥିଲେ । ପ୍ରଧାନ ବିଚାରପତି ଭାବରେ ଜଷ୍ଟିସ୍ ଗବାଇଙ୍କ କାର୍ଯ୍ୟକାଳ ପ୍ରାୟ ଛଅ ମାସ ହେବ ଏବଂ ନଭେମ୍ବର ୨୦୨୫ରେ ସେ ଅବସର ନେବେ । ଜଷ୍ଟିସ୍ ଗବାଇଙ୍କ ଜନ୍ମ ୨୪ ନଭେମ୍ବର ୧୯୬୦ ମସିହାରେ ମହାରାଷ୍ଟ୍ରର ଅମରାବତୀରେ ହୋଇଥିଲା । ସେ ୧୬ ମାର୍ଚ୍ଚ ୧୯୮୫ ମସିହାରେ ଓକିଲାତି କରିବା ଆରମ୍ଭ କରିଥିଲେ । ଏହା ପରେ ଜଷ୍ଟିସ୍ ବି.ଆର. ଗଭାଇଙ୍କୁ ମେ', ୨୦୧୯ରେ ଭାରତର ସୁପ୍ରିମକୋର୍ଟର ବିଚାରପତି ଭାବରେ ପଦୋନ୍ନତି ଦିଆଯାଇଥିଲା । ଗତ ଛଅ ବର୍ଷ ମଧ୍ୟରେ, ଜଷ୍ଟିସ୍ ବି.ଆର. ଗବାଇ ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ, ସିଭିଲ୍ ଆଇନ, ଫୌଜଦାରୀ ଆଇନ, ବାଣିଜ୍ୟିକ ବିବାଦ, ମଧ୍ୟସ୍ଥତା ଆଇନ, ବିଦ୍ୟୁତ୍ ଆଇନ, ଶିକ୍ଷା ମାମଲା, ପରିବେଶ ଆଇନ ଇତ୍ୟାଦି ବିଭିନ୍ନ ବିଷୟ ସହ ଜଡିତ ମାମଲାଗୁଡ଼ିକର ବିଚାର କରୁଥିବା ପ୍ରାୟ ୭୦୦ଖଣ୍ଡପୀଠର ସଦସ୍ୟ ଥିଲେ ।

## ପହଲଗାମ୍ ପ୍ରତିଶୋଧ

# ଝୁଲିଲା ୩ ଆତଙ୍କୀଙ୍କ ପୋଷ୍ଟର

## ସୂଚନା ଦେଲେ ମିଳିବ ୨୦ ଲକ୍ଷ



ଶ୍ରୀନଗର: ପହଲଗାମ୍ ହମଲା ସହ ଜଡିତ ୩ ଆତଙ୍କୀଙ୍କ ପୋଷ୍ଟର ଦକ୍ଷିଣ କାଶ୍ମୀର ସୋପିଆନରେ ଲଗାଯାଇଛି । ପହଲଗାମ୍ ହମଲାରେ ଏହି ୩ ଆତଙ୍କବାଦୀ ସାମିଲ ଥିବା ବେଳେ ଏମାନଙ୍କୁ ଏଯାଏଁ ଧରାଯାଇନି । କାଶ୍ମୀର ଉପତ୍ୟକାରେ ନିରୀହ ଲୋକଙ୍କୁ ଏମାନେ ଗୁଳି କରି ହତ୍ୟା କରିଥିବା ବେଳେ ଏମାନେ ଏଯାଏଁ ବି ଧରାନପଡି ଲୁଚି ବୁଲୁଛନ୍ତି । ତେଣୁ ସେମାନଙ୍କୁ ଏବେ ଧରିବାକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି ।

ଖାଲି ସୋପିଆନରେ ନୁହେଁ ପୁଲଓ୍ୱାମା ଜିଲ୍ଲାର ବିଭିନ୍ନ ସ୍ଥାନରେ ବି ପୋଷ୍ଟର ଲାଗିଛି । ତେବେ ଏହି ୩ ଆତଙ୍କୀଙ୍କ ସୂଚନା ଦେଲେ ମିଳିବ ୨୦ ଲକ୍ଷ ଟଙ୍କା । ଆତଙ୍କୀଙ୍କ ସବିଶେଷ ତଥ୍ୟ ଦେଲେ ୨୦ ଲକ୍ଷ ଦେବାକୁ ଘୋଷଣା କରାଯାଇଥିବା ବେଳେ ଖବର ଦେଇଥିବା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ ବୋଲି କୁହାଯାଇଛି । ପୂର୍ବରୁ ୩ ଆତଙ୍କୀଙ୍କ ସ୍କେଚ୍ ଜାରି ହୋଇଥିବା ବେଳେ ଏବେ ସେମାନଙ୍କ ପୋଷ୍ଟର ଲାଗିଛି । ପହଲଗାମ୍ ପ୍ରତିଶୋଧ ନେବାକୁ ଯାଇ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନ ଏବଂ ପିଓକେର ଆତଙ୍କୀ ଆଡ୍ଡା ଉପରେ ହମଲା କରି ଛାରଖାର କରିଛି । ୯ ଆତଙ୍କୀ ଆଡ୍ଡା ଧ୍ୱଂସ କରିବା ସହ ପାକିସ୍ତାନକୁ ପାନେ ଦେଇଛି ।

ଜଳ, ସ୍ଥଳ, ଆକାଶରେ ପାକିସ୍ତାନକୁ ଆକ୍ରମଣ କରି ଭାରତ ଘାଇଲା କରିଦେବା ପରେ ଶେଷରେ ପାକିସ୍ତାନ ମୁଣ୍ଡ ନୁଆଁଇ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା ଏବଂ ତାପରେ ଭାରତ ନିଜ ସର୍ତ୍ତ ଅନୁସାରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଥିବା ବେଳେ ଅମାନିଆ ପାକିସ୍ତାନ ତାର ଅସ୍ତ୍ରବିରତି ଉଲ୍ଲଂଘନ ପ୍ରକ୍ରିୟା ଜାରି ରଖିଛି । ତେବେ ଆଗାମୀ ଦିନରେ ଯଦି ପୁଣି ଆତଙ୍କୀ ହମଲା ହୁଏ ତାହାଲେ ଭାରତ ତା ନିଜ ଷ୍ଟାଇଲରେ ହମଲାର ବଦଲା ଭୟଙ୍କର ଭାବେ ନେବ ବୋଲି ଭାରତ ଚେତାବନୀ ଦେଇଛି ।



ମଙ୍ଗଳବାର ଆଦାମପୁର ଏୟାରବେସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

# ସମୁଦ୍ର ଜଳରୁ ବାହାରୁଛି ୟୁରାନିୟମ

ବେଜିଂ: ଚୀନ୍ ବୈଜ୍ଞାନିକମାନେ ସମୁଦ୍ର ଜଳରୁ ୟୁରାନିୟମ ବାହାର କରିବାର ଏକ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛନ୍ତି ଯାହା କେବଳ ବହୁତ ଶସ୍ତା ନୁହେଁ ବରଂ ଦ୍ରୁତ ଏବଂ ପ୍ରଭାବଶାଳୀ ମଧ୍ୟ । ୟୁରାନିୟମ୍ ହେଉଛି ପରମାଣୁ ଶକ୍ତି ଉତ୍ପାଦନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ଉପାଦାନ । ଏହି ସଫଳତା ପରେ, ଚୀନକୁ ଆଉ ଏହାର ଯୋଗାଣ ପାଇଁ ବିଦେଶୀ ଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସମୁଦ୍ରରେ ପ୍ରାୟ ୪.୫ ବିଲିୟନ ଟନ୍ ୟୁରାନିୟମ୍ ଅଛି, ଯାହା ପାରମ୍ପରିକ ଖଣିରୁ ମିଳୁଥିବା ୟୁରାନିୟମ୍ ଅପେକ୍ଷା ହଜାର ଗୁଣା ଅଧିକ । ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର କମ୍ ଖର୍ଚ୍ଚ । ଗୋଟିଏ କିଲୋଗ୍ରାମ ୟୁରାନିୟମ ବାହାର କରିବାକୁ ମାତ୍ର ୮୩ ଡଲାର ଖର୍ଚ୍ଚ ହେବ । ତୁଳନାତ୍ମକ ଭାବରେ, ପୁରୁଣା ଭୌତିକ ପଦ୍ଧତି ବ୍ୟବହାର କରି ୨୦୫ ଡଲାରରେ ଏବଂ ପୁରୁଣା ବୈଦ୍ୟୁତିକ ରାସାୟନିକ ପଦ୍ଧତି ବ୍ୟବହାର କରି ୩୬୦ଡଲାରରେ ସମାନ କାମ କରାଯାଇଥିଲା । ଏହାର ଅର୍ଥ ହେଉଛି ଚୀନ୍ ଖର୍ଚ୍ଚ ଚାରି ଗୁଣ ହ୍ରାସ କରିଛି ।

# ପାକ୍ ଆକ୍ରମଣରେ ଦୁଇ ଯମଜ ସନ୍ତାନଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ପାକିସ୍ତାନୀ ଆକ୍ରମଣରେ ପୁଞ୍ଚ ସହରରେ ରହୁଥିବା ଦୁଇ ଯମଜ ଭାଇଭଉଣୀ ମଧ୍ୟ ପ୍ରାଣ ହରାଇଥିଲେ । ମୃତ ଯମଜ ସନ୍ତାନଙ୍କ ନାମ ଜୈନ ଅଲି ଏବଂ ଉର୍ବା ଫାତିମା ଥିବା ଜଣାପଡ଼ିଛି ।ଅପରେସନ୍ ସିନ୍ଦୂର ଆରମ୍ଭ ହେବା ପରେ ଯେତେବେଳେ ପାକିସ୍ତାନ ଗୁଳିମାଡ଼ ଆରମ୍ଭ କରିଥିଲା ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ନିଦ ହଜିଯାଇଥିଲା । ଆକ୍ରମଣ ହେବା ଜାଣି ଜୈନ ଅଲି ଏବଂ ଉର୍ବା ଫାତିମାଙ୍କ ମାମୁମାନେ ଦୁଇ ସନ୍ତାନକୁ ଧରି ଘରୁ ବାହାର କରି ଏକ ସୁରକ୍ଷିତ ସ୍ଥାନକୁ ନେଇ ଯାଉଥିଲେ । ଏହି ସମୟରେ ଉର୍ବାଙ୍କ ହାତ ତାଙ୍କ ମାଆ ଧରିଥିବା ବେଳେ ଜୈନର ହାତ ତାଙ୍କ ବାପା ଧରିଥିଲେ ।ରମିଜଙ୍କ ପରିବାର ମିଶି ଏକ ସୁରକ୍ଷିତ ସ୍ଥାନକୁ ଯାଉଥିବା ବେଳେ ହଠାତ୍ ଏକ ବୋମା ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ ଜୈନ ଓ ଉର୍ବାଙ୍କ ସମେତ ତାଙ୍କ ବାପା ରମିଜ ଓ ମା' ମଧ୍ୟ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ହସ୍ପିଟାଲରେ ରମିଜଙ୍କ ଦୁଇ ଯମଜ ସନ୍ତାନଙ୍କ ମୃତ୍ୟୁ ହୋଇଯାଇଥିଲା ।

# ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବି କଲା କଂଗ୍ରେସ

ନୂଆଦିଲ୍ଲୀ: ପହଲଗାମ୍ ଆତଙ୍କୀ ଆକ୍ରମଣ ଏବଂ ଏହାର ପରବର୍ତ୍ତୀ ଅପରେସନ ସିନ୍ଦୂର ସମ୍ପର୍କରେ ଆଲୋଚନା କରିବା ପାଇଁ ପାର୍ଲାମେଣ୍ଟର ଉଭୟ ଗୃହର ସ୍ୱତନ୍ତ୍ର ଅଧିବେଶନ ଡକାଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଲୋକସଭା ଓ ରାଜ୍ୟସଭାରେ ଥିବା ବିରୋଧୀ କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି ଜଣାଇଛନ୍ତି । ଉଭୟ ନେତା ପୃଥକ ପୃଥକ ପତ୍ର ଲେଖି ସରକାର ଅପରେସନ ସିନ୍ଦୂର ସମ୍ପର୍କରେ ଗୃହକୁ ଜଣାଇବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । କେଉଁ ସର୍ତ୍ତରେ ଭାରତ ଓ ପାକିସ୍ତାନ ଅସ୍ତ୍ର ବିରତି ଘୋଷଣା କଲେ, ସେସମ୍ପର୍କରେ ସବିଶେଷ ତଥ୍ୟ ଦେଶବାସୀ ଜାଣିବାକୁ ଚାହାନ୍ତି । ଏଣୁ ସରକାର ଏହାକୁ ବିଚାରକୁ ନେଇ ଗୃହକୁ ଆସନ୍ତୁ ବୋଲି ସେମାନେ ଦାବି ଜଣାଇଛନ୍ତି ।

# ଟ୍ରମ୍ପଙ୍କୁ ଜମ୍ବୋ ଜେଟ୍ ଉପହାର ଦେବ କାତାର




ଓ୍ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି କାତାର ଗସ୍ତରେ ଯାଉଛନ୍ତି । ଏହି ଗସ୍ତ କାଳରେ କାତାର ସରକାର ତାଙ୍କୁ ଏକ ବିଳାସପୂର୍ଣ୍ଣ ବୋଇଂ ୭୪୭-୮ ଜମ୍ବୋ ଜେଟ୍ ଉପହାର ଦେଉଛନ୍ତି । ଏହି ବିମାନର ମୂଲ୍ୟ ପ୍ରାୟ ୩୪୦୦ କୋଟି ଟଙ୍କା ବୋଲି କୁହାଯାଉଛି । ଏହି ଉପହାର କୌଣସି ଆମେରିକୀୟ ରାଷ୍ଟ୍ରପତିଙ୍କୁ ମିଳିଥିବା ସବୁଠାରୁ ମହଙ୍ଗା ଉପହାର ।

ବୋଇଂ ୭୪୭-୮ ଭିତରରୁ କୌଣସି ରାଜପ୍ରାସାଦଠାରୁ କମ୍ ନୁହେ । ଟ୍ରମ୍ପ ବର୍ତ୍ତମାନ ବ୍ୟବହାର କରୁଥିବା ବିମାନର ନାମ ହେଉଛି ଟ୍ରମ୍ପ ଫୋର୍ସ ଓ୍ୱାନ୍ । ଏହା ତୁଳନାରେ କାତାରରୁ ସେ ଯେଉଁ ବିମାନ ପାଇବେ ତାହା ବହୁତ ଅଧିକ ଆଧୁନିକ, ବିଳାସପୂର୍ଣ୍ଣ ଏବଂ ସୁରକ୍ଷିତ । ଏହାକୁ ବିଶ୍ୱର ସବୁଠାରୁ ବିଳାସପୂର୍ଣ୍ଣ ଭିଭିଆଇପି ବିମାନ ମଧ୍ୟରେ ଗଣନା କରାଯାଏ । ଟ୍ରମ୍ପ ତାଙ୍କ ପୂର୍ବ କାର୍ଯ୍ୟକାଳରେ ମହଙ୍ଗା ଉପହାରକୁ ନେଇ ମାମଲା ମଧ୍ୟ ଫସିଛନ୍ତ । ଏହି ବିମାନଟି ବିଶ୍ୱର ୧୦ଟି ଧନୀ ପରିବାର ମଧ୍ୟରେ ତୃତୀୟ ସ୍ଥାନରେ ଥିବା କାତାରର ଶାସକ ଅଲ୍ ଥାନି ପରିବାର ଦ୍ୱାରା ଟ୍ରମ୍ପଙ୍କୁ ଉପହାର ଭାବେ ଦିଆଯିବ ।

# ପଞ୍ଜାବରେ ବିଷାକ୍ତ ମଦ ନେଲା ୧୪ ଜୀବନ

ଅମୃତସର: ପଞ୍ଜାବରେ ତାଣ୍ଡବ ରଚିଲା ମଦ । ବିଷାକ୍ତ ମଦ ପିଇ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଅମୃତସର ଜିଲ୍ଲା ମଜୀଠା ସ୍ଥିତ ମଡଇ ଗାଁ ଓ ଭାଗଲି ଗାଁରେ ଏହି ଘଟଣା ଘଟିଛି । ମୃତକଙ୍କ ଶବକୁ ପୁଲିସ ଜବତ କରି ପୋଷ୍ଟମର୍ଟମ୍ ପାଇଁ ପଠାଇଥିବା ବେଳେ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେପଟେ ମଦ ମୃତ୍ୟୁ ଖବର ପାଇବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି । ବିଳମ୍ବିତ ରାତିରେ ଏହି ଘଟଣା ଘଟିବା ପରେ ମେଡିକାଲ ଟିମ୍ ଘର ଘର ବୁଲି ସ୍ଥିତିର ସମୀକ୍ଷା କରୁଛି । ମଦ ମୃତ୍ୟୁ ମାମଲାର ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ବିଷାକ୍ତ ମଦ କାରବାରର ମୁଖ୍ୟ ଅଭିଯୁକ୍ତ ପ୍ରଭଜିତ୍ ସିଂଙ୍କୁ ତୁରନ୍ତ ଗିରଫ କରାଯାଇଛି । ଏହାସହ ଏହି ମାମଲାରେ ଅନ୍ୟ ୫ ଅଭିଯୁକ୍ତମାନଙ୍କୁ ଗିରଫ କରି ପୁଲିସ ପଚରା ଉଚରା କରୁଛି । ସରକାର ଘଟଣା ଉପରେ ନଜର ରଖିଛନ୍ତି ।

# 'ଅପରେସନ ହେରୋଫ'ରେ ଘାଇଲା ପାକିସ୍ତାନ



ଇସଲାମାବାଦ: ପାକିସ୍ତାନ ସେନାର ଅତ୍ୟାଚାରକୁ ବିରୋଧ କରି ସ୍ୱାଧୀନତା ପାଇଁ ଲଢେ କରୁଥିବା ବାଲୁଚି ମୁକ୍ତି ସେନା ବା ବିଏଲଏ ବଡ଼ ଦାବି କରିଛି । ବିଏଲଏ ପକ୍ଷରୁ ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶର ୫୧ଟି ସ୍ଥାନରେ ୭୧ଟି ଆକ୍ରମଣ କରାଯାଇଥିବା କୁହାଯାଇଛି । ଗୋଟିଏ ସପ୍ତାହ ମଧ୍ୟରେ ବିଏଲଏ ଆରମ୍ଭ କରିଥିବା ଅପରେସନ ହେରୋଫ ଅଧୀନରେ ଏପରି ଆକ୍ରମଣ କରିଛି ।

ବିଏଲଏ ଟାର୍ଗେଟରେ କେବଳ ପାକିସ୍ତାନ ସେନା ରହିଥିଲେ । ଆକ୍ରମଣରେ ପାକିସ୍ତାନ ସେନାକୁ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିବା ଜଣାପଡ଼ିଛି । ବିଏଲଏ ଗୋଟିଏ ବିବୃତିରେ କହିଛି ଯେ ପାକିସ୍ତାନ ଏବେ ବିଶ୍ୱସ୍ତରୀୟ ଆତଙ୍କବାଦୀଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି । ତେଣୁ ଅନ୍ତର୍ଜାତୀୟ ସମୂହ ପାକିସ୍ତାନକୁ ଗୋଟିଏ ଆତଙ୍କବାଦୀ ରାଷ୍ଟ୍ର ଭାବେ ନାମିତ କରନ୍ତୁ । ଏଠାରେ ସକ୍ରିୟ ଥିବା ଆତଙ୍କବାଦୀମାନେ ବିଶ୍ୱର ବିଭିନ୍ନ ସ୍ଥାନରେ ଆକ୍ରମଣ କରୁଥିବା ବିବୃତିରେ କୁହାଯାଇଛି ।

ବିଏଲଏର ଯୋଦ୍ଧାମାନେ କେଚ, ପଞ୍ଜଗୁର, ମସ୍ତୁଙ୍ଗ, କ୍ୱେଟା, ଜାମୁରାନ, ତୋଲାଙ୍ଗି, କୁଲକି ଓ ନୁଶକି ଭଳି ଅଞ୍ଚଳରେ ଆଟାକ କରିଛନ୍ତି । ଏଠାରେ ଥିବା ପାକିସ୍ତାନର ସମାରିକ ଓ ଗୁଇନ୍ଦା ପ୍ରତିଷ୍ଠାନ ଉପରେ କେବଳ ହମଲା ହୋଇନାହିଁ ବରଂ ପୁଲିସ୍ ଷ୍ଟେସନ, ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ି ଓ ବିଭିନ୍ନ ପ୍ରକାରର ଭିତ୍ତିଭୂମିକୁ ଧ୍ୱଂସ କରାଯାଇଛି ।

ବିଏଲଏ ପକ୍ଷରୁ ଆଇଇଡି ବିସ୍ଫୋରଣ ସହ ସ୍ନିପର ଦ୍ୱାରା ପାକିସ୍ତାନୀ ଟ୍ରୁପ୍ସକୁ ଟାର୍ଗେଟ କରାଯାଇଥିଲା । ଏହାପରେ ବିଭିନ୍ନ ସୁରକ୍ଷା ପୋଷ୍ଟକୁ ବିଏଲଏ ନିଜ ଦଖଲକୁ ନେଇଥିବା କହିଛି । କ୍ଷେତ୍ରୀୟ ପରିବର୍ତ୍ତନର ଚେତାବନୀ ଦେଇ ବିଏଲଏ ଘୋଷଣା କରିଛି ଯେ ଦକ୍ଷିଣ ଏସିଆରେ ଗୋଟିଏ ନୂଆ ବ୍ୟବସ୍ଥା ଅପରିହାର୍ଯ୍ୟ ।

ପାକିସ୍ତାନର ଆତଙ୍କବାଦ ଗତିବିଧି ପ୍ରତି ଅନ୍ତରାଷ୍ଟ୍ରୀୟ ସହିଷ୍ଣୁତା ଆଞ୍ଚଳିକ ଅସ୍ଥିରତା ଦେଖାଯିବାର ପ୍ରମୁଖ କାରଣ ହୋଇପାରେ । ଭାରତ ଓ ଅନ୍ତର୍ଜାତୀୟ ସମୂହ ପାକିସ୍ତାନ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର । ଯଦି ସେମାନେ କୌଣସି ପଦକ୍ଷେପ ନ ନେବେ, ତା'ହେଲେ ଅଧିକରୁ ଅଧିକ ରକ୍ତପାତ ହେବ । ପାକିସ୍ତାନକୁ ଯଦି ପୂର୍ବଭଳି ସହ୍ୟ କରାଯିବ, ତା'ହେଲେ ପୂରା ବିଶ୍ୱ ବରବାଦ ହୋଇଯିବ ବୋଲି ବିଏଲଏ କହିଛି ।

ପାକିସ୍ତାନ ବିରୋଧରେ ବିଏଲଏକୁ କେହି ପଛରେ ରହି ସମର୍ଥନ କରୁଥିବା ଅଭିଯୋଗକୁ ମଧ୍ୟ ବିବୃତିରେ ଖଣ୍ଡନ କରାଯାଇଛି । ବିଏଲଏର କହିବା କଥା ବାଲୁଚିସ୍ତାନର ସ୍ୱାଧୀନତା ପାଇଁ ସଶସ୍ତ୍ର ଆନ୍ଦୋଳନ ଜାରି ରହିଛି ଓ ରହିବ । ବିଏଲଏ କାହାର ହାତ ବାରିସ କିମ୍ବା ନୀରବ ଦର୍ଶକ ନୁହେଁ । ଆମେ ସ୍ୱତନ୍ତ୍ର ବୋଲି ବିଏଲଏ ମୁଖପାତ୍ର ଜୀୟାନ୍ଦ ବାଲୋଚ କହିଛନ୍ତି ।

# ଫିନଲାଣ୍ଡ ଉପରେ ପୁଟିନଙ୍କ ନଜର

ମସ୍କୋ: ୟୁକ୍ରେନ ଉପରେ ଆକ୍ରମଣ ପରେ ରୁଷିଆର କାର୍ଯ୍ୟକଳାପ ଏବେ ଏକ ନୂତନ ମୋର୍ଚ୍ଚା ଆଡ଼କୁ ଇଙ୍ଗିତ କରୁଛି । ରୁଷିଆ ଫିନଲ୍ୟାଣ୍ଡ ସୀମା ନିକଟରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ବଡ଼ ସାମରିକ ମୁତୟନ ଆରମ୍ଭ କରିଛି । ପୁଟିନଙ୍କ ନୀରବ ପ୍ରସ୍ତୁତି ୟୁରୋପରେ ଗଭୀର ଚିନ୍ତାର କାରଣ ପାଲଟିଛି । ସାଟେଲାଇଟ୍ ଚିତ୍ର ପ୍ରକାଶ ପାଇଛି ଯେ, ଚାରୋଟି ରୁଷିଆ ଘାଟି କାମେଙ୍କା, ପେଟ୍ରୋଜାଭୋଡସ୍କ, ସେଭେରୋମୋର୍ସ୍କ-୨ ଏବଂ ଓଲେନିଆରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । କାମେଙ୍କା ଫିନଲ୍ୟାଣ୍ଡ ସୀମାଠାରୁ ମାତ୍ର ୩୫ ମାଇଲ ଦୂରରେ ଅବସ୍ଥିତ । ଫେବ୍ରୁଆରୀ ମାସରୁ ଏହି ଅଞ୍ଚଳରେ ୧୩୦ ରୁ ଅଧିକ ସାମରିକ ତମ୍ବୁ ସ୍ଥାପନ କରାଯାଇଛି । ଏଠାରେ ପ୍ରାୟ ୨୦୦୦ ସୈନିକ ରହିପାରିବେ ବୋଲି ଅନୁମାନ କରାଯାଉଛି । ଫିନଲ୍ୟାଣ୍ଡ ସୀମାଠାରୁ ୧୦୯ ମାଇଲ ଦୂରରେ ପେଟ୍ରୋଜାଭୋଡସ୍କରେ, ତିନୋଟି ବଡ଼ ଷ୍ଟୋରେଜ୍ ହଲ୍ ନିର୍ମାଣ କରାଯାଇଛି, ଯେଉଁଠାରେ ୫୦-୫୦ଟି ସଶସ୍ତ୍ର ଯାନ ରଖାଯାଇପାରିବ । ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ, ସଶସ୍ତ୍ର ଯାନର ପ୍ରକୃତ ସଂଖ୍ୟାକୁ ଲୁଚାଇବା ପାଇଁ ଏହି ହଲ୍ ଗୁଡ଼ିକ ନିର୍ମାଣ କରାଯାଇଛି ।

# ରହସ୍ୟ ଘେରରେ ପଦ୍ମଶ୍ରୀ ମତ୍ସ୍ୟ ବିଜ୍ଞାନୀଙ୍କ ମୃତ୍ୟୁ



ନିଖୋଜ ହେବାର ତିନି ଦିନ ପରେ ଗତ ୧୦ ତାରିଖରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ମତ୍ସ୍ୟ ବିଜ୍ଞାନୀ ସୁବ୍ବାନ୍ନା ଅୟପ୍ପନଙ୍କ ମୃତଦେହ ମିଳିଥିବା ବେଳେ ତାଙ୍କର ମୃତ୍ୟୁ କେମିତି ହେଲା, ତା' ଉପରୁ ପରଦା ଉଠିପାରିନାହିଁ । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅୟପ୍ପନ କାବେରୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥାଇପାରନ୍ତି । ତାଙ୍କ ମୃତ୍ୟୁର ପ୍ରକୃତ କରାଣ ଜଣାପଡ଼ିନାହିଁ । ତଦନ୍ତ ଶେଷ ହେବା ପରେ ତାଙ୍କର ମୃତ୍ୟୁ କେମିତି ହେଲା, ତାହା ଜଣାପଡ଼ିବ ବୋଲି ପୁଲିସ କହିଛି ।

ଭାରତର ନୀଳ ବିପ୍ଳବ ବା ବ୍ଲୁ ରିଭୋଲ୍ୟୁସନରେ ଅନ୍ୟତମ ପୁରୋଧା ସାଜିଥିବା ଅୟପନ୍ନଙ୍କୁ ମୃତ୍ୟୁ ବେଳକୁ ୬୯ ବର୍ଷ ହୋଇଥିଲା ।ନୀଳ ବିପ୍ଳବ ଯୋଗୁ ଦେଶରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଥିଲା । ଅୟପନ୍ନ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ ଉପରେ ଗୁରୁତ୍ୱ ଦେଉଥିଲେ ।ସେ ହେଉଛନ୍ତି ପ୍ରଥମ ମତ୍ସ୍ୟ ବିଜ୍ଞାନୀ ଯିଏ ଭାରତୀୟ କୃଷି ଗବେଷଣା ପରିଷଦ ବା ଆଇସିଏଆରର ମହାନିର୍ଦ୍ଦେଶକ ପଦରେ ବସିଥିଲେ । ଏହା ଏକ ଇତିହାସ । କାରଣ ପାରମ୍ପରିକ ଭାବେ ଆଇସିଏଆରର ମହାନିର୍ଦ୍ଦେଶକ ଜଣେ କୃଷି ବିଜ୍ଞାନୀ ହିଁ ହୋଇଥାନ୍ତି । ଅୟପ୍ପନ ମହୀଶୂରରେ ରହୁଥିଲେ । ମେ' ୭ ତାରିଖରେ ସେ ନିଖୋଜ ହୋଇଯାଇଥିଲେ । ତେଣୁ ତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ତାଙ୍କୁ ଶେଷ ଥର ପାଇଁ ମହୀଶୂର ସ୍ଥିତ ତାଙ୍କ ଫ୍ଲାଟରୁ ଏକ ସ୍କୁଟରରେ କେଉଁଆଡ଼େ ଯାଉଥିବାର ଦେଖିବାକୁ ମିଳିଥିଲା । କିନ୍ତୁ ସେ ଆଉ ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ ।

ପରେ ଶ୍ରୀରଙ୍ଗାପାଟଣାରୁ କାବେରୀ ନଦୀରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା । କାବେରୀ ନଦୀରେ ଏକ ମୃତଦେହ ଭାସୁଥିବା ନେଇ ପୁଲିସ ଖବର ପାଇଥିଲା । ମୃତଦେହକୁ ଉଦ୍ଧାର କରିବା ପରେ ତାହା ଅୟପ୍ପନଙ୍କର ବୋଲି ପୁଲିସ ଚିହ୍ନଟ କରିଥିଲା । ୨୦୨୨ରେ ଅୟପ୍ପନଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

# ଶେଷ ହେଲା କି ଟିମ୍ ଇଣ୍ଡିଆର ଷ୍ଟାର କଲଚର ଯୁଗ !



ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଟିମର କୋଚ ହେବା ପରେ କିଛି ବଡ ଧରଣର ପରିବର୍ତନ ହେବ ବୋଲି ଆଶା କରାଯାଉଥିଲା । ଗମ୍ଭୀର ବ୍ୟକ୍ତିଗତ ଭାବେ ଷ୍ଟାର କଲଚରକୁ ପସନ୍ଦ କରୁ ନ ଥିଲେ । ଭାରତୀୟ କ୍ରିକେଟରେ ସର୍ବଦା କୋଚଙ୍କ ଉପରେ ଖେଳାଳିଙ୍କ ପ୍ରାଧାନ୍ୟ ରହିଥାଏ । ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟରୁ ଅବସର ନେବା ପରେ କ୍ରିକେଟପ୍ରେମୀ ନିରାଶ ହୋଇ ପଡିଛନ୍ତି ।

ଇଂଲଣ୍ଡ ଗସ୍ତରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପର ପରବର୍ତୀ ଚକ୍ର ଆରମ୍ଭ ହେବ । କୋହଲି ଏବଂ ରୋହିତଙ୍କ ଖରାପ ଫର୍ମ ଗମ୍ଭୀରଙ୍କୁ ତାଙ୍କ ରଣନୀତିକୁ ଆଗକୁ ବଢ଼ାଇବାରେ ସହାୟ ହୋଇଥିଲା । ଯୁବ ଖେଳାଳି, ଫର୍ମ ଏବଂ ଫିଟନେସକୁ ଗୁରୁତ୍ୱ ଦେବା ରଣନୀତିରେ ସେ ଆଗେଇଛନ୍ତି । ବିଶେନ ସିଂ ବେଦୀ, ଗ୍ରେଗ ଚ୍ୟାପେଲ ଓ ଅନୀଲ କୁମ୍ବଲେ ଷ୍ଟାର ଖେଳାଳିଙ୍କ ଆଗରେ ବେଶୀ ଦିନ ତିଷ୍ଠି ରହିପାରି ନ ଥିଲେ । ଅପରପକ୍ଷରେ ଜନ ରାଇଟ, ଗ୍ୟାରୀ କର୍ଷ୍ଟେନ, ରବି ଶାସ୍ତ୍ରୀ ଓ ରାହୁଲ ଦ୍ରାବିଡଙ୍କ ପରି କୋଚ ଖେଳାଳିଙ୍କୁ ନେଇ ରଣନୀତି ପ୍ରସ୍ତୁତ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ ।

ଗମ୍ଭୀରଙ୍କ ରୋହିତ ଏବଂ କୋହଲିଙ୍କ ସହ ମତଭେଦ ଟିମ ମଧ୍ୟରେ ଫାଟ ସୃଷ୍ଟି କରୁଥିଲା । ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଓ ଗମ୍ଭୀର ଷ୍ଟାର କଲଚର ଶେଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଆଉ ଏଥିରେ ସେମାନେ ଏବେ ସଫଳ ହୋଇଛନ୍ତି । ଯୁବ ଖେଳାଳିମାନେ ତାଙ୍କ କ୍ୟାରିୟର ସଜାଡିବା ପାଇଁ କୋଚଙ୍କ କଥା ମାନିବାକୁ ବାଧ୍ୟ ହେବେ । ଅନ୍ୟ ଅର୍ଥରେ ଏବେଠାରୁ ଗମ୍ଭୀର ଯୁଗ ଆରମ୍ଭ ହୋଇଛି ।

ଟେଷ୍ଟ କ୍ରିକେଟରେ କୋହଲିଙ୍କ ସ୍ଥାନ ଭରଣା କରିବା ଏତେ ସହଜ ନୁହେଁ । ବିଦେଶ ମାଟିରେ ବଡ ଖେଳାଳିଙ୍କ ଅଭିଜ୍ଞତା ବହୁତ କାମ ଦେଇଥାଏ । ଗମ୍ଭୀର ସମ୍ପୂର୍ଣ୍ଣ ବାଜି ଲଗାଇ ଦେଇଛନ୍ତି । ଏହା ତାଙ୍କ ପାଇଁ ବୁମେରାଂ ମଧ୍ୟ ସାବ୍ୟସ୍ତ ହୋଇପାରେ । ନିକଟରେ ଭାରତ ୨ଟି ଆଇସିସି ଟ୍ରଫି ଜିତିଲା ଏଥିରେ ରୋହିତ ଓ କୋହଲିଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା ଛ ଏବେ ଏହି ଖେଳାଳି ୨୦୨୭ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ଦଳରେ ରହୁଛନ୍ତି କି ନାହିଁ ତାହା ଦେଖିବା କଥା । ରୋହିତ ଓ କୋହଲି ମଧ୍ୟ ଅବସର ନେଇ ପରୋକ୍ଷରେ ଗମ୍ଭୀରଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି ଯେ, ଆମ ବିନା ଭଲ ପ୍ରଦର୍ଶନ କରି ଦେଖାଅ । ଆଉ କିଛି ସିନିୟର ଖେଳାଳି ମଧ୍ୟ ଅବସର ନେବେ ବୋଲି ଆଲୋଚନା ହେଉଛି ।

୩ଟି ଯାକ ଫର୍ମାଟରେ ଅଲଗା ଅଲଗା ଅଧିନାୟକ, ଯୁବ ଖେଳାଳି ଓ ଷ୍ଟାର କଲଚର ଶେଷ କରି ଗମ୍ଭୀର ଏବଂ ଅଗରକର ଏକ ବଡ ଚାଲ ଚଳାଇଛନ୍ତି । ଏହା ଭାରତୀୟ କ୍ରିକେଟକୁ ଆଗକୁ ନେଉଛି କି ବ୍ୟାକଫୁଟକୁ ତାହା ସମୟ କହିବ । ତେବେ ଏହା ସତ୍ୟ ଭାରତୀୟ ଟେଷ୍ଟ କ୍ରିକେଟରେ କୋହଲିଙ୍କ ଆବଶ୍ୟକତା ଆଉ କିଛି ଦିନ ରହିଥିଲା ।

## ବଢିଲା ଫ୍ରାଞ୍ଚାଇଜଙ୍କ ଟେନସନ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ପୁଣି ଥରେ ଆରମ୍ଭ କରିବାକୁ ଘୋଷଣା କରିଛି । ଚଳିତ ସଂସ୍କରଣରେ ଆଉ ୧୭ଟି ମ୍ୟାଚ୍ ବାକି ରହିଛି । ମେ ୧୭ରୁ ପୁଣି ଆରମ୍ଭ ହେଉଥିବା ଆଇପିଏଲରେ ଅବଶିଷ୍ଟ ମ୍ୟାଚ୍ ୬ଟି ସହରରେ ଖେଳାଯିବ । ଫାଇନାଲ୍ ମ୍ୟାଚ୍ ଜୁନ ୩ରେ ଆୟୋଜିତ ହେବ । ତେବେ ପାକିସ୍ତାନ ସହ ଉତ୍ତେଜନା କାରଣରୁ ଗୋଟିଏ ସପ୍ତାହ ଆଇପିଏଲ୍ ସ୍ଥଗିତ ହେବାରୁ ଫ୍ରାଞ୍ଚାଇଜଙ୍କୁ କ୍ଷତି ସହିବାକୁ ପଡ଼ିବ ।



ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ଆଇପିଏଲ୍ ୨୦୨୫ ଜୁନ ୩ ତାରିଖରେ ସରିବ । ଅନ୍ୟପଟେ ମେ ଶେଷ ଆଡ଼କୁ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡର ପୁଣି ଆରମ୍ଭ ହେବାକୁ ଯାଉଛି । ତେଣୁ ଆଇପିଏଲର ଅବଶିଷ୍ଟ ମ୍ୟାଚରେ ବିଦେଶୀ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ଦେଖା ଦେଇଛି । ମେ ୧୭ ତାରିଖରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ମେ ଶେଷ ଆଡ଼କୁ ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡର ସକ୍ରିୟ ହେବ ଏବଂ ଦଳଗୁଡ଼ିକ ପ୍ରସ୍ତୁତିରେ ଜୁଟିଯିବେ । ମେ ୨୯ରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଶୃଙ୍ଖଳା ଆରମ୍ଭ ହେବ । ଏହାର ବଡ଼ ପ୍ରଭାବ ଆଇପିଏଲ୍ ଉପରେ ପଡ଼ିବ । କାରଣ ୱେଷ୍ଟଇଣ୍ଡିଜର ଖେଳାଳି ରୋମାରିଓ ସେଫର୍ଡ (ଆରସିବି), ସମର ଯୋଶେଫ (ଏଲଏସଜି), ଶେରଫାନେ ରଦରଫୋର୍ଡ (ଜିଟି)ଙ୍କ ପାଇଁ ଖେଳିବା ମୁସ୍କିଲ ହୋଇପାରେ ।

ଅନ୍ୟପଟେ ଜୋସ ବଟଲର (ଜିଟି), ଫିଲ ସଲ୍ଟ (ଆରସିବି), ଜ୍ୟାକବ ବେଥଲ (ଆରସିବି), ଲିୟାମ ଲିଭିଙ୍ଗଷ୍ଟୋନ (ଆରସିବି), ୱିଲ ଜ୍ୟାକ୍ସ (ଏମଆଇ) ଓ ରିସ ଟପଲି (ଏମଆଇ) ମଧ୍ୟ ଅନ୍ତର୍ଜାତୀୟ ମ୍ୟାଚ୍ କାରଣରୁ ଆଇପିଏଲ୍ ଛାଡ଼ିବାକୁ ବାଧ୍ୟ ହେବେ । ପୁଣି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୁନ ୧୧ରେ ଲର୍ଡସରେ ଖେଳାଯିବ । ତେଣୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଆଇପିଏଲର ବାକି ମ୍ୟାଚ୍ ଖେଳିବା ନେଇ ସଂଶୟ ଦେଖା ଦେଇଛି । ଫଳରେ ମିଚେଲ୍ ଷ୍ଟାର୍କ (ଡିସି), ଟ୍ରିଷ୍ଟନ ଷ୍ଟବ୍ସ (ଡିସି), ଜୋଶ ହାଜଲେଉଡ (ଆରସିବି), ମାର୍କୋ ଜନସେନ ଓ ଜୋଶ ଇଙ୍ଗ୍ଲିଶ (ପଞ୍ଜାବ କିଙ୍ଗ୍ସ), ଆଡନ ମାରକ୍ରମ (ଏଲଏସଜି), କାଗିସୋ ରାବଡ଼ା (ଜିଟି) ଓ ରିୟାନ ରିକଲଟନ (ଏମଆଇ)ଙ୍କ ପରି ବଡ଼ ଖେଳାଳି ଆଇପିଏଲରେ ନିଜ ଦଳରେ ଯୋଗ ଦେବା ମୁସ୍କିଲ ମନେ ହେଉଛି ।

## ଫାଓ ୟୁଥ୍ ଲିଗ୍
## ଚୌଦ୍ୱାର ବିଜୟୀ, ଫାଓ-ମଙ୍ଗଳା କ୍ଲବ୍ ଡ୍ର



ଭୁବନେଶ୍ୱର, ୧୩।୫ (ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ଘରୋଇ ପ୍ରତିଯୋଗିତା ୧୭ ବର୍ଷରୁ କମ୍ ଫାଓ ୟୁଥ୍ ଲିଗ୍‌ର ୪ର୍ଥ ମ୍ୟାଚ୍‌ଟି ମଙ୍ଗଳାବାଗ୍‌ର ବୋସ୍ କମ୍ପ୍ଲେକ୍ସରେ ଫାଓ ଏକାଡେମୀ ଓ ମଙ୍ଗଳା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ଗୋଲ୍‌ଶୂନ୍ୟ ଭାବେ ଡ୍ର’ ରହିଛି । ତେଣୁ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି । ପଞ୍ଚମ ମ୍ୟାଚ୍‌ରେ ୱାଇଏଏଫ୍‌ସି ଚୌଦ୍ୱାର ୨-୦ ଗୋଲ୍‌ରେ ବିଡ଼ାନାସୀ କ୍ଲବ୍‌କୁ ହରାଇଛି । ବିଜୟୀ ଚୌଦ୍ୱାରର ଅଭିଶେକ ଏକ୍କା ୫୩ତମ ମିନିଟ ଓ ପ୍ରଭାକର ବାସ୍କେ ୮୦ତମ ମିନିଟରେ ଗୋଲ୍ କରିଥିଲେ ।

## ପଡ଼ିଆରେ ବିଦାୟୀ ସମ୍ବର୍ଦ୍ଧନା ପାଇଲେନି ବିରାଟ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଅନ୍ତର୍ଜାତୀୟ ଟେଷ୍ଟରୁ ଅବସର ଘୋଷଣା କରିଥିବା ବିରାଟ କୋହଲିଙ୍କ ପାଇଁ କିଛି କଥା ଅଲିଭା ହୋଇ ରହିବ । ଭିତରେ ଭିତରେ ତାଙ୍କୁ ଦୁଃଖ ମଧ୍ୟ ଦେବ । ଟେଷ୍ଟ କ୍ରିକେଟରେ ୧୦ହଜାର ରନ ପୂରଣ ସାଙ୍ଗକୁ ପଡ଼ିଆରେ ବିଦାୟୀ ସମ୍ବର୍ଦ୍ଧନା ମଧ୍ୟ ପାଇପାରିଲେନି ବିରାଟ । କୋହଲି ଆଉ ୭୭୦ ରନ ସଂଗ୍ରହ କରିଥିଲେ ଟେଷ୍ଟ କ୍ରିକେଟରେ ୧୦ ହଜାର ରନ ପୂରଣ କରିଥାନ୍ତେ । ସେ ୧୨୩ ମ୍ୟାଚ୍‌ରେ ୩୦ ଶତକ ସହ ୯୨୩୦ ରନ୍ ସଂଗ୍ରହ କରିଛନ୍ତି ।

ଭାରତ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦୁଇଥର ପ୍ରବେଶ କରିଛି । ୨୦୨୧ରେ କୋହଲିଙ୍କ ନେତୃତ୍ୱରେ ଭାରତ ଟାଇଟଲ୍ ଲଢ଼େଇରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହୋଇଥିଲା । ୨୦୨୩ରେ ମଧ୍ୟ ଭାରତ ଫାଇନାଲ୍‌କୁ ଯାଇଥିଲେ ବି ରୋହିତଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଥିଲା । ଦୁଇଥର ଫାଇନାଲକୁ ଯାଇଥିବା ଭାରତୀୟ ଦଳ ସହ ଥିଲେ ବିରାଟ । ଏହା ମଧ୍ୟ ତାଙ୍କ ଟେଷ୍ଟ କ୍ୟାରିୟରର ଏକ ଅବଶୋଷ ହୋଇ ରହିବ ।

ଉପଯୁକ୍ତ ସମ୍ମାନ ଓ ପ୍ରିୟ ପ୍ରଶଂସକଙ୍କ ଉପସ୍ଥିତିରେ କ୍ରିକେଟକୁ ଅଲବିଦା କହିବା ଏକ ନିଆରା ଅନୁଭୂତି ହୋଇଥାଏ । କୋହଲିଙ୍କୁ ଏହି ସୁଯୋଗ ମିଳିଲା ନାହିଁ । ଟି-୨୦ ବିଶ୍ୱକପ ଜିତିବା ପରେ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଟି-୨୦ରୁ ଅବସର ଘୋଷଣା କରିଥିଲେ । ଟ୍ରଫି ସହ ସସମ୍ମାନେ ଏମାନେ ଘରକୁ ଫେରିଥିଲେ ।

ପାକିସ୍ତାନ ମାଟିରେ ଭାରତ ପକ୍ଷରୁ ବିରାଟ କୋହଲି ଟେଷ୍ଟ ଖେଳିବାର ସୁଯୋଗ ପାଇନାହାନ୍ତି । କୋହଲିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହେବା ସମୟରେ ଭାରତ-ପାକ୍ ସମ୍ପର୍କରେ ତିକ୍ତତା ଆସିଯାଇଥିଲା । ପାଖାପାଖି ୧୪ ବର୍ଷ ହେବ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳାଯାଇ ନାହିଁ । କୋହଲି ତାଙ୍କ ଟେଷ୍ଟ କ୍ୟାରିୟର୍‌ରେ ୩୦ ଶତକ ମାରିଛନ୍ତି । ଦିନିକିଆରେ ସଚିନଙ୍କୁ ଶତକରେ ପଛରେ ପକାଇଥିଲେ । କିନ୍ତୁ ଟେଷ୍ଟରେ ସଚିନଙ୍କୁ ଟପିପାରି ନାହାନ୍ତି । ସଚିନ୍ ଟେଷ୍ଟରେ ୪୯ଟି ଶତକ ହାସଲ କରିଥିଲେ ।

# ବୃନ୍ଦାବନ ଗଲେ ବିରାଟ



ନୂଆଦିଲ୍ଲୀ,୧୩।୫ (ଏଜେନ୍ସି): ଭାରତର ରନ୍ ମେସିନ୍ ବିରାଟ କୋହଲି ଟେଷ୍ଟ ଫର୍ମାଟରୁ ଅବସର ନେଇଥିଲେ । ଆଉ ଅବସର ନେବାର ଠିକ୍ ପରେ ଅର୍ଥାତ୍ ମଙ୍ଗଳବାର ତାଙ୍କ ପନ୍ନୀ ଅନୁଷ୍କା ଶର୍ମାଙ୍କ ସହ ସେ ବୃନ୍ଦାବନ ଧାମ ଯାତ୍ରା କରି ସେଠି ସେମାନଙ୍କର ଆଧ୍ୟାତ୍ମିକ ମାର୍ଗଦର୍ଶକ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଛନ୍ତି।

ପୂର୍ବରୁ ମଧ୍ୟ ଦୁଇଥର ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ତାଙ୍କ ସାନିଧ୍ୟ ଲାଭ କରିଛନ୍ତି ବିରୁଷ୍କା । ହେଲେ ଏବେ ତାଙ୍କ ଅବର୍ଣ୍ଣନନୀୟ ୧୪ ବର୍ଷର ଟେଷ୍ଟ କ୍ୟାରିୟରରୁ ସେ ସନ୍ୟାସ ଗ୍ରହଣ କରିବାର ପରଦିନ ସିଧା ମହାରାଜଙ୍କୁ ଭେଟିଛନ୍ତି ବିରାଟ । ଜୀବନର ଏକ ଅଧ୍ୟାୟରୁ ବିରାଟ ବିରତି ନେବା ପରେ ମହାରାଜଙ୍କ ଆଶୀର୍ବାଦ ଲୋଡିଛନ୍ତି ।

ମେ ୧୨ରେ ନିଜର ଇନଷ୍ଟାଗ୍ରାମ ପୋଷ୍ଟରେ ଭାବୁକ କ୍ୟାପସନ ଲେଖି ଟେଷ୍ଟ ମ୍ୟାଚକୁ ସବୁଦିନ ପାଇଁ ବାଏ ବାଏ କହିଛନ୍ତି । ଟେଷ୍ଟ କ୍ରିକେଟରେ ୧୪ ବର୍ଷ ହୋଇଗଲାଣି । ସତ କହିବାକୁ ଗଲେ, ଏହି ଫର୍ମାଟ୍ ମୋତେ କେଉଁ ଯାତ୍ରାରେ ନେଇଯିବ ତାହା ମୁଁ କେବେ କଳ୍ପନା କରି ନଥିଲି । ଏହା ମୋତେ ପରୀକ୍ଷା କରିଛି, ମୋତେ ଗଢିଛି ଏବଂ ଜୀବନ ସାରା ମୁଁ ଯାହା ଶିଖାଇଛି ତାହା ଶିଖିଛି । ଧଳା ରଙ୍ଗରେ ଖେଳିବା ବିଷୟରେ କିଛି ଗଭୀର ବ୍ୟକ୍ତିଗତ କଥା ଅଛି । ନୀରବ ପିନ୍ଧା, ଲମ୍ବା ଦିନ, ଛୋଟ ମୁହୂର୍ତ୍ତ ଯାହାକୁ କେହି ଦେଖନ୍ତି ନାହିଁ କିନ୍ତୁ ତାହା ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ । ଯେତେବେଳେ ଏହି ଫର୍ମାଟରୁ ମୁଁ ଓହରିଯାଉଛି, ଏହା ସହଜ ନୁହେଁ । କିନ୍ତୁ ଏହା ଠିକ୍ ବୋଲି ଅନୁଭବ କରିଛନ୍ତି ବିରାଟ । ମୁଁ ଏହାକୁ ମୋର ସବୁକିଛି ଦେଇଛି ଏବଂ ଏହା ମୋତେ ଆଶା ଠାରୁ ବି ବହୁତ ଅଧିକ ଫେରାଇ ଦେଇଛି । ମୁଁ କୃତଜ୍ଞତାରେ ପୂର୍ଣ୍ଣ ହୃଦୟ ସହିତ ବିଦାୟ ନେଉଛି । ଖେଳ ପାଇଁ, ମୁଁ ଯେଉଁମାନଙ୍କ ସହିତ ଫିଲ୍ଡ ସେୟାର କରିଥିଲି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯେଉଁମାନେ ମୋତେ ଏହି ରାସ୍ତାରେ କିଛି କରିଥିବାର ଅନୁଭବ କରାଇଥିଲେ । ମୁଁ ସର୍ବଦା ହସ ସହିତ ମୋର ଟେଷ୍ଟ କ୍ୟାରିୟରକୁ ପଛକୁ ଚାହିଁବି ବୋଲି ନିଜ ହୃଦୟସ୍ପର୍ଶୀ ପୋଷ୍ଟରେ ଲେଖିଥିଲେ ବିରାଟ ।



# କିଏ ଭାଙ୍ଗିବେ ସଚିନଙ୍କ ଶତକ ରେକର୍ଡ଼ ?

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବାପରେ ସଚିନ ତେନ୍ଦୁଲକରଙ୍କ ଶତକରେ ଶତକ ରେକର୍ଡ଼ ଅତୁଟ ରହିବ ବୋଲି ଆଶା କରାଯାଉଛି । କାରଣ କୋହଲି ୮୨ଟି ଶତକ ସହ ତାଙ୍କ ପାଖାପାଖି ହୋଇଥିଲେ । ୨୦୧୨ରେ ଏହି କ୍ରମରେ ସଚିନ କହିଥିଲେ, ତାଙ୍କ ରେକର୍ଡ଼ ବିରାଟ କୋହଲି କିମ୍ବା ରୋହିତ ଶର୍ମା ଭାଙ୍ଗିବାର ଦକ୍ଷତା ରହିଛି । ଯଦି କୋହଲି ଆଗାମୀ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ଦଳରେ ରୁହନ୍ତି, ତେବେ ସମ୍ଭବତଃ ଏହି ରେକର୍ଡ଼ ଭାଙ୍ଗିପାରେ ।

କୋହଲିଙ୍କ ପଛକୁ ଅନ୍ତର୍ଜାତୀୟ କ୍ରିକେଟରେ ରିକି ପଣ୍ଟିଂ ୭୧ଟି, କୁମାର ସାଙ୍ଗାକାରା ୬୩ଟି, କାଲିସ ୬୨ଟି, ହାସିମ୍ ଆମ୍‌ଲା ୫୫ ଓ ମହେଲା ଜୟବର୍ଦ୍ଧନେ ୫୪ଟି ଶତକ ମାରିଥିଲେ ମଧ୍ୟ ଏମାନେ ସମସ୍ତେ କ୍ରିକେଟରୁ ଅବସର ନେଇସାରିଛନ୍ତି । ଏବେ କେବଳ ଜୋ ରୁଟ ୫୩ଟି ଶତକ, ଷ୍ଟିଭେନ୍ ସ୍ମିଥ ୪୮ ଓ କେନ୍ ୱିଲିୟମସନ୍ ୪୮ଟି ଶତକ ସହ ଏହି ଦୌଡ଼ର ବହୁ ପଛରେ ଅଛନ୍ତି । ଏହି ତିନିଜଣ ଖେଳାଳି ସଚିନଙ୍କୁ ଟପିବା ସମ୍ଭବ ମନେହେଉ ନାହିଁ । ୨୦୨୭ ବିଶ୍ୱକପ ଦ.ଆଫ୍ରିକା, ଜିମ୍ବାୱେ ଓ ନାମ୍ବିୟାରେ ଆୟୋଜିତ ହେବ । ଏହା ପୂର୍ବରୁ ଭାରତୀୟ ଦଳ ଏସିଆ କପ୍ ସହ ବାଂଲାଦେଶ, ଅଷ୍ଟ୍ରେଲିଆ, ଦ.ଆଫ୍ରିକା, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ୨୭ଟି ଦିନିକିଆ ମ୍ୟାଚ୍ ଖେଳିବ । କୋହଲି ଚମତ୍କାର ପ୍ରଦର୍ଶନ ଜାରି ରଖିଲେ ଏହା କେବଳ ତାଙ୍କ ପକ୍ଷେ ସମ୍ଭବ ମନେହେଉଛି । କାରଣ କୋହଲି ଶତକରେ ଶତକ ଅର୍ଜନ କରିବା ପାଇଁ ଆଉ ୧୮ଟି ଶତକ ପଛରେ ରହିଛନ୍ତି ।

ଦିନିକିଆ କ୍ରିକେଟ୍‌ରେ ସଚିନଙ୍କ ସର୍ବାଧିକ ୫୧ଟି ଶତକର ରେକର୍ଡ଼ ମଧ୍ୟ କୋହଲି ଭାଙ୍ଗିଛନ୍ତି । ୩୦ ମ୍ୟାଚ୍‌ରୁ ୧୮ ଶତକ ହାସଲ ସହଜ ହୋଇ ନଥିଲେ ମଧ୍ୟ ଅସମ୍ଭବ ନୁହେଁ । ଏହା ବ୍ୟତୀତ ସେ ଦିନିକିଆ ବିଶ୍ୱକପରେ ଖେଳିବେ । ଟିମ୍ ଇଣ୍ଡିଆରେ ତିଷ୍ଠି ରହିବାକୁ ହେଲେ କୋହଲିଙ୍କୁ ଜମାଣିଆ ପ୍ରଦର୍ଶନ ଜାରି ରଖିବାକୁ ପଡ଼ିବ ।



**କଟକ ସଦର ଅଞ୍ଚଳରେ କରାଟେ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ।**

## ରାଜ୍ୟ କରାଟେ: ଖୋର୍ଦ୍ଧା ଜିଲ୍ଲାକୁ ୫ ସ୍ୱର୍ଣ୍ଣ, ୨୪ ରୌପ୍ୟ

ବାଲୁଗାଁ, ୧୩।୫ (ସବ୍ୟୁ) : ଚଳିତ ମାସ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ୩୭ ତମ ଉପକନିଷ୍ଠ ଓ ୩୬ ତମ କ୍ୟାଡେଟ , ଜୁନିଅର କରାଟେ ପ୍ରତିଯୋଗିତା ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ରାଜ୍ୟରୁ ପ୍ରାୟ ୭୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଖୋର୍ଦ୍ଧା ଜିଲ୍ଲାରୁ ୩୬ ଜଣ ବାଳକ ଓ ବାଳିକା ଭାଗ ନେଇଥିଲେ।ପ୍ରତିଯୋଗୀ ମାନେ ପ୍ରଶିକ୍ଷକ କ୍ୟୋସୀ ଦୀପକ କୁମାର ସାମନ୍ତରା ଓ ସିହାନ୍ ଅରବିନ୍ଦ ବାରିକଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରନ୍ତି।

ପ୍ରତିଯୋଗିତା ପାଇଁ ଦଳକୁ ଜିଲ୍ଲା ଟିମ୍ ମ୍ୟାନେଜର ପ୍ରତାପ କେଶରୀ ଜେନା ଓ କୋଚ୍ ସଂଗ୍ରାମ ନାୟକ, ଦୀପଶିଖା ସାମନ୍ତରା, ସଲୋନୀ ପାତ୍ର ପ୍ରତିଯୋଗୀ ମାନଙ୍କୁ ନେଇ ଅଂଶ ଗ୍ରହଣ କରାଇଥିଲେ । ସ୍ୱର୍ଣ୍ଣ ପଦକ ବିଜେତା ମାନେ ହେଲେ ରୋହନ ସ୍ୱାଇଁ, ଦିବ୍ୟାଙ୍ଗନା ସାମନ୍ତରା, ଏମ ସାଇ ହେମକେସ, ଦିବ୍ୟାଂଶି ବାନଶି ଓ ଆଦିତ୍ୟରାଜ ପ୍ରଧାନ ରୌପ୍ୟ ପଦକ ବିଜେତା ମାନେ ହେଲେ ସ୍ୱେତାଲିନ୍ ସାହୁ,ଏମ ସାଇ ହେମ୍‌କେସ, ରୁଦ୍ର ପ୍ରସାଦ ଶତପଥୀ, ରିତେଶ କୁମାର, ଟିମ୍ କାତା ଓ କାଂସ୍ୟ ପଦକ ମାନେ ହେଲେ କୃତି ଦୀପନ, ରାଜୁ ଲାଲ, ଅଦିତି ମହାନ୍ତି, ପ୍ରତ୍ୟୁଷା ହାତୀ, ବିଶ୍ୱଜିତ ନାୟକ, ରୁଦ୍ର ପ୍ରସାଦ ଶତପଥୀ, ସ୍ମୃତି ସ୍ୱାଗତିକା, ଶ୍ରେହାନଦିପ ବିଶ୍ୱାଳ, ସୌମ୍ୟା ମହାନ୍ତି, ଅମିତ ଗାଇନ, ଶୁଭମ୍ ପ୍ରଧାନ, ସାଇ ଦିଗବିଜୟ, ଦିବ୍ୟାନସି ବାନ୍ସି ଓ ଦିବ୍ୟାଙ୍ଗନା ସାମନ୍ତରା । ଏହି ପ୍ରତିଯୋଗିତା ରେ ସ୍ୱର୍ଣ୍ଣ ପଦକ ପାଇଥିବା ପ୍ରତିଯୋଗୀ ମାନେ ଉତ୍ତରାଖଣ୍ଡର ଡେରାଡୁନ ଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି । ଜିଲ୍ଲା କରାଟେ ସଂଘର ସମ୍ପାଦକ କ୍ୟୋସୀ ଦୀପକ କୁମାର ସାମନ୍ତରା ସମସ୍ତ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଅଭ୍ୟାସ ର ବ୍ୟବସ୍ଥା କରିଛନ୍ତି । ଏହି ଅବସରରେ ଅଭିଭାବକ ମାନେ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅନୁଗୁଳ କଦମ ପଡିଆରେ ଫ୍ଲଡ ଲାଇଟ ବ୍ୟବସ୍ଥାର ଭୂମିପୂଜା



ଅନୁଗୁଳ, ୧୩।୫ (ସବ୍ୟୁ) : କଦମ ପଡ଼ିଆରେ ଲାଗିବ ଫ୍ଲଡ୍ ଲାଇଟ୍ । ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଶିଳାନ୍ୟାସ କରିଥିଲା ବେଳେ ୯ ମାସ ଭିତରେ ଫ୍ଲଡ୍ ଲାଇଟ୍ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଅନୁଗୁଳରେ କ୍ରିକେଟ ଖେଳ ପାଇଁ କଦମ ପଡ଼ିଆ ବ୍ୟବହାର ହେଉଛି । ଏଠାରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା କରାଯାଉଛି । ଏହାସହିତ ଜିଲ୍ଲାର ଖେଳାଳିମାନେ ଏଠାରେ ଅଭ୍ୟାସ କରୁଛନ୍ତି । ଏଥିପାଇଁ ଏଠାରେ ଭିତ୍ତିଭୂମି ବିକାଶ କରିବାକୁ ସରକାର ପ୍ରାଥମିକ ପର୍ଯ୍ୟାୟରେ ୧ କୋଟି ୩୯ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଏହି ଟଙ୍କାରେ ଷ୍ଟାଡିୟମର ଭିତ୍ତିଭୂମି ବିକାଶ ସହ ଫ୍ଲଡ୍ ଲାଇଟ୍ ଲାଗିବ । ଏଣୁ ଏଥର ରାତିରେ ବି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରିବ ।

ସୂଚନା ଅନୁସାରେ, ଏଠାରେ ୬ଟି ଖୁଣ୍ଟରେ ଫ୍ଲଡ୍ ଲାଇଟ୍ ଲଗାଯିବ । ଗୋଟିଏ ଗୋଟିଏ ଖୁଣ୍ଟରେ ୨୨ଟି ଲେଖାଏଁ ଲାଇଟ୍ ଲାଗିବ । ଏହି ଲାଇଟ୍ ଲାଗିବା ପାଇଁ ଦୁଇଟି ଡିଜି ସେଟ୍ କିଣାଯିବ ଓ ଗୋଟିଏ ନିୟନ୍ତ୍ରଣ କକ୍ଷ ରହିବ ବୋଲି ଜଣାପଡ଼ିଛି । ଉଚ୍ଚମାନର ଲାଇଟ୍ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଏଥିପାଇଁ ଆବଶ୍ୟକ ଟଙ୍କା ପ୍ରଦାନ କରିବାକୁ ସରକାରଙ୍କୁ ଆଉ ଥରେ ଅନୁରୋଧ କରାଯିବ । ଦୁଇ ମାସ ଭିତରେ ଲାଇଟ୍ ଲାଗିବା କାମ ଶେଷ କରିବା ସହ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷା ଆସିବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଶେଷ କରାଯିବ । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅନୁଗୁଳ ଜିଲ୍ଲାପାଳ ଅବଦାଲ ଏମ ଅଖତର, ନଗରପାଳ ଅକ୍ଷୟ ସାମନ୍ତ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଂପାଦକ ସାଗରନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି